

ଯା ଦେବୀ ସର୍ବଭୂତେଷୁ...........

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୨ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 02 MARCH 2024

Vol.No. 35 ■ No.61 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଲୋକାର୍ପିତ ହେଲା ବାବା ସାହେବ ଭୀମ୍‌ରାଓ ଆମ୍ବେଦକର ବସ୍ ଟର୍ମିନାଲ

ଭୁବନେଶ୍ୱର, ୦୧/୩ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ନବନିର୍ମିତ ବାବା ସାହେବ ଭୀମ୍‌ରାଓ ଆମ୍ବେଦକର ବସ୍ ଟର୍ମିନାଲ ଲୋକାର୍ପିତ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏହି ବସ୍ ଟର୍ମିନାଲ୍‌କୁ ଲୋକାର୍ପିତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ବସ୍ ଟର୍ମିନାଲ ଯାତ୍ରୀମାନଙ୍କୁ ଉତ୍ତମ ସେବା ଯୋଗାଇଦେବାରେ ସଫଳ ହେବ । ଭୁବନେଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଲ୍ୟାଣ୍ଡମାର୍କ ହୋଇ ରହିବା ସହିତ ସାରା ଓଡ଼ିଶାରେ ଏକ ନୂଆ ପରିଚୟ ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଆମ ସମ୍ବିଧାନ ପ୍ରସ୍ତୁତ କରିବାରେ ବାବା ସାହେବ ଭୀମ୍‌ରାଓ ଆମ୍ବେଦକରଙ୍କ ମୁଖ୍ୟ ଭୂମିକା ରହିଥିଲା । ଭାରତୀୟ



ସମ୍ବିଧାନର ପ୍ରଣେତା ଭାବେ ସେ ଜଣାଶୁଣା । ଦେଶ ପାଇଁ ତାଙ୍କ ଅବଦାନକୁ ସମ୍ମାନ ଜଣାଇ ତାଙ୍କ ନାଁରେ ଏହି ବସ୍ ଟର୍ମିନାଲ ଓଡ଼ିଶା ସରକାର ନାମିତ କରାଯାଇଛି । ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ବାବା ସାହେବଙ୍କ ପ୍ରତି ଓଡ଼ିଶାବାସୀଙ୍କ ଏହା ହେଉଛି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ବାବା ସାହେବଙ୍କ ଅବଦାନ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବସ୍ ଟର୍ମିନାଲ ଭିତରେ ବାବା ସାହେବଙ୍କ ଜୀବନ ଓ ଆଦର୍ଶ ଉପରେ ଆଧାରିତ ଏକ ଗ୍ୟାଲେରୀ ମଧ୍ୟ କରାଯାଇଛି ମୁଖ୍ୟମନ୍ତ୍ରୀ କହିଛନ୍ତି ।୫-ଟି ଉପକ୍ରମରେ ହୋଇଥିବା ଏହି ବସ୍ ଟର୍ମିନାଲ ବସ୍ ମାଲିକ, ବ୍ୟବସାୟୀ, ଯାତ୍ରୀ ତଥା ସମସ୍ତ ଜନସାଧାରଣଙ୍କ ସହଯୋଗରେ ନିର୍ମିତ ହୋଇଛି । ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ସେଥିପାଇଁ ଧନ୍ୟବାଦ ଜଣାଇ କହିଥିଲେ ଯେ ଏହି ବସ୍ ଟର୍ମିନାଲ୍‌ରେ ଯାତ୍ରୀମାନଙ୍କୁ ଉତ୍ତମ ସେବା ଯୋଗାଇଦେବା ପାଇଁ ସବୁ ପ୍ରକାର ସୁବିଧା କରାଯାଇଛି । ଏଠାରେ ଜରୁରୀ କାଳୀନ ଚିକିତ୍ସାଠାରୁ ଆରମ୍ଭ କରି ବ୍ୟବସାୟିକ କମ୍ପ୍ଲେକ୍ସ, ଏସ୍କାଲେଟର, ଲିଫ୍ଟ, ପ୍ରତିକ୍ଷାଳୟ, ପୋଲିସ୍ ଫାଣ୍ଡି, ଡ୍ରାଇଭରମାନଙ୍କ ବିଶ୍ରାମ କକ୍ଷ, ଆହାର କେନ୍ଦ୍ର, ଫୁଡ୍ କୋର୍ଟ ଆଦି ସମସ୍ତ ସୁବିଧା ରହିଛି । ଏୟାରପୋର୍ଟ ଭଳି ଯାତ୍ରୀମାନେ ଏଠାରେ ସବୁ ସୁବିଧା ପାଇ ପାରିବେ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଏହି ବସ୍ ଟର୍ମିନାଲର ଉପଯୁକ୍ତ ▶▶ପୃଷ୍ଠା ୭

## ପେଟିଏମକୁ ୫.୪୯ କୋଟି ଟଙ୍କାର ଫାଇନ୍




ନୂଆଦିଲ୍ଲୀ, ୦୧/୩ : ପ୍ରିଭେସନ ଅଫ ମନି ଲଣ୍ଡରିଂ ଆକ୍ଟ ଅଧୀନରେ ସଂସ୍ଥା ନିୟମ ଉଲ୍ଲଙ୍ଘନ କରିଛି । ଏଥିପାଇଁ ୟୁନିଟ ପକ୍ଷରୁ ଚବଇଙ୍ଗଞ୍ଜ ଉପରେ ୫.୪୯ କୋଟି ଟଙ୍କାର ଫାଇନ ଲାଗୁ କରାଯାଇଛି । ଆର୍ଥିକ ଗୁଇନ୍ଦା ୟୁନିଟ-ଇଣ୍ଡିଆ ଉପରେ ବଡ଼ଧରଣର ଜୋରିମାନା ଲଗାଇଛି । ପ୍ରିଭେସନ ଅଫ ମନି ଲଣ୍ଡରିଂ ଆକ୍ଟ ଅଧୀନରେ ସଂସ୍ଥା ନିୟମ ଉଲ୍ଲଙ୍ଘନ କରିଛି । ଏଥିପାଇଁ ୟୁନିଟ ପକ୍ଷରୁ ୫.୪୯ କୋଟି ଟଙ୍କାର ଫାଇନ ଲାଗୁ କରାଯାଇଛି । ସୂଚନା ମୁତାବକ ପେଟିଏମ ପିଏମଏଲଏ ଅଧୀନରେ ଥିବା ନିୟମକୁ ଉଲ୍ଲଙ୍ଘନ କରିଛି । ଏଥିସହ ଋଓଟ-ଓଘଉ ନିର୍ଦ୍ଦେଶକ ଜାରି କରିଥିବା ଗାଇଡଲାଇନ ଅନୁସାରେ କାମ କରି ନାହିଁ । ପ୍ରଥମେ ତଦନ୍ତକାରୀ ସଂସ୍ଥା ନିର୍ଦ୍ଦିଷ୍ଟ ଭାବେ ପେଟିଏମ ନିୟମ ଉଲ୍ଲଙ୍ଘନ କରିଥିବା ସୂଚନା ଦେଇଥିଲା । କିଛି ନିର୍ଦ୍ଦିଷ୍ଟ ସଂସ୍ଥା ଅନିୟମିତତା କରିଥିବା ମଧ୍ୟ କୁହାଯାଇଥିଲା । ଏଥିରେ ଅନଲାଇନ ଜୁଆ ଖେଳ ମଧ୍ୟ ରହିଥିଲା । ଏହାପରେ ଋଓଟ-ଓଘଉ ତଥ୍ୟ ଯୋଗାଡ଼ କରିବା ଆରମ୍ଭ କରିଥିଲା । କୁହାଯାଉଛି ଯେ ବେଆଇନ କାର୍ଯ୍ୟକଳାପ ଦ୍ୱାରା ଆୟ ହୋଇଥିବା ▶▶ପୃଷ୍ଠା ୭

## ଆଇପିଏସ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୦୧/୩ (ନି.ପ୍ର): ରାଜ୍ୟ ସରକାର ଆଜି ଆଇପିଏସ ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି । ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ତଥା ଅନୁଗୋଳ ପିଟିସିର ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିବା ଡକ୍ଟର ଦୀପକ କୁମାରଙ୍କୁ ପୂର୍ବାଞ୍ଚଳ ଆଇଜି ଭାବେ ବଦଳି କରାଯାଇଛି । ପୂର୍ବାଞ୍ଚଳ ଆଇଜି ଥିବା ସତ୍ୟବ୍ରତ ଭୋଇଙ୍କୁ ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ଭାବେ ବଦଳି କରାଯାଇଛି । ତା' ସହିତ ତାଙ୍କୁ ଅନୁଗୋଳ ପିଟିସିର ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ୨୦୧୧ ବ୍ୟାଚ୍‌ର ଆଇପିଏସ୍ ତଥା କେନ୍ଦ୍ରାପଡ଼ା ଏସ୍‌ପି ଥିବା ବି. ଯୁଗଳ କିଶୋରଙ୍କୁ ଖୋର୍ଦ୍ଧା ଏସ୍‌ପି ଭାବେ ବଦଳି କରାଯାଇଛି । ଖୋର୍ଦ୍ଧା ଏସ୍‌ପି ଭାବେ କାର୍ଯ୍ୟ କରୁଥିବା ୨୦୧୭ ବ୍ୟାଚ୍‌ର ଆଇପିଏସ୍ ସିଦ୍ଧାର୍ଥ କଟାରିଆଙ୍କୁ କେନ୍ଦ୍ରାପଡ଼ା ଏସ୍‌ପି ଭାବେ ବଦଳି କରାଯାଇଛି ।

## ରାମେଶ୍ୱରମ କାଫେରେ ବିସ୍ଫୋରଣ

ବେଙ୍ଗାଲୁରୁ, ୦୧/୩ : ବେଙ୍ଗାଲୁରୁର କୁଣ୍ଡଲହଲ୍ଲୀରେ ଥିବା ରାମେଶ୍ୱରମ କାଫେରେ ଆଜି ଅପରାହ୍ନ ପ୍ରାୟ ଗୋଟାଏ ବେଳେ ବୋମା ବିସ୍ଫୋରଣ ଘଟି ୯ ଜଣ ଆହତ ହୋଇଛନ୍ତି । ପ୍ରଥମେ ବିସ୍ଫୋରଣ କାରଣ ଜଣାପଡ଼ି ନଥିଲେ । ପରେ କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ସ୍ପଷ୍ଟ କରିଥିଲେ ଯେ ବୋମା ଫାଟିବା ଯୋଗୁ ଏହି ବିସ୍ଫୋରଣ ଘଟିଥିଲା । ଏନ୍‌ଆଇଏର ଏକ ଟିମ୍ ସହିତ ବୋମା ନିଷ୍କ୍ରିୟକାରୀ ଦଳ ଓ ଫରେନ୍‌ସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ପରେ ଏହା ବୋମା ବିସ୍ଫୋରଣ ବୋଲି ଜଣାପଡ଼ିଥିଲା । ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା କହିଛନ୍ତି ଯେ ବିସ୍ଫୋରଣରେ ଆଇଇଡି ବ୍ୟବହାର କରାଯାଇଥିଲା । ରାମେଶ୍ୱରମ କାଫେରେ ବୋମା ବିସ୍ଫୋରଣର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି । ଅନ୍ୟପକ୍ଷରେ କିଏ ଏହି କାର୍ଯ୍ୟ କରିଛି ଓ ଏହା ପଛରେ କ'ଣ ଉଦ୍ଦେଶ୍ୟ ଥିଲା, ତାହା ଜଣାପଡ଼ିନାହିଁ । ତଦନ୍ତ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଘଟଣାରେ ୯ ଜଣ ଆହତ ହୋଇଥିବା ବେଳେ ସମସ୍ତଙ୍କୁ ବ୍ରୁକ୍‌ଫିଲ୍ଡ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି ।

## ଖଣି ଦୁର୍ନୀତି ମାମଲା : କୋଲକତାରୁ କେନ୍ଦୁଝର ୧୫ଟି ସ୍ଥାନରେ ଚଢ଼ାଉ କଲା ଇଡି



ଭୁବନେଶ୍ୱର, ୦୧/୩ (ନି.ପ୍ର): ପୁଣି ଥରେ ଚର୍ଚ୍ଚାକୁ ଫେରିଛି ଉଲିବୁରୁ ଖଣି ଦୁର୍ନୀତି ମାମଲା । ଏହି ଲିଙ୍କରେ ଖଣି ଲିଜ ହୋଲଡର ଏବଂ ଅପରେଟରଙ୍କ ଘର ସମେତ ୧୫ଟି ସ୍ଥାନରେ ହୋଇଛି ବଡ ଧରଣର ଚଢାଉ । ଓଡିଶା ଏବଂ ଓଡିଶା ବାହାରେ ଏହି ସବୁ ଚଢ଼ାଉ କରାଯାଇଛି । କୋଲକାତାରେ ରେଡ ସହ କେନ୍ଦୁଝରର ବଡ଼ବିଲ, ଝାରସୁଗୁଡ଼ା, ରାଉରକେଲା, ଭୁବନେଶ୍ୱରରେ ବି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ବି ଚଢ଼ାଉ ଚାଲିଛି । ଉଲିବୁରୁ ଖଣିରେ ୧,୮୦୦ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା । ଏହାପରେ ୨୦୧୩ ସେପ୍ଟେମ୍ବରରେ ଦୀପକ ଗୁପ୍ତାଙ୍କୁ ଗିରଫ କରିଥିଲା ଭିଜିଲାନ୍ସ । ଏହି ମାମଲାରେ ଆଜି କେନ୍ଦୁଝର ବଡ଼ବିଲରେ ଉଲିବୁରୁ ଖଣି ଅପରେଟର ଦୀପକ ଗୁପ୍ତାଙ୍କ ଘର ଏବଂ କାର୍ଯ୍ୟାଳୟରେ ରେଡ୍ କରିଛି ଇଡି । ଖଣି ଦୁର୍ନୀତି ସଂପର୍କୀତ ମାମଲାରେ ଚଢ଼ାଉ କରାଯାଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରେକର୍ଡ ଯାଞ୍ଚ କରୁଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଏହି ମାମଲାରେ ଜଙ୍ଗଲ ଏବଂ ଖଣି ଆଇନକୁ ଉଲ୍ଲଘଂନ କରିଥିବା ଅଭିଯୋଗ ହୋଇଥିଲା । ନିର୍ଦ୍ଧାରିତ ସୀମା ବାହାରକୁ ଯାଇ ଜଙ୍ଗଲ ଅଞ୍ଚଳରେ ଖୋଳାଯାଉଥିବ ଅଭିଯୋଗ ହୋଇଥିଲା । ଏହି ଲିଙ୍କରେ ଭିଜିଲାନ୍ସ ୨୯ ଜଣଙ୍କ ନାଁରେ ଚାର୍ଜଶିଟ ଫାଇଲ କରିଥିଲା । ଇଡି ଏହି ଲିଙ୍କରେ ମନି ଲଣ୍ଡରିଂ ମାମଲା ରୁଜୁ କରି କୋଟି କୋଟି ଟଙ୍କାର ସମ୍ପତ୍ତି ବ୍ୟାଜାପ୍ତ କରିଥିଲା । ଏହି ଲିଙ୍କରେ କିଛି ବ୍ୟବସାୟୀଙ୍କ ଘରେ ବି ଇଡି ଆଜି ଚଢ଼ାଉ କରୁଛି । ରାଉରକେଲାରେ ବ୍ୟବସାୟୀ ଅଜୟ କଦମୱାଲାଙ୍କ ଘରେ ବି ତଦନ୍ତ ଚାଲିଛି । ଅଜୟ କଦମୱାଲା ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସହ ବହୁ ବ୍ୟବସାୟରେ ସଂପୃକ୍ତ । ଓଡ଼ିଶା ସମେତ କୋଲକାତାରେ ବି ଏହି ଲିଙ୍କରେ ତଦନ୍ତ ହେଉଛି ।

## ଲାଞ୍ଚ ନେଇ ଧରାପଡ଼ିଲେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ କିରାଣି



ଗଞ୍ଜାମ, ୦୧/୩ (ନି.ପ୍ର): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଗଞ୍ଜାମ ଜିଲ୍ଲା ଆସିକା ଜଳସମ୍ପଦ ବିଭାଗ ଉଇଉ ଡିଭିଜନ ନଂ-୮ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବେଣୁଧର ଦଳାଇ ଓ ସେହି ଅଫିସର କନିଷ୍ଠ କିରାଣି କୈଳାସ ଚନ୍ଦ୍ର ବେହେରା । ଜଣେ ଅଭିଯୋଗକାରୀଙ୍କ ଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଏହି ଦୁଇ ଅଧିକାରୀଙ୍କୁ ଧରିଥିଲା ଭିଜିଲାନ୍ସ । ଭିଯୋଗକାରୀ ଜଣେ ଗାଡ଼ି ମାଲିକ । ତାଙ୍କ ଗାଡ଼ି ଏହି ଅଫିସରେ ଭଡ଼ାରେ ଲାଗିଛି । ଗାଡ଼ି ଭଡ଼ା ବାବଦ ତାଙ୍କର ବକେୟା ବିଲ୍ ଗୁଡ଼ିକୁ କ୍ଲିୟର କରି ଦେବା ପାଇଁ ତାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବେଣୁଧର ଦଳାଇ । ଆଜି ଅଭିଯୋଗକାରୀ ଲାଞ୍ଚ ଟଙ୍କାକୁ କନିଷ୍ଠ କିରାଣି ▶▶ପୃଷ୍ଠା ୭

## ୫ରେ ଆସିବେ ପ୍ରଧାନମନ୍ତ୍ରୀ ମୋଦି: ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟ ସଚିବ

ଭୁବନେଶ୍ୱର, ୦୧/୩ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାତ୍ର ମାସକ ବ୍ୟବଧାନରେ ପୁଣିଥରେ ଓଡ଼ିଶା ଗସ୍ତରେ ଆସିବେ । ଆସନ୍ତା ମାର୍ଚ୍ଚ ୫ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ଚଣ୍ଡିଖୋଲଠାରେ ବିଭିନ୍ନ ସରକାରୀ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ ଉତ୍ସବରେ ଯୋଗ ଦେବା ସହ ବିଜେପିର ଏକ ଦଳୀୟ ସଭାକୁ ସମ୍ବୋଧିତ କରିବେ ବୋଲି ଜଣାପଡ଼ିଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ଗସ୍ତ ପାଇଁ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ତେଲେଙ୍ଗାନାରେ ୨ ଦୁଇ ଦିନିଆ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବେ । ମୁଖ୍ୟସଚିବଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ପ୍ରଧାନମନ୍ତ୍ରୀ ମୋଦି ମାର୍ଚ୍ଚ ୫ତାରିଖ ଅପରାହ୍ନରେ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ବିମାନ ବନ୍ଦରରେ ଅବତରଣ କରିବେ । ସେଠାରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଯାଜପୁରର ଚଣ୍ଡିଖୋଲକୁ ଯାଇ ବିଭିନ୍ନ ସରକାରୀ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବେ । ଏହାପରେ ସେଠାରେ ଏକ ସାଧାରଣ ସଭାକୁ ସମ୍ବୋଧିତ



କରିବେ ଓ ଭୁବନେଶ୍ୱର ଫେରି କୋଲକାତା ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବା ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି । ମୁଖ୍ୟ ସଚିବ ଶ୍ରୀ ଜେନା ଆଜି ବରିଷ୍ଠ ପ୍ରଶାସନିକ ଓ ପୁଲିସ ଅଧିକାରୀମାନଙ୍କ ▶▶ପୃଷ୍ଠା ୭

## ମହାଦେବ ବେଟିଂ ଆପ୍: ୫୮୦ କୋଟି ଟଙ୍କା ଜବତ କଲା ଇଡି




ନୂଆଦିଲ୍ଲୀ, ୦୧/୩ : ବହୁ ଚର୍ଚ୍ଚିତ ମହାଦେବ ବେଟିଂ ଆପ୍ ମାମଲାରେ ପୁଣିଥରେ ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ମହାଦେବ ଅନ୍ଲାଇନ୍ ବେଟିଂ ମାମଲାରେ ଅପରାଧର ଆୟରୁ ମିଳିଥିବା ୫୮୦ କୋଟି ଟଙ୍କା ଇଡି ଜବତ କରିଛି । ବୁଧବାର ଇଡି ମହାଦେବ ଅନ୍‌ଲାଇନ୍ ବେଟିଂ ଆପ୍ ମାମଲାରେ ଦିଲ୍ଲୀ, ମୁମ୍ବାଇ, କୋଲକାତା, ରାୟପୁର, ଇନ୍ଦୋର ଓ ଗୁରୁଗ୍ରାସରେ ଚଢ଼ାଉ କରିଥିଲା । ଏହି ଚଢ଼ାଉ ବେଳେ ନଗଦ ୧.୮୬ କୋଟି ଟଙ୍କା ଓ ୧.୭୮ କୋଟି ଟଙ୍କା ମୂଲ୍ୟର ମିଳିଥିବା ସାମଗ୍ରୀକୁ ମଧ୍ୟ ଜବତ କରିଥିଲା । ଏହାପରେ ଇଡି ଏକ ବୟାନ ଜାରି କରିଥିଲା । ଏଥିରେ କୁହାଯାଇଥିଲା ଯେ, ଏହି ଅନ୍‌ଲାଇନ୍ ବେଟିଂ ଆପ୍ ମାଧ୍ୟମରେ ୫୮୦.୭୮ କୋଟି ଟଙ୍କା ଆୟ କରାଯାଇଛି । ଏହା ସହିତ ଜଡିତ ସମସ୍ତ ଆକାଉଣ୍ଟକୁ ଇଡି ଫ୍ରିଜ୍ ମଧ୍ୟ କରିଥିବା ନେଇ କହିଥିଲା । କେବଳ ସେତିକି ନୁହେଁ ଚଢ଼ାଉ ବେଳେ ବେଆଇନ ସମ୍ପତ୍ତି ସହ ଜଡିତ ଅନେକ ଡିଜିଟାଲ ତଥ୍ୟ ମଧ୍ୟ ହାତରେ ଲାଗିଥିବା କହିଥିଲା ଇଡି । ତଦନ୍ତରୁ ଜଣାପଡିଛିଯେ ଆନୁମାନିକ ୬୦୦୦ କୋଟି ଟଙ୍କାର ଏହି ମହାଦେବ ଅନ୍‌ଲାଇନ୍ ବେଟିଂ ଆପ୍ ଦୁବାଇରୁ ପରିଚାଳିତ ହେଉଛି । ଏହି ଅନ୍‌ଲାଇନ୍ ବେଟିଂ ଆପ୍‌ଟି ବହୁ ବର୍ଷ ଧରି ଚାଲିଆସୁଛି । ଦୁବାଇରୁ ଏହାକୁ ପରିଚାଳିତ କରାଯିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅନୁସନ୍ଧାନକାରୀ ସଂସ୍ଥାଗୁଡ଼ିକର ରାଡାର ବଞ୍ଚିତ ରହିବା । ▶▶ପୃଷ୍ଠା ୭

## ୧୩ ତମ ବାର୍ଷିକ ରୂପ୍‌ସା ମହୋତ୍ସବ ଉଦ୍‌ଘାଟିତ

ରୂପସା, ୦୧/୩ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ପୋଡାଡିହା ଷ୍ଟାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧୩ ତମ ବାର୍ଷିକ ରୂପସା ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି । ବିଶିଷ୍ଟ ସମାଜସେବୀ ତଥା ବ୍ୟବସାୟୀ ରାମଚନ୍ଦ୍ର ରଣା ଯୋଗ ଦେଇ ଏହି ଉତ୍ସବକୁ ଉଦଘାଟନ କରିଥିଲେ । ମହୋତ୍ସବ କମିଟି ଉପଦେଷ୍ଟା ପଣ୍ଡିତ ନିରଞ୍ଜନ ପଣ୍ଡା ଶର୍ମା ଉଦଘାଟନୀ ଉତ୍ସବରେ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ସାହିତ୍ୟିକ ଡ଼. ରାଧାରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା କବି କାଳୀପଦ ପଣ୍ଡା, ସମ୍ମାନିତ ଅତିଥି ସାହିତ୍ୟିକ ସୃଷ୍ଟିଧର ପରିଡା ଯୋଗ ଦେଇ ମହୋତ୍ସବ ମାଧ୍ୟମରେ ସମାଜରେ ବିକାଶ ସାଧିତ ହେବା ସହ ଗ୍ରାମାଞ୍ଚଳର ସଂସ୍କୃତି, ଐତିହ୍ୟ ଉଜ୍ଜୀବିତ ହୋଇଥାଏ ବୋଲି ବକ୍ତବ୍ୟରେ କହିଥିଲେ । ପଣ୍ଡିତ ଚକ୍ରଧର ଆଚାର୍ଯ୍ୟ ବେଦପାଠ କରିଥିଲେ । କ୍ଲବ ସମ୍ପାଦକ ଚନ୍ଦନ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ । ଉପଦେଷ୍ଟା ଭିକାରୀ ଚରଣ ମିସ୍ତ୍ରୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ବୀଣାପାଣି ଶିଶୁମନ୍ଦିରର ନୃତ୍ୟ ଶିକ୍ଷୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ ହୋଇଥିଲା ।



ଉପଦେଷ୍ଟା ଗୋପାଳ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଦୋକାନ, ଷ୍ଟଲ, ମୀନାବଜାର, ଚକ୍ରୀ ଦୋଳି, ରଙ୍ଗୀନ ଆଲୋକମାଳା, ଆକର୍ଷଣୀୟ ତୋରଣ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା । ଷ୍ଟାର କ୍ଲବ ସଭାପତି ବିଜୟ କୁମାର ବେହେରା, କୋଷାଧ୍ୟକ୍ଷ ଦୀପକ ସାମଲ, ମହୋତ୍ସବ କମିଟି ମୁଖ୍ୟ ଉପଦେଷ୍ଟା ଜଗଦୀଶ ପଟ୍ଟନାୟକ, ବାଞ୍ଛାନିଧି ଦେ, ବିନୟ କୁମାର ବେହେରା, ଡାକ୍ତର ମହାପାତ୍ର, ହିମାଂଶୁ ଜେନା, ମିଟୁ ପରିଡା, ଲିପନ ଜେନା, ଅରୁଣ କୁମାର ବେହେରା, କଟି ଚନ୍ଦନ ଜେନା, ହେମନ୍ତ ସେନାପତି, ବିଜେଶ ପରିଡା, ରାଜେଶ ଜେନା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।

# ଜଳେଶ୍ୱର ପଂଚାୟତ ସମିତିର ୬ଷ୍ଠ ସାଧାରଣ ଅଧିବେସନ

ଜଳେଶ୍ୱର , ୦୧/୩ (ନି.ପ୍ର): ପୂର୍ବ ସୂଚନା ଅନୁଯାୟୀ ଆଜି ଜଳେଶ୍ୱର ପଂଚାୟତ ସମିତି ସାଧାରଣ ଅଧିବେଶନ ସମିତି କାର୍ଯ୍ୟାଳୟଠାରେ ଅନୁ:ଷ୍ଠିତ ହୋଇ ଯାଇଛି । ୭ମାସ ପରେ ପଂଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିବାବେଳେ ବ୍ଲକ ଅଧ୍ୟକ୍ଷ ମାନସ ଜେନା ଅଧ୍ୟକ୍ଷତା କରି ଉପସ୍ଥିତ ବିଧାୟକ ତଥା ମନ୍ତ୍ରୀ ଓ ନିର୍ବାଚିତ ପ୍ରତିନିଧି ମାନଙ୍କୁ ସ୍ୱାଗତ ଜଣାଇଥିଲେ । ଏଥିରେ ରାଜ୍ୟର ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ନିଆଯାଇଥିବା ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଦେ ଉପସଭାପତି ଅନସୂୟା ପ୍ରଧାନ, ବିଡିଓ ପୁନମ ରାଉତ, ଅତିରିକ୍ତ ତହସିଲଦାର ଅଭୟ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷା ସଂଚିତା ସେନାପତି, ବ୍ଲକ ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୌମ୍ୟରଂଜନ ସାହୁ ଉପସ୍ଥିତ ରହି ଆଗାମୀ ଦିନରେ ଗ୍ରୀଷ୍ମ ପ୍ରବାହ, ବିଦ୍ୟୁତ୍ ସଂପର୍କୀତ, ବିଶୁଦ୍ଧ ପାନୀୟ ଜଳ, କୃଷି ସଂପର୍କୀୟ, ଆବାସଧାରୀଙ୍କୁ ବାଲି ଯୋଗାଣ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ଉଠାଜଳସେଚନ, ଗ୍ରାମ୍ୟ ଉନ୍ନୟନ, ମୃତ୍ତିକା ସଂରକ୍ଷଣ, ପୂର୍ତ୍ତ, ଡ୍ରେନେଜ୍, ୧୫ତମ କେନ୍ଦ୍ର ଅର୍ଥ କମିଶନ ତଥା ୫ମ ରାଜ୍ୟ ଅର୍ଥ କମିଶନଙ୍କ ଅନୁଦାନ ସଂପର୍କରେ ଆଲୋଚନା କରିଥିଲେ । ନିର୍ବାଚିତ ପ୍ରତିନିଧିମାନେ ରେସନ କାର୍ଡ, ବାର୍ଦ୍ଧକ୍ୟଭତ୍ତା, ବିଦ୍ୟୁତ୍ ବିଲ, ବାରମ୍ବାର ହାତୀ ଆକ୍ରମଣ, ଆଇସିଡିଏସ୍, ଭତ୍ତା, ସଂପର୍କରେ ଆଲୋଚନା କରିଥିଲେ । ବିଶେଷକରି ୧୫ସିଏଫସି ଓ ୫ମ ଏସ୍ଏଫସି ସଂପର୍କରେ ଆଲୋଚନା ହୋଇ ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ସମାଧାନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା । ଏବିଡିଓ ମୟାଧର ମଲ୍ଲିକ, ସିଡିପିଓ ଚମ୍ପାମଣି ମୁର୍ମୁ, ଗୋଷ୍ଠୀ ସ୍ୱାସ୍ଥ୍ୟ ଡାକ୍ତର ଅଜୟ କୁମାର ସାହୁ, ଜିପିଇଓ ସୋମନାଥ ବେହେରା, ଯୋଗାଣ ଅଧିକାରୀ ଅବନ୍ତିକା ସାହୁ, ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ପ୍ରଦ୍ୟୁମ୍ନ ଦାସ, ବ୍ଲକ କୃଷି ଅଧିକାରିଣୀ, ରାଜଲକ୍ଷ୍ମୀ ମହାନ୍ତି, ବିଦ୍ୟୁତ୍ ନିର୍ବାହୀ ଯନ୍ତ୍ରୀ ଭୁବନ ସାହୁ, ଜଂଗଲ ରେଞ୍ଜ ଅଫିସର ଜୟଶ୍ରୀ ମୁର୍ମୁ, ବ୍ଲକ ଜିବିକା ମିଶନ ସଂଯୋଜିକା ମଧୁମିତା ଦାସ ଓ ୩୫ଟି ପଂଚାୟତର ସରପଂଚ, ସମିତି ସଭ୍ୟ, ଜିଲାପରିଷଦ ସଭ୍ୟ ଉପସ୍ଥିତ ରହି ଆଲୋଚନା କରିଥିଲେ ।

# ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ରଙ୍କ କୃଷିଭବନ ପରିଦର୍ଶନ

ଭୁବନେଶ୍ୱର, ୦୧/୩ (ନି.ପ୍ର): ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଡ. ପ୍ରମୋଦ କୁମାର ମିଶ୍ର ଶୁକ୍ରବାର ପୂର୍ବାହ୍ନରେ କୃଷିଭବନ ପରିଦର୍ଶନ କରିଛନ୍ତି । କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଓ ବିଭାଗୀୟ ବରିଷ୍ଠ ଅଧିକାରୀ ଡ. ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଡ. ମିଶ୍ର କୃଷି ଭବନ ପରିଦର୍ଶନ ଅବସରରେ କୃଷି ସମୀକ୍ଷା କେନ୍ଦ୍ର ବୁଲି ଦେଖିବା ସହିତ ଏହାର କାର୍ଯ୍ୟକାରିତା ସଂପର୍କରେ ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ ଏବଂ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଏବଂ ଡିଜିଟାଇଜେସନ୍ ମାଧ୍ୟମରେ କୃଷିରେ ରୂପାନ୍ତରଣ ଆଣିବା ନିମନ୍ତେ କୃଷି ବିଭାଗ ପକ୍ଷରୁ ଏକ କୃଷି ସମୀକ୍ଷା କେନ୍ଦ୍ର ନାମକ ଏକ ଅତ୍ୟାଧୁନିକ ଡିଜିଟାଲ ପ୍ଲାଟ୍‌ଫର୍ମ ସ୍ଥାପନ କରାଯାଇଛି । ଏହା ଦ୍ୱାରା ପ୍ରକୃତ କ୍ଷେତ୍ରସ୍ତରୀୟ ତଥ୍ୟ ସଂଗ୍ରହ ଓ ବିଶ୍ଳେଷଣ କରାଯାଇପାରୁଛି । କୃଷି ସମୀକ୍ଷା କେନ୍ଦ୍ରରେ ଏକ କେନ୍ଦ୍ରୀଭୂତ କମାଣ୍ଡ ଓ କଂଟ୍ରୋଲ ସନ୍ନିରୀକ୍ଷଣ ବ୍ୟବସ୍ଥା ଆରମ୍ଭ କରାଯାଇଛି । ଏହି ଅତ୍ୟାଧୁନିକ ଡିଜିଟାଲ୍ ପ୍ଲାଟଫର୍ମର ଉପଯୋଗ ଦ୍ୱାରା କୃଷି ବିଭାଗର ବିଭିନ୍ନ ଯୋଜନାର ବାସ୍ତବ ରୂପାୟନ, ବିଭାଗୀୟ ନିର୍ଦ୍ଦେଶ ଏବଂ କାର୍ଯ୍ୟର ସମୀକ୍ଷା ଓ ପର୍ଯ୍ୟବେକ୍ଷଣ ନିମନ୍ତେ ଏକ ସମନ୍ୱିତ ନିଷ୍ପତି ଗ୍ରହଣର ବ୍ୟବସ୍ଥା ରହିଛି ।

ଏହା ପରେ ଡ. ମିଶ୍ର କଷି ଭବନ ପରିସରରେ ଥିବା ମିଲେଟସ୍ କାଫେ ପରିଦର୍ଶନ କରି ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସଂପର୍କରେ ପଚାରି ବୁଝିଥିଲେ । ଡ. ମିଶ୍ରଙ୍କ ପରିଦର୍ଶନ ସମୟରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଓସେପାର ନିର୍ଦ୍ଦେଶକ ଅନୁପମ ସାହାଙ୍କ ସମେତ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବଣସୀମା ମଣ୍ଡଳସ୍ତରୀୟ ପ୍ରସ୍ତୁତି ବୈଠକ



ନୀଳଗିରି, ୦୧/୩ (ନି.ପ୍ର): ବାଲେଶ୍ୱର ବିଜେପି ଜିଲ୍ଲା କମିଟି ପରାମର୍ଶ କ୍ରମେ ୧୧ନଂ ଜୋନ ବଣସୀମା ମଣ୍ଡଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ତେଲିପାଳ କଲ୍ୟାଣମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ବଣସୀମା ମଣ୍ଡଳ ସଭାପତି ଅକ୍ଷୟ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ମାର୍ଗଦର୍ଶନରେ ପ୍ରତି ବୁଥ ସ୍ତରରେ ଲାଭାର୍ଥି ସମ୍ପର୍କ, ଗାଁକୁ ଚାଲ ଅଭିଯାନ ସହିତ କାନ୍ଥ ଲିଖନ କରି ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମ ଘରେ ଘରେ ପ୍ରଚାର କରିବା ପାଇଁ ଉକ୍ତ ବୈଠକରେ ଆଲୋଚନା କରାଯାଇ ତ୍ୱରାନ୍ୱିତ କରିବାକୁ ସ୍ଥିର କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର, ବିଧାୟକ ପ୍ରତିନିଧି ଉପେନ୍ଦ୍ର ଦାସ, ଆରବନ୍ଧ ସରପଞ୍ଚ କୁଳମଣୀ ନାୟକ, ମିନତୀ ମୁର୍ମୁ, ମାନ ମୁର୍ମୁ, ଜୟନ୍ତ ପୁଟି, ଅରବିନ୍ଦ ଦାସ, ରାଜେଶ ନାୟକ, ଆଶୋକାସିନୀ ନାୟକ, ରାହାସ ମଢେଇଙ୍କ ସମେତ ମଣ୍ଡଳ ପଦାଧିକାରୀ ଉପସ୍ଥିତ ରହି ବୈଠକରେ ଅଂଶ ଗ୍ରହଣ କରିଥିଲେ ।

# ତୀର୍ଥଯାତ୍ରାରେ ଗଲେ ଜିଲ୍ଲାରୁ ୧୪୬ ବରିଷ୍ଠ ନାଗରିକ: ୨ୟ ଦଫାରେ ଆଗ୍ରା ମଥୁରାକୁ ୫ ଦିନିଆ ଯାତ୍ରା

ଭଦ୍ରକ, ୦୧/୩ (ନି.ପ୍ର): ରାଜ୍ୟ ସରକାରଙ୍କ ବରିଷ୍ଠ ତୀର୍ଥ ନାଗରିକ ଯାତ୍ରା ଯୋଜନାରେ ଚଳିତ ବର୍ଷ ପାଇଁ ଦ୍ୱିତୀୟ ଦଫାରେ ଭଦ୍ରକ ଜିଲ୍ଲା ପାଇଁ ଧାର୍ଯ୍ୟ ସଂଖ୍ୟା ୧୪୬ ଜଣ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାରେ ବାହାରିଯାଇଛନ୍ତି । ଏଥିପାଇଁ ବହୁ ପୂର୍ବରୁ ଜିଲ୍ଲା ପ୍ରଶାସନର ପୂର୍ଣ୍ଣ ପ୍ରସ୍ତୁତି ଅନୁଯାୟୀ ଶୁକ୍ରବାର ଅପରାହ୍ନରେ ଏ ଯାତ୍ରାର ଶୁଭାରମ୍ଭ କରାଯାଇଛି ।

ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ରାମଦାସ ଟୁଡୁ ଓ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖଙ୍କ ଉପସ୍ଥିତିରେ ସୁସଜ୍ଜିତ ୪ଟି ବସ୍‌ରେ ସମସ୍ତ ତୀର୍ଥ ଯାତ୍ରୀଙ୍କ ଶୁଭ ଯାତ୍ରାକୁ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରାଯାଇଥିଲା ।

ପ୍ରକାଶ ଥାଉକି ପ୍ରତି ବ୍ଲକ୍‌ର ବି.ଡ଼ି.ଓ. ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ମାନଙ୍କ ଜରିଆରେ ତୀର୍ଥ ଯାତ୍ରା ପାଇଁ ପୂର୍ବରୁ ତାଲିକାଭୁକ୍ତ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜିଲ୍ଲା ସଦର ମହକୁମାକୁ ଅଣାଯାଇ ସଂସ୍କୃତି ଭବନରେ ଏକତ୍ରିତ କରାଯାଇଥିଲା । ସେଠାରେ ମଧ ଯାତ୍ରୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଡାକ୍ତର ଓ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଥିଲା । ତାଲିକା ଭୁକ୍ତ ନାମ ଅନୁଯାୟୀ ସମସ୍ତଙ୍କ ନାମ ପଞ୍ଜିକୃତ ସହ ସମସ୍ତଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ମଧ କରାଯାଇଥିଲା । ସେମାନଙ୍କ ସହିତ ଯାତ୍ରା କରିବାକୁ ଥିବା ନିୟୋଜିତ ୫ ଜଣ ଏସ୍‌କର୍ଟ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବସ୍‌ରେ ବସାଇ ବାଲେଶ୍ୱର ଉଦ୍ଦିମୁଖେ ଯାତ୍ରା ଆରମ୍ଭ କରାଯାଇଥିଲା । ଶୁକ୍ରବାର ବାଲେଶ୍ୱରରେ ରାତ୍ର ରହଣି ପରେ ମାର୍ଚ୍ଚ ୨ ରେ ବାଲେଶ୍ୱରରୁ ରେଳ ଦ୍ୱାରା ଆଗ୍ରା ଓ ମଥୁରାକୁ ସେମାନଙ୍କର ଯାତ୍ରା ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି । ଭଦ୍ରକ ବ୍ଲକ ଓ ମ୍ୟୁନିସ୍‌ପାଲିଟିରୁ ୩୮, ବାସୁଦେବପୁର ବ୍ଲକ ଓ ମ୍ୟୁନିସ୍‌ପାଲିଟିରୁ ୧୮, ଧାମନଗର ରୁ ୨୪, ଚାନ୍ଦବାଲିରୁ ୧୪, ତିହିଡ଼ି ରୁ ୧୩, ଭଣ୍ଡାରିପୋଖରୀରୁ ୯, ବନ୍ତରୁ ୩୦ ସମୁଦାୟ ୧୪୬ ଜଣ ଯାତ୍ରୀ ୨ୟ ଦଫାରେ ଆଗ୍ରା ମଥୁରାକୁ ୫ ଦିନିଆ ତୀର୍ଥ ଯାତ୍ରାରେ ଯାଇଛନ୍ତି । ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀଯୁକ୍ତ ମଣ୍ଡଳଙ୍କ ସଂଯୋଜନାରେ ଜିଲ୍ଲା ସଂସ୍କୃତି ଭବନରେ ଯାତ୍ରୀମାନଙ୍କ ଉଦ୍ଦେଶ୍ୟରେ ତୀର୍ଥଯାତ୍ରା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ଏବଂ ଓଲଙ୍ଗର ସରପଞ୍ଚ ଅକ୍ଷୟ ପ୍ରସାଦ ମହାନ୍ତି ଓ ପୂର୍ବତନ ସରପଞ୍ଚ ଦେବୀଦତ୍ତା ମହାନ୍ତି ଯୋଗ ଦେଇଥିଲେ । ବିଭାଗୀୟ କର୍ମଚାରୀ ଲକ୍ଷ୍ମୀଧର ତ୍ରିପାଠୀ, ହେମନ୍ତ କୁମାର ପ୍ରଧାନ, ସ୍ୱାଗତିକା ସାହୁ, ଶ୍ୟାମସୁନ୍ଦର ଜେନା, ମିନତୀ ସିଂ, ଆଇଜାକ୍ ମହାନ୍ତି, ବନମାଳୀ ପ୍ରଧାନ, ରସିକମୋହନ ମହାନ୍ତି, ରାକେଶ ନାୟକ, ପୂର୍ଣ୍ଣଚନ୍ଦ୍ର ସିଂ, ମନୋଜ କୁମାର ବେହେରା, ରାଜେନ୍ଦ୍ର ମହାପାତ୍ର, ଅଜିତ୍ ରଥ, ଲୋକନାଥ ବିଶ୍ୱାଳ, ଉମାକାନ୍ତ ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ । ଚାନ୍ଦବାଲି ପି.ଇ.ଓ. ଧୀରେନ୍ଦ୍ର ନାୟକ, ବନ୍ତ ବି.ଏସ୍.ଏସ୍.ଓ. ପ୍ରକାଶ ସାହୁ , ଭଦ୍ରକ ବି.ଏସ୍.ଏସ୍.ଓ କାର୍ଯ୍ୟାଳୟର କନିଷ୍ଠ ସହାୟକ ଜଗନ୍ନାଥ ପ୍ରସାଦ ସିଂ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ୟୁନିଟ୍‌ର ଫାଇନାନ୍ସ୍ ଏକ୍ସପର୍ଟ ଭଗବାନ ବାରିକ, ଧାମନଗର ବ୍ଲକ୍ ର ପି.ଇ.ଓ ନରେନ୍ଦ୍ର କୁମାର ନାୟକ ପ୍ରମୁଖ ୫ ଜଣଙ୍କୁ ଏହି ତୀର୍ଥଯାତ୍ରାରେ ଏସକର୍ଟ ଅଧିକାରୀ ଭାବେ ଯିବାପାଇଁ ଦାୟିତ୍ୱ ଅର୍ପଣ କରାଯାଇଛି ।

# କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର

ଭୁବନେଶ୍ୱର, ୦୧/୩ (ନି.ପ୍ର): ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର ଶୁକ୍ରବାର ଭୁବନେଶ୍ୱରସ୍ଥିତ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ଗସ୍ତ କରି ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଛନ୍ତି । ଏଥିସହିତ ଡକ୍ଟର ମିଶ୍ର ଭୁବନେଶ୍ୱର ଠାରେ ସିଏସଆଇଆର- ଖଣିଜ ଏବଂ ବସ୍ତୁ ବିଜ୍ଞାନ ପ୍ରତିଷ୍ଠାନର କାର୍ଯ୍ୟଧାରା ସମୀକ୍ଷା କରିବା ସହିତ ଖଣିଜ ସମୃଦ୍ଧ ଓଡ଼ିଶାରେ ଗବେଷଣା ଓ ବିକାଶ କାର୍ଯ୍ୟକୁ ଅଧିକ ବିସ୍ତାରିତ କରିବା ଲାଗି ପରାମର୍ଶ ଦେଇଛନ୍ତି । ଡକ୍ଟର ମିଶ୍ର ଆଜି କିଟ୍ ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଦେଶର ଶିକ୍ଷା ପରିଦୃଶ୍ୟରେ କିଟ୍ ଓ କିସ୍ ର ଭୂମିକାକୁ ଉଚ୍ଚପ୍ରଶଂସା କରିଥିଲେ । ବିଶେଷ କରି କିସ୍ ଅନୁଷ୍ଠାନ ଶିକ୍ଷାଦାନ ମାଧ୍ୟମରେ ଓଡ଼ିଶାର ଜନଜାତି ଗୋଷ୍ଠୀଙ୍କୁ ସଶକ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ସେ କହିଥିଲେ ।

କିଟ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଡକ୍ଟର ମିଶ୍ର କହିଥିଲେ, ପ୍ରଧାନମନ୍ତ୍ରୀ ୨୦୪୭ ମସିହା ସୁଦ୍ଧା ଭାରତ ପାଇଁ ଏକ ବିରାଟ ପରିକଳ୍ପନା କରିଛନ୍ତି । ଭାରତକୁ ଏକ ବିକଶିତ ରାଷ୍ଟ୍ରର ମାନ୍ୟତା ହାସଲ କରିବାକୁ ପଡ଼ିବ । ଉଭୟ ପ୍ରକୃତି ଏବଂ ସଂସ୍କୃତି ପ୍ରତି ସଚେତନ ହୋଇ ଏହି ଲକ୍ଷ୍ୟ ହାସଲ କରିବାକୁ ହେବ । ଏଥିରେ ପ୍ରଯୁକ୍ତିବିଦ୍ୟାର ଆହରଣ ଓ ପ୍ରୟୋଗକୁ ପ୍ରାଥମିକତା ଦିଆଯିବ । ସେହିଭଳି ବିଜ୍ଞାନ ଓ ପ୍ରଯୁକ୍ତିକ୍ଷେତ୍ରରେ ଭାରତ ନେତୃତ୍ୱ ଗ୍ରହଣ କରିବ ଏବଂ ସବୁ କ୍ଷେତ୍ରରେ ଆତ୍ମନିର୍ଭର ହେବ ବୋଲି ସେ କହିଥିଲେ ।

ଡକ୍ଟର ମିଶ୍ର ଆହୁରି କହିଥିଲେ, ବିକଶିତ ଭାରତ ପରିକଳ୍ପନା ଓ ସଂକଳ୍ପ ଯାତ୍ରାରେ ମହିଳାଙ୍କ ନେତୃତ୍ୱକୁ ସର୍ବାଧିକ ପ୍ରାଥମିକତା ଦିଆଯିବ । ଅର୍ଥବ୍ୟବସ୍ଥାକୁ ଆହୁରି ସମାବେଶୀ ଏବଂ ନବସୃଜନଧର୍ମୀ କରାଯିବ । ଦୁର୍ନୀତି, ଜାତିବାଦ ଓ ସାମ୍ପ୍ରଦାୟିକତାର ଜାତୀୟ ଜୀବନରେ କୌଣସି ସ୍ଥାନ ନାହିଁ । ଦେଶର ବିକାଶ ସହିତ ଯୁବଶକ୍ତିଙ୍କ ବିକାଶ ସମାନ ଭାବରେ ଜଡ଼ିତ ରହିଛି, ତେଣୁ ଯଦି ଉଭୟଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରାଯିବ, ତାହେଲେ ଅବିଶ୍ୱସନୀୟ ସଫଳତା ହାସଲ କରିହେବ ବୋଲି ସେ କହିଥିଲେ ।

ଜାତୀୟ ଶିକ୍ଷା ନୀତି ୨୦୨୦ରେ ଭାରତ ପାଇଁ ଏଭଳି ଏକ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନା କରାଯାଇଛି ଯାହା ୨୦୪୦ ମସିହା ସୁଦ୍ଧା ବିଶ୍ୱରେ ଅଦ୍ୱିତୀୟ ହେବ ଏବଂ ସାମାଜିକ ଓ ଆର୍ଥିକ ପୃଷ୍ଠଭୂମି ନିର୍ବିଶେଷରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ପାଇଁ ଗୁଣାତ୍ମକ ଉଚ୍ଚଶିକ୍ଷା ଗ୍ରହଣ ନିମନ୍ତେ ସମାନ ସୁଯୋଗ ଉପଲବ୍ଧ ହୋଇପାରିବ ବୋଲି ଡକ୍ଟର ମିଶ୍ର କହିଥିଲେ ।

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ କହିଥିଲେ, ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ୫୦ ହଜାର କୋଟି ଟଙ୍କା ବ୍ୟୟବରାଦ ସହିତ ଅନୁସନ୍ଧାନ ଜାତୀୟ ଗବେଷଣା ଫାଉଣ୍ଡେସନ ପ୍ରବର୍ତ୍ତନ କରାଯାଇଛି । ଚଳିତ ବର୍ଷ ଅନ୍ତରୀଣ ବଜେଟରେ, ଏକ ଲକ୍ଷ କୋଟି ଟଙ୍କାର ଏକ କର୍ପସ ପାଣ୍ଠି ଗଠନ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଛି, ଯାହାକି ପ୍ରଯୁକ୍ତିବିଦ୍ୟାରେ ପାରଙ୍ଗମ ଯୁବଗୋଷ୍ଠୀଙ୍କୁ ଗବେଷଣା ଓ ନବସୃଜନ ବିକାଶ ନିମନ୍ତେ ବିଶେଷ ସହାୟକ ହେବ ।

ଡକ୍ଟର ମିଶ୍ର କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନସ୍ସେ (କିସ୍) ଠାରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ସେ କହିଥିଲେ, ସମାଜର ସବୁ କ୍ଷେତ୍ରରେ ମହିଳାଙ୍କ ଭାଗିଦାରୀକୁ ନେଇ ଭାରତ ବହୁତ ଆଗକୁ ଆସିଛି । ପ୍ରଧାନମନ୍ତ୍ରୀଙ୍କ 'ବିକଶିତ ଭାରତ ୨୦୪୭ ଭିଜନ'ରେ ଅନ୍ୟତମ ପ୍ରମୁଖ ସ୍ତମ୍ଭ ହେଉଛି 'ମହିଳାଙ୍କ ନେତୃତ୍ୱାଧୀନ ବିକାଶ' । ଅଧିକରୁ ଅଧିକ ଝିଅ ଷ୍ଟେମ୍ (ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ) ପାଠ୍ୟକ୍ରମରେ ନାମ ଲେଖାଇ ଅତ୍ୟନ୍ତ ଭଲ ପ୍ରଦର୍ଶନ କରୁଛନ୍ତି । ସେ ଛାତ୍ରଛାତ୍ରୀଙ୍କୁ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ନିର୍ଦ୍ଧାରଣ କରିବା ଏବଂ ଏହାକୁ ହାସଲ କରିବା ନିମନ୍ତେ ନିରନ୍ତର ପ୍ରୟାସ କରିବା ପାଇଁ ଆହ୍ୱାନ କରିଥିଲେ । ନିଜ ପ୍ରତିଭା, ପରିଶ୍ରମ ଓ ନିଷ୍ଠା ବଳରେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଡକ୍ଟର ମିଶ୍ର ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଡକ୍ଟର ମିଶ୍ର ଆଜି ସିଏସଆଇଆର- ଖଣିଜ ଏବଂ ବସ୍ତୁ ବିଜ୍ଞାନ ପ୍ରତିଷ୍ଠାନ ପରିଦର୍ଶନ କରିଥିଲେ । ସେ ପ୍ରତିଷ୍ଠାନର ପ୍ରୟୋଗଶାଳା ବୁଲି ଦେଖିବା ସହିତ ସେଠାକାର କାର୍ଯ୍ୟଧାରା ସମୀକ୍ଷା କରିଥିଲେ । ଖଣିଜ ଓ ବସ୍ତୁ ବିଜ୍ଞାନ ପ୍ରତିଷ୍ଠାନରେ ଜାରି ରହିଥିବା ଗବେଷଣା କାର୍ଯ୍ୟ ଅନୁଧ୍ୟାନ କରି ଡକ୍ଟର ମିଶ୍ର କହିଥିଲେ, ଓଡ଼ିଶା ଏକ ଖଣିଜ ସମ୍ପଦ ପରିପୂର୍ଣ୍ଣ ରାଜ୍ୟ । ଉଚ୍ଚକୋଟୀର ଗବେଷଣା ଜରିଆରେ ଖଣିଜ କ୍ଷେତ୍ରର ବିକାଶ ଓ ବିସ୍ତାର ଜରିଆରେ ଓଡ଼ିଶା ଏବଂ ସାମଗ୍ରିକ ଭାବେ ଦେଶର ପ୍ରଗତିରେ ଯୋଗଦାନ କରିବା ଲାଗି ସେ ପ୍ରତିଷ୍ଠାନର ବୈଜ୍ଞାନିକ ଓ ଗବେଷକମାନଙ୍କୁ ପରାମର୍ଶ ଦେଇଥିଲେ । ଡକ୍ଟର ମିଶ୍ର ଆଜି ପୁରୀ ଗସ୍ତ କରି ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କୁ ଦର୍ଶନ କରିବା ସହିତ ପୁନର୍ବିକାଶ ପ୍ରକଳ୍ପ ଅନୁଧ୍ୟାନ କରିଥିଲେ ।

# କୋରୋ ପଞ୍ଚାୟତ ନୋଡାଲ ହାଇସ୍କୁଲ ପକ୍ଷରୁ ଅବସର କାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୦୧/୩ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋରୋ ପଞ୍ଚାୟତ ନୋଡାଲ ହାଇସ୍କୁଲ ପକ୍ଷରୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ବରିଷ୍ଠ ସହାୟକ ଗଣେଶ ଚନ୍ଦ୍ର ରାଉତଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ କୋରୋ ପଞ୍ଚାୟତ ନୋଡାଲ ହାଇସ୍କୁଲ ପରିସରରେ ସଭାପତି ସୋମନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ ମୁଖ୍ୟଅତିଥି ଓ ପଳସିଂହା ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ବିଶ୍ୱାଳ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଅବସରପ୍ରାପ୍ତ ବରିଷ୍ଠ ସହାୟକ ଗଣେଶ ଚନ୍ଦ୍ର ରାଉତଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଏଥିସହିତ କୋରୋ ଗ୍ରାମର ସ୍ୱର୍ଗତ ବାବାଜି ଚରଣ ରାଉତ ଏବଂ ସ୍ୱର୍ଗତ ଗୋପଲତା ରାଉତଙ୍କ ସୁପୁତ୍ର ବରିଷ୍ଠ ସହାୟକ ଶ୍ରୀ ରାଉତଙ୍କ କୋରୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାକିରୀ ଆରମ୍ଭ କରିଥିବା ବେଳେ ୨୦୧୦ରୁ ୨୦୧୪ପର୍ଯ୍ୟନ୍ତ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ବରିଷ୍ଠ କର୍ମଚାରୀ ଭାବେ ଏବଂ ୨୦୧୪ରୁ ୨୦୧୬ ପର୍ଯ୍ୟନ୍ତ ପଟ୍ଟାମୁଣ୍ଡାଇ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟରେ ଓ ତତ୍ପରେ ୨୦୧୬ରୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ କାର୍ଯ୍ୟରେ ଯୋଗଦେଇ ୨୦୨୩ରେ ବିଭାଗୀୟ ଅଧିକାରୀ ଭାବେ ପଦୋନ୍ନତି ପାଇ ସେଠାରେ ଅତ୍ୟନ୍ତ ନିଷ୍ଠାପର ଭାବେ କାର୍ଯ୍ୟ କରିଆସୁଥିଲେ । ତାଙ୍କ କାର୍ଯ୍ୟକାଳ ଭିତରେ ସେ ଜଣେ କର୍ମପ୍ରବଣ, ନିଷ୍ଠାପର ଓ କର୍ତ୍ତବ୍ୟ ପରାୟଣ କର୍ମଚାରୀ ଭାବେ କାର୍ଯ୍ୟକରି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ ବୋଲି ବକ୍ତାମାନେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ମତବ୍ୟକ୍ତ କରିଥିଲେ । କୋରୋ ହାଇସ୍କୁଲରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ପଦବି ପୁରଣ କରିବାରେ ତାଙ୍କର ବିଶେଷ ଭୂମିକା ଥିଲା ବୋଲି ବକ୍ତାମାନେ କହିଥିଲେ । ଶେଷରେ ହରେକୃଷ୍ଣ ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କୋରୋ ପଞ୍ଚାୟତ ନୋଡାଲ ହାଇସ୍କୁଲ ସମେତ ବିଭିନ୍ନ ବିଦ୍ୟାଳୟର ବହୁ ଶିକ୍ଷକ ଓ ଅବସରପ୍ରାପ୍ତ ଶିକ୍ଷକ ତଥା ଶିକ୍ଷା କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ନିଜର ୩ ଦଫା ଦାବି ନେଇ ଆନ୍ଦୋଳନରେ ବସିଲେ ପେକ୍ସ କର୍ମଚାରୀ

ବଲାଙ୍ଗିର, ୦୧/୩ (ନି.ପ୍ର): ସମଗ୍ର ରାଜ୍ୟରେ ୨୭୦୮ ପ୍ରାଥମିକ କୃଷି ସମବାୟ ସମିତ(ପେକ୍ସ ) ଓ ବହୁମୁଖୀ ଆଦିବାସୀ ସମବାୟ ସମିତି (ଏଲଏଏମ୍ପିଏସ୍) ରେ ୧୦,୦୦୦ରୁ ଅଧିକ କର୍ମଚାରୀ ମାନେ ଚଷୀ ଭାଇ ମାନଙ୍କ ହିତ ପାଇଁ କାମ କରୁଛନ୍ତି । ପଂଚାୟତ ଓ ଗ୍ରାମୀଣ କ୍ଷେତ୍ରରେ କାମ କରୁଥିବା ଏହି କର୍ମଚାରୀ ମାନଙ୍କ ନ୍ୟାର୍ଯ୍ୟ ଦାବିକୁ ସରକାର କ୍ରମାଗତ ଭାବେ ଅଣଦେଖା କରିଥିବାରୁ ଶେଷରେ ଏହି କର୍ମଚାରୀ ମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏ ନେଇ ପେକ୍ସ କର୍ମଚାରୀ ମାନେ ସମବାୟ ମନ୍ତ୍ରୀ, ସମବାୟ ସମିତି ସମୂହ ନିବନ୍ଧକ ଓ ୫-ଟି ସଚିବଙ୍କୁ ନିଜର ଦାବି ସଂପର୍କରେ ଜଣାଇଛନ୍ତି । ପଂଚାୟତ ଓ ଗ୍ରାମୀଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସବୁ କର୍ମଚାରୀ ମାନେ ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇ ସରକାରଙ୍କ ଠାରୁ ଦରମା ପାଉଥିବା ବେଳେ ଏହି କର୍ମଚାରୀ ମାଙ୍କେ କ୍ଷେତ୍ରରେ କାହିଁକି ପାତରଅନ୍ତର ନୀତି ଅବଲମ୍ବନ କରାଯାଉଛି ବୋଲି କୁହାଯାଇଛି । ସରକାରଙ୍କ ଠାରେ ନିଜର ଦାବି ଜଣାଇବା ପରେ ମଧ ସରକାର ନୀରବଦ୍ରଷ୍ଟା ରହିବାରୁ ଆଜି ଠାରୁ ନିଜର ୩ଦଫା ଦାବି ପୂରଣ ନେଇ ଏହି କର୍ମଚାରୀ ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି । ୨୭୦୮ ପେକ୍ସ କର୍ମଚାରୀଙ୍କୁ କେଡର୍ ଭୁକ୍ତ କରି ବଦଳି କରିବା, ଷଷ୍ଠ ବେତନ କମିଶନ ହାରରେ ଦରମା ପାଉଥିବା କର୍ମଚାରୀଙ୍କ ଡି.ଏ ୧୬୪% ରୁ ୨୩୦% ପର୍ଯ୍ୟନ୍ତ ବୃଦ୍ଧି କରିବା ଓ ଷଷ୍ଠ ବେତନ କମିଶନ ହିସାବରେ ସପ୍ତମ ଷଷ୍ଠ ବେତନ କମିଶନକୁ ସମସ୍ତ ପେକ୍ସରେ ତୁରନ୍ତ କାର୍ଯ୍ୟକାରୀ କରିବା ଦାବିରେ ଏହି କର୍ମଚାରୀ ମାନେ ଆନ୍ଦୋଳନ ମୁହାଁ ହୋଇଛନ୍ତି । ଅଲ ଓଡ଼ିଶା ପେକ୍ସ ଏମ୍ପ୍ଲୋଇଜ୍ ଫେଡେରେସନର ବୈଠକର ନନିଷ୍ପତ୍ତି ଅନୁଯାୟୀ ଆଜି ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ପେକ୍ସରେ ଥିବା କର୍ଯ୍ୟରତ କର୍ମଚାରୀ ମାନେ ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଇଛନ୍ତି କ୍ଷ ଆଜିର ଶାନ୍ତିପୂର୍ଣ୍ଣ ଧାରଣାରେ ଜିଲ୍ଲାର ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି ର କର୍ମଚାରୀ ମାନେ ସାମିଲ ହୋଇ ବିଭିନ୍ନ ସରକାର ବିରୋଧୀ ସ୍ଲୋଗାନ୍ ଦେଇଥିଲେ କ୍ଷ ସରକାର ଦାବି ପୂରଣ ନକଲେ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି ।

# ୨୦ ଦିନରେ ୩୭୫୫ଟି ଅବକାରୀ ମାମଲା ରୁଜୁ: ୨୯୩୩ ଜଣ ଗିରଫ

ଭୁବନେଶ୍ୱର, ୦୧/୩ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟରେ ମଦ ମାଫିଆ ଓ ଡ୍ରଗ୍ସ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଫେବୃଆରୀ ୧୦ ରୁ ୨୯ ତାରିଖ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଅଭିଯାନର ଆୟୋଜନ କରାଯାଇଥିଲା । ଏହି ସ୍ୱତନ୍ତ୍ର ଅଭିଯାନରେ ୩୭୫୫ଟି ମାମଲା ରୁଜୁ ହୋଇଥିବା ବେଳେ ୨୯୩୩ ଜଣଙ୍କୁ ଗିରଫ କରାଯାଇଛି । ଏହି ଅଭିଯାନରେ ୧,୪୪,୮୬୨ ଲିଟର ବେଆଇନ ମଦ, ୧୯୦୦ କେଜି ଗଞ୍ଜେଇ, ୭୮୭ ଗ୍ରାମ ହେରୋଇନ୍, ୨୨୪ ଗାଡି, ୧୫୬ ଲିଟର କଫ ସିରପ, ୭୬ ଲିଟର ନକଲି ବିଦେଶୀ ମଦ, ୫୩୬ ଲିଟର ବିଦେଶୀ ମଦ, ୮୫୭ ଲିଟର ବିୟର, ୧୬୬୦ କେଜି ମହୁଆ ଫୁଲ, ୧୧୭୮ କେଜି ଭାଙ୍ଗ, ୧୭୦୦ ଗ୍ରାମ ଅଫିମ, ୭୯ ଲିଟର ଟିଞ୍ଚର ଜିଞ୍ଜର, ୧୨୩୯ ଲିଟର ଦେଶୀ ମଦ ଜବତ କରାଯାଇଛି । ଏନଡିପିଏସ୍ ଆଇନ ଅନୁଯାୟୀ ୧୧୬ଟି ମାମଲା ଚିହ୍ନଟ ହୋଇଥିବା ବେଳେ ଏଥିରେ ୧୨୬ ଜଣଙ୍କୁ ଗିରଫ କରାଯାଇଛି ।

ଜବତ ସମସ୍ତ ଜିନିଷର ବଜାର ମୂଲ୍ୟ ପ୍ରାୟ ୨୪.୫ କୋଟି ଟଙ୍କା ହେବ । ଏହି ସ୍ୱତନ୍ତ୍ର ଅଭିଯାନରେ ଖୋର୍ଦ୍ଧାର ଜଙ୍କିଆସ୍ଥିତ ଗୋଟିଏ ବାର୍ ଆଣ୍ଡ୍ ରେଷ୍ଟୁରାଂଟ ଓ ବାଲେଶ୍ୱରର ଗୋଟିଏ ଲାଇସେନ୍ସପ୍ରାପ୍ତ ଦେଶୀ ମଦ ଦୋକାନକୁ ବେଆଇନ କାର୍ଯ୍ୟ ପାଇଁ ସିଲ୍ କରାଯାଇଛି । ଦେଶୀ ମଦ ଦୋକାନର ଲାଇସେନ୍ସଧାରୀଙ୍କୁ ମଧ ଗିରଫ କରାଯାଇଛି । ମଦ ମାମଲାରେ ଜବତ ହୋଇଥିବା ଗାଡ଼ିଗୁଡ଼ିକୁ ଜବତ କରିବା ପାଇଁ ପଦକ୍ଷେପ ନିଆଯାଇଛି । ୨୦୨୪ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସୁନିଶ୍ଚିତ କରିବା ପାଇଁ ଅବକାରୀ ବିଭାଗ ମଦ ମାଫିଆଙ୍କ ବିରୋଧରେ ଏଭଳି ଅଭିଯାନ ଜାରି ରଖିବ ।

# ରିମୁଳି ବସ୍ ଷ୍ଟାଣ୍ଡରେ ଶୌଚାଳୟ ନାହିଁ : ଯାତ୍ରୀ ହନ୍ତସନ୍ତ

ଚମ୍ପୁଆ , ୦୧/୩ (ନି.ପ୍ର): ଯାତ୍ରୀ ମାନଙ୍କ ସୁବିଧା ନିମନ୍ତେ ସରକାରୀ ସ୍ତରରୁ ବିଭିନ୍ନ ପ୍ରକାର ଉନ୍ନତି କରଣ କରା ଯାଉଥିବା ବେଳେ ଏବେ ମଧ ବହୁ ବସ ଷ୍ଟାଣ୍ଡ ଅଣଦେଖା ହୋଇ ରହି ଯାଇଥିବା ଦେଖା ଯାଇଛି । ଯାହାର ଉଦାହରଣ ପାଲଟିଛି ଚମ୍ପୁଆ ବ୍ଲକ ଅଧିନସ୍ଥ ରିମୁଳି ବସ୍ ଷ୍ଟାଣ୍ଡ । ଏହି ବସ ଷ୍ଟାଣ୍ଡ ଦେଇ ପ୍ରତି ଦିନ ୬୦ ରୁ ଅଧିକ ବସ୍ କଟକ, ଭୁବନେଶ୍ୱର, ଯୋଡ଼ା, ବଡ଼ବିଲ, ଚମ୍ପୁଆ ଏବଂ ଝାରଖଣ୍ଡ ରାଜ୍ୟ କୁ ଯିବା ଆସିବା କରୁଥିବା ବେଳେ ଏହି ବସ ରେ ଯିବା ଆସିବା କରିବା ପାଇଁ ପ୍ରତି ଦିନ ଶହ ଶହ ସଂଖ୍ୟାରେ ଯାତ୍ରୀ ବସ୍ ଷ୍ଟାଣ୍ଡ ରେ ଅପେକ୍ଷା କରି ରହିଥାନ୍ତି । ଏହା ସହିତ ଏହି ବସ୍ ଷ୍ଟାଣ୍ଡ ଟି ୫୨୦ ନମ୍ବର ଓ ୨୦ ନମ୍ବର ଜାତୀୟ ରାଜପଥ ସହିତ ସଂଶ୍ଳିଷ୍ଟ ହୋଇ ରହିଛି । ଏହି ବସ୍ ଷ୍ଟାଣ୍ଡ ରେ ସାଧାରଣ ପରିଶ୍ରାଗାର ଟିଏ ମଧ ନ ଥିବାରୁ ଘଂଟା ଘଂଟା ଧରି ବସ୍ କୁ ଅପେକ୍ଷା କରିଥିବା ମହିଳା, ପୁରୁଷ ଯାତ୍ରୀ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ଏହି ରିମୁଳି ବସ୍ ଷ୍ଟାଣ୍ଡ ରେ ଯଥା ଶୀଘ୍ର ଏକ ଶୌଚାଳୟ ନିର୍ମାଣ କରାଯିବାକୁ ଦାବି ହେଉଛି ।

# ଆଇ ମାସ୍କ ପିନ୍ଧି ଶୋଇବା ଦ୍ୱାରା ବଢିଥାଏ ସ୍ମରଣ ଶକ୍ତି



ଆଖିରେ ମାସ୍କ ଲଗେଇ ଶୋଇବା ହୁଏତ ଆଜିକାଲି ଏକ ଟ୍ରେଣ୍ଡ୍ ହୋଇଛି। ଏଭଳି ପରିସ୍ଥିତିରେ କିଛି ଲୋକ ଭଲ ନିଦ ପାଇବା ପାଇଁ ଆଖିରେ ମାସ୍କ ଲଗାନ୍ତି। ଅନେକ ଲୋକ ଫ୍ୟାଶନ ଟ୍ରେଣ୍ଡ୍ ?କୁ ଅନୁସରଣ କରିବା ପାଇଁ ଆଖିରେ ମାସ୍କ ଦେଇ ଶୋଇବାକୁ ଭଲ ପାଆନ୍ତି। କିନ୍ତୁ ଅଧିକାଂଶ ଲୋକ ଆଖିରେ ମାସ୍କ ପିନ୍ଧିବାର ଲାଭ ବିଷୟରେ ଜାଣି ନାହାଁନ୍ତି।

ତେବେ ଶୋଇବା ସମୟରେ ଆଖିରେ ମାସ୍କ ଲଗାଇଲେ କେବଳ ଭଲ ନିଦ୍ରା ହୁଏ ନାହିଁ ବରଂ ଏହା ଚର୍ମ ପାଇଁ ମଧ୍ୟ ଲାଭଦାୟକ। ଏହାକୁ ବ୍ୟବହାର କରି ପିମ୍ପଲ୍, ସୂକ୍ଷ୍ମ ରେଖା ଏବଂ ବ୍ରଣ ପରି ସମସ୍ୟାରୁ ସହଜରେ ମୁକ୍ତି ମିଳିପାରେ। ଖାଲି ଏତିକି ନୁହେଁ ଏହା ମଧ୍ୟ ସ୍ମରଣ ଶକ୍ତି ବଢାଇବାରେ ସାହାଯ୍ୟ କରେ।

ବିଶେଷଜ୍ଞମାନଙ୍କ କହିବା କଥା ସ୍କ୍ରିନ୍ ଉପରେ ଦୀର୍ଘ ସମୟ ଧରି ରହିବା ଦ୍ୱାରା ଏହା ଶୋଇବା ଚକ୍ର ଉପରେ ପ୍ରଭାବ ପକାଇପାରେ। ଏହାଫଳରେ ଖରାପ ସ୍ମୃତି, ଉଦାସୀନତା, ବିରକ୍ତିଭାବ ଏବଂ ଚିନ୍ତାର କାରଣ ହୋଇପାରେ। ତେଣୁ ଆଖିକୁ ଉପଯୁକ୍ତ ବିଶ୍ରାମ ଦେବା ଜରୁରୀ ଅଟେ।

ଏଥିପାଇଁ ସ୍କ୍ରିନ୍ ଟାଇମ୍ ହ୍ରାସ କରିବା, ଫୋନ୍ ବ୍ୟବହାରକୁ କମ୍ କରିବା ଜରୁରୀ। ଏହା ସହିତ ଆଇ ମାସ୍କ ବ୍ୟବହାର କରିବା ମଧ୍ୟ ଆରାମ ପ୍ରଦାନ କରିଥାଏ ଏବଂ ଆପଣଙ୍କୁ ଭଲ ନିଦ ଦେବାରେ ସାହାଯ୍ୟ କରିଥାଏ। ତେବେ ଶୋଇବା ବେଳେ ଆଇ ମାସ୍କ ବ୍ୟବହାର କରିବା ଦ୍ୱାରା କେଉଁ ଉପକାର ମିଳେ ଆସନ୍ତୁ ଜାଣିବା।

**ଜରଗ ନିଦ ବୃଦ୍ଧି:**

ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ଯେ ଶୋଇବା ସମସ୍ୟା ଭୋଗୁଥିବା ଲୋକମାନେ ମାସ୍କ ପିନ୍ଧିବା ଉଚିତ କାରଣ ଏହା ରାପିଡ୍ ଆଇ ମୁମେଣ୍ଟ (ଜରଗ) ନିଦ ଉପରେ ସକରାତ୍ମକ ପ୍ରଭାବ ପକାଇଥାଏ। ୨୦୧୦ ରେ କରାଯାଇଥିବା ଅନୁସନ୍ଧାନରୁ ଜଣାପଡିଛି ଯେ ଆଇସିୟୁରେ ଭର୍ତ୍ତି ହୋଇଥିବା ରୋଗୀଙ୍କ ପାଇଁ ସ୍ଲିପ୍ ମାସ୍କ ଅଧିକ ସମୟ ଜରଗ ସମୟ ସୁନିଶ୍ଚିତ କରିଥିଲା ? ଯେଉଁମାନେ ଆଲୋକ ଏବଂ ଶବ୍ଦ ଦ୍ୱାରା ବିଭ୍ରାନ୍ତ ଅନୁଭବ କରୁଥିଲେ।

ଏହା ସହିତ ଜରଗ ବିଳମ୍ବତା କମିଯାଏ ଏବଂ ମେଲାଟୋନିନ୍ ସ୍ତର ବଢିଥାଏ। ଏହିପରି, ସ୍ଲିପ୍ ମାସ୍କଗୁଡ଼ିକ ସୁସ୍ଥ ଶୋଇବା ଶୈଳୀକୁ ପ୍ରୋତ୍ସାହିତ କରେ ଏବଂ ହରମୋନାଲ ସନ୍ତୁଳନ ନିଶ୍ଚିତ କରେ।

**ଆରାମ ଏବଂ ଶାନ୍ତି ଅନୁଭବ:**

ଆଇ ମାସ୍କ ଲଗାଇବା ଦ୍ୱାରା ବହୁତ ଭଲ ନିଦ ହୁଏ। ଆଇ ମାସ୍କ ଲଗାଇବା ଦ୍ୱାରା ଆଖି ଉପରେ ସାମାନ୍ୟ ଚାପ ଅନୁଭବ ହୁଏ। ଏଥିପାଇଁ ବହୁତ ଆରାମ ଏବଂ ଶାନ୍ତି ଅନୁଭବ ହୁଏ। ଅଧ୍ୟୟନ ଅନୁଯାୟୀ, ଆଇ ମାସ୍କ ପିନ୍ଧିବା ଦ୍ୱାରା ଆଲୋକ ଏବଂ ଶବ୍ଦ ଭଳି ସମସ୍ୟା ଶୋଇବାରେ ବାଧା ସୃଷ୍ଟି କରେ ନାହିଁ।

**ବ୍ରଣ ଦୂର:**

ଆଇ ମାସ୍କ ଦେଇ ଶୋଇବା ଦ୍ୱାରା ମୁହଁରେ ମଇଳା ଜମା ହୁଏ ନାହିଁ ଏବଂ ମୁହଁରେ ପିମ୍ପଲ୍ ଏବଂ ବ୍ରଣ କମିବା ଆରମ୍ଭ ହୁଏ। କିନ୍ତୁ ଟାଇଟ୍ ମାସ୍କ ପିନ୍ଧିବା ଦ୍ୱାରା ଚର୍ମରେ ଅମ୍ଳଜାନ ଯୋଗାଣ କମିଯାଏ। ଏପରି ହେଲେ ମୁହଁରେ ବ୍ରଣ ସମସ୍ୟା ଦେଖାଯାଏ। ତେଣୁ, ଶୋଇବା ସମୟରେ ଏକ ଢିଲା ଆଇ ମାସ୍କ ବ୍ୟବହାର କରନ୍ତୁ।

**ଡାର୍କ ସର୍କଲରୁ ମୁକ୍ତି:**

ଆଇ ମାସ୍କ ଲଗାଇବା ଦ୍ୱାରା କେବଳ ନିଦ ଭଲ ହୁଏ ନାହିଁ ବରଂ ଶରୀରର ଚାପ ସ୍ତର ମଧ୍ୟ କମିଯାଏ। ଯେଉଁଥିପାଇଁ ଆଖି ତଳେ ପଡୁଥିବା କଳା ଦାଗଗୁଡ଼ିକ ଧୀରେ ଧୀରେ ଲିଭିଯାଏ ଏବଂ ଚେହେରା ସୁନ୍ଦର ଲାଗେ। ଏହା ସହ ଚର୍ମ ମଧ୍ୟ ଚମକିବା ଆରମ୍ଭ କରେ।

**ସ୍ମରଣ ଶକ୍ତି ବୃଦ୍ଧି:**

୧୮ ରୁ ୩୫ ବର୍ଷର କିଛି ଲୋକଙ୍କୁ ନେଇ ଏକ ପରୀକ୍ଷା କରାଯାଇଥିଲା। ସେମାନେ ଗୋଟିଏ ସପ୍ତାହ ଶୋଇବା ସମୟରେ ଆଖିରେ ମାସ୍କ ପିନ୍ଧିଥିଲେ। ଏହା ପରେ ସେମାନଙ୍କୁ ଅନେକ ଲାବୋରେଟୋରୀ ପରୀକ୍ଷା କରାଯାଇଥିଲା। ଅନୁସନ୍ଧାନକାରୀମାନେ ଜାଣିବାକୁ ପାଇଥିଲେ ଏମାନଙ୍କ ସ୍ମରଣ ଶକ୍ତି ବଢିଯାଇଛି। ସେମାନେ ଅଧିକ ଶବ୍ଦକୁ ମନେରଖି ପାରୁଛନ୍ତି। ଏଥିରୁ ଜଣାପଡିଥିଲା ସ୍ଲିପ୍ ମାସ୍କ ଉନ୍ନତ ଏପିସୋଡିକ୍ ମେମୋରୀ ଏନ୍‌କୋଡିଂ ଏବଂ ସତର୍କତା ସହିତ ଜଡିତ ଥିଲା।

# ଏଠାରେ ପେଟ୍ରୋଲ୍‌ଠାରୁ ମହଙ୍ଗା ପାଣି, ଗୋଟିଏ ବୋତଲ ପାଣିର ଦାମ୍‌ରେ ଫୁଲ ହୋଇଯିବ ପୁରା ଟାଙ୍କି

ଭାରତରେ ପାଣି ଅତି ସହଜରେ ମିଳିଯାଏ । କିନ୍ତୁ ଜାଣନ୍ତି କି ଏପରି କିଛି ଦେଶ ଅଛି ଯେଉଁଠାରେ ଲୋକଙ୍କୁ ପାଣି ପାଇଁ ଏତେ ଟଙ୍କା ଦେବାକୁ ପଡିଥାଏ ଯାହା ଆମ ଦେଶରେ ପେଟ୍ରୋଲ ସହିତ ସମାନ । ଦୁନିଆରେ ସବୁଠାରୁ ମହଙ୍ଗା ପାଣି କୋଷ୍ଟାରିକାରେ ମିଳିଥାଏ । ଯେଉଁଠାରେ ଗୋଟିଏ ବୋତଲ ପାଣିର ମୂଲ୍ୟ ୧୭୫ ଟଙ୍କା । ନରୱେରେ ମଧ୍ୟ ପାଣିର ବହୁତ ମୂଲ୍ୟବାନ । ଏଠାରେ ଗୋଟିଏ ବୋତଲ ପାଣି ୧୭୩ ଟଙ୍କାରେ ମିଳିଥାଏ । ବିଶ୍ୱ ମହାଶକ୍ତି ଆମେରିକାରେ ମଧ୍ୟ ସହଜରେ ମିଳେନି ପାଣି । ଏଠାରେ ଗୋଟିଏ ବୋତଲ ପାଣିର ଦାମ୍ ? ୧୫୬ ଟଙ୍କା । ସେହିପରି ଅଷ୍ଟ୍ରେଲିଆରେ ୧୩୯ ଟଙ୍କାରେ ଗୋଟିଏ ବୋତଲ ପାଣି ମିଳିଥାଏ । କାନାଡାରେ ମଧ୍ୟ ପାଣି ସମସ୍ୟା ସମାନ । କାନାଡାରେ ଗୋଟିଏ ବୋତଲ ପାଣି କିଣିବାକୁ ହେଲେ ଦେବାକୁ ପଡିଥାଏ ୧୩୮ ଟଙ୍କା । ଫିନଲ୍ୟାଣ୍ଡ କଥା କହିବାକୁ ଗଲେ ସେଠାରେ ଗୋଟିଏ ବୋତଲ ପାଣି ୧୩୭ ଟଙ୍କା ଏବଂ ଆୟରଲ୍ୟାଣ୍ଡରେ ପାଣି ବୋତଲର ଦାମ୍ ହେଉଛି ୧୩୫ ଟଙ୍କା । ପୁଏର୍ତୋ ରିକୋ ବିଷୟରେ କହିବାକୁ ଗଲେ ଏଠାରେ ୧.୫ ଲିଟର ପାଣି ପାଇଁ ଦେବାକୁ ପଡିଥାଏ ୧୩୨ଟଙ୍କା । ଏହାବ୍ୟତୀତ ସିଙ୍ଗାପୁରରେ ମଧ୍ୟ ପାଣି ଶସ୍ତା ନୁହେଁ । ଏଠାରେ ଗୋଟିଏ ବୋତଲ ପାଣିର ଦାମ୍ ହେଉଛି ୧୩୦ ଟଙ୍କା । ସବୁଠାରୁ ମହଙ୍ଗା ପାଣି ମିଳୁଥିବା ଦେଶ ଲିଷ୍ଟର ୧୦ମ ସ୍ଥାନରେ ରହିଛି ହଂକଂ । ଏଠାରେ ଗୋଟିଏ ପାଣି ବୋତଲ ପାଇଁ ଦେବାକୁ ପଡିବ ୧୨୯ ଟଙ୍କା ।



# ଚିନି ଖାଇବା କମାଇବେ କିପରି ?



ଅଧିକ ଚିନି ଖାଇଲେ ଟାଇପ୍-୨ ମଧୁମେହ, ହୃଦ୍‌ରୋଗ, ମେଦବହୁଳତା ଓ ନିର୍ଦ୍ଦିଷ୍ଟ ପ୍ରକାରର କର୍କଟ ପରି ରୋଗ ହେବାର ଆଶଙ୍କା ବଢ଼ିଥାଏ। ମିଠା ଲାଗୁଥିବା ଖାଦ୍ୟଗୁଡ଼ିକରେ ମଧ୍ୟ ବିଭିନ୍ନ ପ୍ରକାର ଭିଟାମିନ୍, ଖଣିଜ ଓ ତନ୍ତୁର ଅଭାବ ଥାଏ। ଅଧିକ ଚିନିମିଶ୍ରିତ ଖାଦ୍ୟ ଖାଇବା ଦ୍ୱାରା ଆମ ଖାଦ୍ୟସାରରେ ସନ୍ତୁଳନ ନ ରହି ନାନା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ। ତେଣୁ ସେଭଳି ଖାଦ୍ୟର ପରିମାଣ କିପରି କମାଇହେବ, ସେ ସମ୍ପର୍କରେ ଆଲୋଚନା କରିବା।କୌଣସି କିଣା ଖାଦ୍ୟରେ କେତେ ପରିମାଣର ଚିନି ମିଶିଛି, ତାହା ଜାଣିବା ପାଇଁ ପ୍ୟାକେଟ୍ ଉପରେ ଦର୍ଶାଯାଇଥିବା ବିଭିନ୍ନ ଖାଦ୍ୟସାର ପରିମାଣ ବାବଦରେ ଜାଣନ୍ତୁ। ପ୍ୟାକେଟ୍ ଖାଦ୍ୟ ବା ପ୍ରକ୍ରିୟାକୃତ ଖାଦ୍ୟରେ ସାଧାରଣତଃ ଅଧିକ ପରିମାଣର ଚିନି ମିଶିଥାଏ। ତେଣୁ ପ୍ରକ୍ରିୟାକୃତ ଖାଦ୍ୟ ବଦଳରେ ଫଳମୂଳ, ପନିପରିବା ପରିପୂର୍ଣ୍ଣ ଖାଦ୍ୟ ଖାଇବା ଦରକାର। ପରିଷ୍କୃତ ଧଳା ଚିନି ବଦଳରେ ମହୁ, ମ୍ୟାପଲ୍ ସିରପ୍ କି ଷ୍ଟିଭିଆ ପରି ପ୍ରାକୃତିକ ମଧୁକାରୀ ଗ୍ରହଣ କରିବା ଉଚିତ। ଭୋଜନରେ ଅଧିକ ପରିମାଣର ପୁଷ୍ଟିସାର ଓ ସ୍ୱାସ୍ଥ୍ୟପ୍ରଦ ସ୍ନେହସାର ସାମିଲ କଲେ ଚିନି ପ୍ରତି କ୍ଷୁଧା ଓ ଦୁର୍ବଳତା କମିଥାଏ।

ଶୋଷ ମେଣ୍ଟାଇବା ଲାଗି ସୋଡ଼ାପାଣି, ଶକ୍ତିବର୍ଦ୍ଧକ ପାନୀୟ ବା ଫଳରସ ପିଇବା ବଦଳରେ ପ୍ରଚୁର ପରିମାଣର ସାଦା ପାଣି ପିଇବା ଉଚିତ।

ସମୟ ଅଭାବରୁ ସୁବିଧାରେ ଉପଲବ୍ଧ ମିଠାଳିଆ ସ୍ନାକ୍ସ ଉପରେ ନିର୍ଭର ନକରି ଯଥେଷ୍ଟ ଆଗରୁ ଭୋଜନର ଯୋଜନା କରି ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ପ୍ରସ୍ତୁତ କରିବା ଶ୍ରେୟସ୍କର।

ପାଟିକୁ ଅରୁଚି ଲାଗୁଥିଲେ କୌଣସି ମିଠା କି ଚକୋଲେଟ୍ ଗ୍ରହଣ ନକରି ତଟକା ଫଳ ଗ୍ରହଣ କରନ୍ତୁ। ବିଭିନ୍ନ ଫଳରେ ପ୍ରାକୃତିକ ଶର୍କରା ସହ ପ୍ରଚୁର ତନ୍ତୁ ଓ ଅନ୍ୟାନ୍ୟ ପୋଷକ ରହିଛି ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଉପକାରୀ।

ନିୟମିତ ବ୍ୟାୟାମ ମଧ୍ୟ ଚିନି ବା ଶର୍କରା ପ୍ରତି ଦୁର୍ବଳତା କମାଇଦେଇଥାଏ। ବ୍ୟାୟାମ ମଧ୍ୟ ଆମ ରକ୍ତଶର୍କରା ସ୍ତରକୁ ନିୟନ୍ତ୍ରଣ କରେ।

ଉପରୋକ୍ତ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦେଲେ ଆମେ ନିଜ ଖାଦ୍ୟରେ ଶର୍କରା ପରିମାଣକୁ ଯଥେଷ୍ଟ କମାଇପାରିବା ଏବଂ ବିଭିନ୍ନ ରୋଗର ଆଶଙ୍କାକୁ ମଧ୍ୟ ଦୂରେଇ ଦେଇପାରିବା।

# ବୟସ ବୃଦ୍ଧି ସହ ଏସବୁ ଦିଗ ପ୍ରତି ଧ୍ୟାନ ଦେଲେ ଆମେ ସୁସ୍ଥ ଜୀବନଯାପନ କରି ପାରିବା

ପୂର୍ବ ଅପେକ୍ଷା ଆଜିକାଲି ଲୋକେ ନିଜର ସ୍ୱ ?ାସ୍ଥ୍ୟପ୍ରତି ଯତ୍ନବାନ ହେଲେଣି। କିନ୍ତୁ ଏବେ ବି କିଛିଲୋକ ଅଛନ୍ତି ଯେଉଁମାନେ ନିଜର ସ୍ୱାସ୍ଥ୍ୟ ପ୍ରତି କଦାପି ଧ୍ୟାନ ଦିଅନ୍ତି ନାହିଁ। ଏମିତିକି ଯେତେବେଳେ ଯାହା ମିଳିଲା ଖାଇ ଦେଇଥାଆନ୍ତି ଶୋଇବାର ବି କିଛି ସମୟସୀମା ନଥାଏ। ଏମିତି ଅଭ୍ୟାସ ଥିବା ବ୍ୟକ୍ତିଙ୍କୁ ବୟସ ବଢ଼ିବା ସହିତ ବିଭିନ୍ନ ପ୍ରକାର ଶାରୀରିକ ସମସ୍ୟା ସହିତ ରୋଗମାଡ଼ି ବସିଥାଏ।

ତେବେ ଆସନ୍ତୁ ଜାଣିବା ବୟସ ବଢ଼ିବା ସହିତ ଆମକୁ କେଉଁ ସବୁ ଦିଗ ପ୍ରତି ଯତ୍ନବାନ ହେବାକୁ ପଡ଼ିବ।

ପ୍ରଥମତଃ ପ୍ରତି ଦୁଇମାସରେ ଆପଣ ମଧୁମେହ ପରୀକ୍ଷା କରାଇ ନିଅନ୍ତୁ। ସେହିପରି ଶରୀରରେ କୋଲେଷ୍ଟ୍ରଲସ୍ତର କେତେ ତାହା ବି ଜାଣି ରଖନ୍ତୁ। ଏତଦ ବ୍ୟତୀତ ମାସ ?ରେ ଥରେ ରକ୍ତଚାପ କେତେ ଅଛି। ଛଅମାସରେ ଥରେ କ୍ୟାନସର ସ୍କ୍ରିନିଂ ପରୀକ୍ଷା କରାଇ ନିଅନ୍ତୁ। କେବଳ ଏତିକି ନୁହେଁ କିଡନି ଓ ଲିଭର କେମିତି ଅଛି ତାହାବି ଡାକ୍ତରଙ୍କ ପରାମର୍ଶରେ ପରୀକ୍ଷା କରାନ୍ତୁ।



୩୦-୪୦ବର୍ଷ ଅତିକ୍ରମ କରିଗଲେ କେଉଁ ଖାଦ୍ୟ କେତେ ପରିମାଣରେ ଖାଇବାର ଅଛି ସେନେଇ ଡାକ୍ତରଙ୍କୁ ପରାମର୍ଶ କରନ୍ତୁ। ଏହାପରେ ଏହାର ଏକ ତାଲିକା ପ୍ରସ୍ତୁତ କରି ଦିଅନ୍ତୁ। ଏହି ତାଲିକା ଅନୁଯାୟୀ ଆପଣ ଖାଦ୍ୟ ଖାଇ ସୁସ୍ଥ ଜୀବନଯାପନ କରି ପାରିବେ। କାରଣ ସ୍ୱାସ୍ଥ୍ୟ ହିଁ ସମ୍ପଦ। ସ୍ୱାସ୍ଥ୍ୟ ଠିକ ଥିଲେ ମନ ଖୁସି ରହିବ। ମନ ଖୁସି ହେଲେ ପ୍ରତ୍ୟେକ କାମ କରିବାରେ ମନ ଲାଗିବ।

# କେଉଁ ଖାଦ୍ୟରୁ ମିଳିଥାଏ ଅଧିକ ପ୍ରୋଟିନ୍ : ଅଣ୍ଡା ନା ପନୀର



ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ତାଲିକାରେ ପ୍ରଥମେ ଆସିଥାଏ ଅଣ୍ଡା ଓ ପନୀର । କିନ୍ତୁ ପ୍ରାୟ ଲୋକ ପନୀର ଓ ଅଣ୍ଡାରେ ଥିବା ପ୍ରୋଟିନ୍ ପରିମାଣକୁ ନେଇ ଦ୍ୱନ୍ଦ୍ୱରେ ରହିଥାନ୍ତି । ପନୀର ନା ଅଣ୍ଡା କେଉଁଥିରୁ ଶରୀରକୁ ଅଧିକ ପ୍ରୋଟିନ୍ ମିଳିଥାଏ । ଆପଣଙ୍କ ଭିତରେ ଏମିତି ଦ୍ୱନ୍ଦ୍ୱ ରହିଛି କି ? ତେବେ ଚାଲନ୍ତୁ ଜାଣିବା କାହାରା କ୍ୟାଲୋରୀ କାଉଣ୍ଟ୍ କେତେ ? ସମସ୍ତଙ୍କ ଡାଏଟ୍‌ରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ୍ କରିବା ବହୁତ ଜରୁରି । କିନ୍ତୁ ଅନେକ ଲୋକ ଅଣ୍ଡା ଓ ପନୀରକୁ ନେଇ ଦ୍ୱନ୍ଦ୍ୱରେ ରହିଥାନ୍ତି । ଅଣ୍ଡା ତୁଳନାରେ ପନୀରରେ ଅଧିକ ଅପମିଶ୍ରଣର ଆଶଙ୍କା ରହିଥାଏ । ଶରୀରର ଉପଯୁକ୍ତ ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ପରିମାଣର ପ୍ରୋଟିନ୍ ଆବଶ୍ୟକ।

ଅଣ୍ଡା- ଅଣ୍ଡା ପ୍ରୋଟିନ୍‌ରେ ଭରା । ଗୋଟିଏ ଅଣ୍ଡାରେ ୬ ଗ୍ରାମ୍ ପ୍ରୋଟିନ୍ ରହିଥାଏ । ଏହାବ୍ୟତୀତ ଶରୀରକୁ ଅନେକ ପ୍ରକାରର ଜରୁରି ଭିଟାମିନ୍ ମଧ୍ୟ ମିଳିଥାଏ । ଏଥିରେ ଫ୍ୟାଟ୍‌ର ମାତ୍ରା ଅଧିକ ରହିଥାଏ, ତେଣୁ ଶୀତ ଦିନେ ଅଧିକ ଅଣ୍ଡା ଖାଇବା ଲାଭଦାୟକ । ଏହାର ହଳଦିଆ ଅଂଶରେ ଅଧିକ ଭିଟାମିନ୍ସ ରହିଥାଏ । ଗୋଟିଏ ଅଣ୍ଡାରେ ୪ ଗ୍ରାମ୍‌ରୁ ଅଧିକ ଫ୍ୟାଟ୍, ଏକ ମି.ଲି.ଗ୍ରାମ୍ ଆଇରନ୍ ଓ ପ୍ରାୟ ୨୫ ମି.ଲି.ଗ୍ରାମ୍ କ୍ୟାଲସିୟମ୍ ରହିଥାଏ । ତେବେ ନିୟମିତ କେତୋଟି ଅଣ୍ଡା ଖାଇବା ଉଚିତ୍ ହେବ । ଏହା ବ୍ୟକ୍ତିର ବୟସ, ଓଜନ ଓ ଦୈନନ୍ଦିନ ରୁଟିନ୍ ଉପରେ ନିର୍ଭର କରିଥାଏ । ଏଥିପାଇଁ ନ୍ୟୁଟ୍ରିସିଆନ୍‌ଙ୍କ ମତ ନେବା ଉଚିତ୍ ।

ପନୀର- ୪୦ ଗ୍ରାମ୍ ପନୀରରେ ପ୍ରାୟ ୭ ଗ୍ରାମ୍ ପ୍ରୋଟିନ୍, ୧୯୦ ମି.ଲି. ଗ୍ରାମ୍ କ୍ୟାଲସିୟମ୍ ୫ ଗ୍ରାମ୍ କାର୍ବୋହାଇଡ୍ରେଟ୍ସ ଏବଂ ଫ୍ୟାଟ୍‌ର ମାତ୍ରା ରହିଥାଏ । ଏହାର ଭିନ୍ନ ଭିନ୍ନ ଆଇଟମ୍ କରି ଖାଇପାରିବେ । ବିଶେଷକରି ନିରାମିଷାଶୀମାନଙ୍କର ଏହା ପ୍ରଥମ ପସନ୍ଦ । ଅଣ୍ଡାର ପୋଷକ ତତ୍ତ୍ୱକୁ ପିସ୍ ହିସାବ କରାଯାଉଥିବା ବେଳେ ପନୀରର ଗ୍ରାମ୍‌ରେ କରାଯାଇଥାଏ । ଅଣ୍ଡା ତୁଳନାରେ ପନୀର ସାମାନ୍ୟ ଦାମୀ ।

ଅଣ୍ଡା ନା ପନୀର : ଉଭୟ ଅଣ୍ଡା ଓ ପନୀର ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ । ଯଦି କେହି ଅଣ୍ଡା ଖାଉ ନଥାନ୍ତି, ତେବେ ପନୀର ଖାଇବା ଦ୍ୱାରା ସେହି ପୋଷକ ତତ୍ତ୍ୱ ମିଳିପାରିବ । କିନ୍ତୁ ପନୀରରେ ଅପମିଶ୍ରଣର ଆଶଙ୍କା ଅଧିକ ରହିଥାଏ । ତେଣୁ ଯଦି ସମ୍ଭବ ନିଜେ ପନୀର ତିଆରି କରିବା ଉଚିତ୍ ହେବ ।

# ଏକମାସ ପର୍ଯ୍ୟନ୍ତ ଆଲୁ ନ ଖାଆନ୍ତି, ତେବେ କ'ଣ ହେବ ? ଆସନ୍ତୁ ଜାଣିବା...



**ପରିବାର ରାଜା ଆଳୁ । ଅଧିକାଂଶ ପନିପରିବା ସହିତ ମିଶାଇ ଆଳୁକୁ ରୋଷେଇ କରାଯାଏ । ସବୁ ଭାରତୀୟଙ୍କ ପ୍ରିୟ ଖାଦ୍ୟ ଆଳୁ । ପ୍ରତିଘରେ ଏହାକୁ ପ୍ରଚୁର ପରିମାଣରେ ଖିଆଯାଏ । କିନ୍ତୁ ଯଦି ଏକମାସ ପର୍ଯ୍ୟନ୍ତ ଆଳୁ ନ ଖାଆନ୍ତି, ତେବେ କ'ଣ ହେବ ? ଆସନ୍ତୁ ଜାଣିବା...**

ମାସକ ପାଇଁ ଯଦି ଆଳୁ ଖାଇବା ଛାଡି ଦିଅନ୍ତି ତେବେ ଓଜନ ନିୟନ୍ତ୍ରଣ ହୋଇପାରିବ । କାରଣ ଅଧିକାଂଶ ଆଳୁ ତେଲରେ ରନ୍ଧା ଯାଇଥାଏ ଏବଂ ଏହି କାରଣରୁ କ୍ୟାଲୋରୀ ବଢିଯାଇଥାଏ । କିଛି ଲୋକ ଆଳୁ ଖାଇବା ପରେ ପେଟରେ ଗ୍ୟାସ୍ ଏବଂ ଏସିଡିଟି ପରି ସମସ୍ୟା ଦେଖାଯାଇଥାଏ । ଯଦି ଏସିଡିଟି ସମସ୍ୟା ରହିଛି ତେବେ ଆଳୁ ଖାଆନ୍ତୁନି । ଆଳୁ ଖାଇବା ବନ୍ଦ କରିବା ଫଳରେ ହାଇ ବ୍ଲଡ୍ ସୁଗର କଣ୍ଟ୍ରୋଲ୍ କରିହେବ । ଏଥିପାଇଁ ମଧୁମେହ ରୋଗୀଙ୍କୁ ଆଳୁ ନ ଖାଇବାକୁ ପରାମର୍ଶ ଦିଆଯାଇଥାଏ । ଯଦି ସଂପୂର୍ଣ୍ଣ ଭାବେ ଆଳୁ ନଖାଆନ୍ତି, ତେବେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ହୋଇପାରେ । ତେବେ ଆଳୁ ବଦଳରେ ଆପଣ ଅନ୍ୟ ଖାଦ୍ୟ ଖାଇପାରିବେ । ଆଳୁ ମଧ୍ୟ ପୁଷ୍ଟିକର ଖାଦ୍ୟରେ ଭରପୂର । କିନ୍ତୁ ଏହାକୁ ସୀମିତ ପରିମାଣରେ ଏବଂ ଅଳ୍ପ ତେଲରେ ଖାଇବା ଉଚିତ୍ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ପ୍ରଶାନ୍ତିର ପ୍ରତୀକ ସହ ପ୍ରସ୍ଥାନ



ଇଂ.ସଚ୍ଚିଦାନନ୍ଦ ନନ୍ଦ

ଜଗତକୁ ଆସିଲେ, ଜଗତ ଛାଡ଼ିବ ଜୀବ ପାଇଁ ଏକ ନିଶ୍ଚିନ୍ତ ସତ୍ୟ। ମଣିଷ ଆସେ ଯେଉଁ ଅନନ୍ତ ସତ୍ତା ମଧ୍ୟରୁ, ତାର ଫେରିବା ନିଶ୍ଚିନ୍ତ ହୋଇଥାଏ ସେହି ସତ୍ତା ମଧ୍ୟରେ ବିଲୀନ ହୋଇଯିବା ପାଇଁ। ଏ ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ। ମାତ୍ର ଯେଉଁମାନେ ପରମ ପୁରୁଷ, ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣର ସ୍ମୃତିର ପଦଚିହ୍ନ ଛାଡ଼ି ଯାଆନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ଗୀତାରେ ଭଗବାନ କହିଛନ୍ତି - 'ଯେ କାହାକୁ ପୀଡ଼ା ନଦିଏ, ତାକୁ କେହି ପୀଡ଼ା ଦିଏ ନାହିଁ। ଯିଏ ହସ ଓ ବିଷାଦ ଭାବ ଛାଡ଼ି ବିଶ୍ୱକୁ ବ୍ରହ୍ମମୟ ଦେଖେ ତାର ମନରେ ଭୟ ନଥାଏ ସେ ମୋର ପ୍ରିୟ ଅଟେ।' ଗତ ଫେବୃଆରୀ ୨୨ ତାରିଖର ଘଟଣାଟି। ପ୍ରାତଃ ୫.୧୬ରେ ବ୍ରାହ୍ମ ମୁହୂର୍ତ୍ତରେ ମୋର ଘଣ୍ଟାର କଣ୍ଟା ଗୁଡ଼ିକ ସ୍ତବ୍ଧ ପାଲଟି ଗଲା, ଯେତେବେଳେ ନିହାରିକ ମଣ୍ଡଳର ଜଣେ ପବିତ୍ରାତ୍ମା ପଶ୍ଚିମକାଶରେ ଅସ୍ତମିତ ହୋଇଗଲେ। ସେ ଥିଲେ ଓଡ଼ିଶାର ବୈଷୟିକ ଶିକ୍ଷା ଜଗତର ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ। ଜନ୍ମ ବେଳଠାରୁ ପରିବାରକୁ ତମସାର ଘୋର ଅନ୍ଧକାର ଭିତରୁ ଘେନି ଯାଇଥିଲେ ଜ୍ୟୋତିର ଆଲୋକିତ ଜଗତକୁ। ଜଣେ ବ୍ୟକ୍ତିର ତିରୋଧାନରେ ସମଗ୍ର ଗ୍ରାମ ଶୋକାଭିଭୂତ ହେବା କ୍ୱଚିତ ଦେଖାଯାଇଥାଏ। ସଂସାରକୁ ଆସି ତାଙ୍କ ପିତାମାତାଙ୍କୁ ସୁଯୋଗ୍ୟ ସ୍ଥାନ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଓଡ଼ିଶା ମାନଚିତ୍ରରେ ନିଜ ଗ୍ରାମର ଅକ୍ଷାଂଶ ଦ୍ରାଘିମାକୁ ଏକ ବିଶିଷ୍ଟ ସ୍ଥାନ ପ୍ରଦାନ କରିଥିଲେ। ବର୍ତ୍ତମାନ ଯାଜପୁର ଜିଲ୍ଲା ଅନ୍ତର୍ଗତ ଛତିଆର ବିଖ୍ୟାତ ତଥା ବିଶିଷ୍ଟ ନନ୍ଦ ପରିବାରର କୁଳ ଦୀପକ ଭାବେ ଆର୍ବିଭାବ ହୋଇ ବାଲ୍ୟକାଳରୁ ସମସ୍ତ ଦୈବୀ ଗୁଣ ବିମଣ୍ଡିତ ଶ୍ରୀ ନନ୍ଦ ଶ୍ରୀମଦ୍ ଭଗବତ ଗୀତାର ସ୍ଥିତପ୍ରଜ୍ଞର ସମସ୍ତ ଲକ୍ଷଣଯୁକ୍ତ ଜୀବନ ଯାପନ କରିଥିଲେ। ବୋଧ ହୁଏ ସେଇଥିପାଇଁ ଭଗବାନ ତାଙ୍କୁ ଶିକ୍ଷକତା ରୂପକ ସମ୍ଭ୍ରାନ୍ତ ଓ ଉଚ୍ଚାଦର୍ଶମୟ ବୃତ୍ତି ପ୍ରଦାନ କରିଥିଲେ। ଫଳରେ ଶତସହସ୍ର ଛାତ୍ର ତଥା ତାଙ୍କ ସମ୍ପର୍କୀୟ ମାନେ ମଧ୍ୟ ଏଭଳି ଜଣେ ଅନୁକରଣୀୟ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହେବେ। ଗ୍ରାମର ବୟୋବୃଦ୍ଧ ଗୁରୁଜନମାନେ ତାଙ୍କ ଉପରେ ଆଶୀର୍ବାଦ ଅଜାଡ଼ି ପକାନ୍ତି। କନିଷ୍ଠମାନେ ତାଙ୍କୁ ସମ୍ମାନ ଦେଖାଇ ଶୁଭେଚ୍ଛା ପ୍ରାପ୍ତ ହୁଅନ୍ତି। ମହିଳାମାନେ ଶ୍ରୀ ଅମରେଶ୍ୱରଙ୍କୁ ପ୍ରାର୍ଥନା କରନ୍ତି ତାଙ୍କ ପୁତ୍ର ମଧ ଅଜୟ ଭଳି ହେଉ। ନୀରବରେ ଶାନ୍ତ ସମାହିତ ଜୀବନ ଜୀଇଁ ଶେଷକୁ ନୀରବରେ ପ୍ରସ୍ଥାନ କରି ଚାଲିଗଲେ; ଏହି ତ ଦିବ୍ୟ ଜୀବନ।

ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ମୋହ ମୁଦଗର ବର୍ଣ୍ଣିତ କୌଣସି ମାନବୀୟ ଦୁର୍ବଳତା ତାଙ୍କ ଠାରେ ପ୍ରକଟିତ ହୋଇନଥିଲା। ରୋଜଗାରରେ ଅସାଧୁତା, ଖର୍ଚ୍ଚ କରିବାରେ କୃପଣତା, ବନ୍ଧୁ ବାନ୍ଧବଙ୍କ ପ୍ରତି କର୍ତ୍ତବ୍ୟରେ ତ୍ରୁଟି କେବେହେଲେ କୌଣସି ଜଣେ ହେଲେ ଦେଖାଇପାରୁନଥିଲେ। କୌଣସି ପରିସ୍ଥିତିରେ ସେ ଉତ୍ତେଜିତ ବା ଉତକ୍ଷିପ୍ତ ହେବା କେହି ଦେଖିନାହାଁନ୍ତି। ଉଚ୍ଚସ୍ୱରରେ କଥା କହିବା, ପର ଦୋଷ ଦର୍ଶନ କିମ୍ବା ବ୍ୟସ୍ତ ବିବ୍ରତ ହେବା ତାଙ୍କ ଜାତକରେ ନଥିଲା। ଗ୍ରାମର ଲୋକ କହୁଥିଲେ 'ଆମ ଅଜୟ ରୂପରେ କାର୍ତ୍ତିକ, ଗୁଣରେ ଗଣେଶ'। ଅର୍ଥାତ୍ ସେ ଥିଲେ ଏ ଦୁଇ ଦେବତାଙ୍କ ସମାହାର। ଏକ ନୈସର୍ଗୀକ ବ୍ୟକ୍ତିତ୍ୱ। ଧନ୍ୟ ତାଙ୍କ ପିତା ମାତା ଧନ୍ୟ ତାଙ୍କ ପୂର୍ବଜ ବୃନ୍ଦ। ଲୋକେ କହନ୍ତି ଭଗବାନ କାହାକୁ ସବୁ ଦୃଷ୍ଟିରୁ ସୁଖୀ କରିନଥାନ୍ତି। ତାହା କିନ୍ତୁ ଶ୍ରୀ ନନ୍ଦଙ୍କ କ୍ଷେତ୍ରରେ ସତ୍ୟ ପ୍ରମାଣିତ ହୋଇନଥିଲା। ବ୍ରାହ୍ମଣ ପରିବାରରେ, ଧନାଢ଼୍ୟ ବଂଶରେ, ପ୍ରତିପତ୍ତିପୂର୍ଣ୍ଣ ପିତାମାତାଙ୍କଠୁ ଜନ୍ମଲାଭ କରି ବ୍ରାହ୍ମଣର ଗୁଣ ଓ କର୍ମ ଭାବେ ଅଧ୍ୟୟନ ଓ ଅଧାପନାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ରୂପ, ଗୁଣ, ଆଚରଣ, ଧନ, ଧାନ୍ୟ, ଚରିତ୍ର, ବିଦ୍ୟା, ବୁଦ୍ଧି, ବିଚାର, ଦୂରଦୃଷ୍ଟି ଓ ସମ୍ୟକ ଦୃଷ୍ଟି ଭଳି ନାନାବିଧ ସଦଗୁଣରେ ମଣ୍ଡିତ ହୋଇ, ପୁତ୍ର କନ୍ୟା ମାନଙ୍କୁ ସମାଜରେ ଉପଯୁକ୍ତ ପଦରେ ସୁପ୍ରତିଷ୍ଠିତ କରି ଜୀବନର ଯବନିକା ପତନ ପୂର୍ବରୁ ସମସ୍ତ ଦାୟିତ୍ୱ ସମାପନ କରି ଶେଷ ଶଯ୍ୟାରେ ମଧ ପ୍ରଶାନ୍ତିର ପ୍ରତୀକ ସ୍ମିତହାସ ସହ ଭବରଙ୍ଗ ମଞ୍ଚରୁ ପ୍ରସ୍ଥାନ କରିଗଲେ। ତାଙ୍କ ପିତାଙ୍କ ପାଇଁ ଶ୍ରୀ ନନ୍ଦ ଯେଉଁ ସେବା ଶୁଶ୍ରୁଷା ସେବା ପ୍ରଦାନ କରିଥିଲେ ତାଙ୍କ ଆତ୍ମଜମାନେ ତାଙ୍କୁ ଶହେଗୁଣ ସେବା ପ୍ରଦାନ କରିବାକୁ ଆଗେଇ ଆସିଲେ। ଏହାଦ୍ୱାରା ଏକ ଆପ୍ତସତ୍ୟ ପୁନର୍ବାର ପ୍ରମାଣିତ ହୋଇଗଲା। ଶ୍ରୀଯୁକ୍ତ ନନ୍ଦଙ୍କ ଆଦର୍ଶ ନିଶ୍ଚିତ ଭାବେ ଅନେକଙ୍କୁ ଜଣେ ଆଦର୍ଶ ପୁତ୍ର, ଆଦର୍ଶ ପିତା, ଆଦର୍ଶ ପତି, ଆଦର୍ଶ ବନ୍ଧୁ ଓ ଆଦର୍ଶ ଅଧ୍ୟାପକ ଭାବେ ଗଢ଼ି ତୋଳିବ। ଏହାଫଳରେ ଜାତିର ହୃତ ଗୌରବ ପୁନର୍ବାର ଏ ଭୂଖଣ୍ଡରେ ଝଲସି ଉଠିବ ଏବଂ ଶାସ୍ତ୍ରୋକ୍ତ ଜ୍ଞାନକୁ କାର୍ଯ୍ୟକାରୀ ସମ୍ପଦ ରୂପେ ପୁନଃ ପ୍ରତିଷ୍ଠା କରିବ।

ପରିବାରର ସଦସ୍ୟମାନେ ବିଶେଷକରି ତାଙ୍କ ପୁତ୍ର କନ୍ୟା ଅପରିଣତ ବୟସରେ ଏ ଦୁଃଖ କିଭଳି ସହିବେ ସେଥିପାଇଁ ଭଗବାନଙ୍କୁ ଅନ୍ତରର ଗଭୀରତାରୁ ପ୍ରାର୍ଥନା। ଶ୍ରୀଯୁକ୍ତ ଅଜୟ କୁମାର ନନ୍ଦଙ୍କ ଐଶ୍ୱୀ ଗୁଣାବଳୀ ତାଙ୍କ ପାଇଁ ପରଲୋକରେ ଉପଯୁକ୍ତ ସ୍ଥାନ ସୁନିଶ୍ଚିତ କରିଥିବ। ସେଥିପାଇଁ ସନ୍ଦେହ ବା ଚିନ୍ତା ଅନାବଶ୍ୟକ। ପରମ ଶାସ୍ତ୍ର ଭାଗବତର ଏକ ଅମୂଲ୍ୟ ପଂକ୍ତି ଏଠାରେ ଉଦ୍ଧୃତ କରୁଛି - 'ମନୁଷ୍ୟ ଜୀବନେ ଏ ଲାଭ, ଯଦି ଗୋବିନ୍ଦେ କରେ ଭାବ'। ଜୀବନ ଆରମ୍ଭରୁ କାହିଁକି ବିଗତ ଜନ୍ମରୁ ସେ ଗୋବିନ୍ଦ ଚନ୍ଦ୍ରଙ୍କ ସହିତ ଭାବ କରିଥିଲେ ସେ ମହାନ ଆତ୍ମା ମୋର ଚିର ନମସ୍ୟ।


ଅଲିଶା ବଜାର, କଟକ,

ମୋ: ୯୩୩୭୨୪୨୯୫୫


# ଜୀବନ ନାଶକ ଗୁଟଖା, ତମାଖୁ ସେବନ ! ହେବା ସଚେତନ



ପ୍ରଦୋଷ କୁମାର ଦାସ

ଗୁଟଖା/ ତମାଖୁ ସେବନ ଆମ ଅମୂଲ୍ୟ ସ୍ୱାସ୍ଥ୍ୟ ସଂପଦ ହାନୀର ପ୍ରମୁଖ କାରଣ ହୋଇଥାଏ। ତମାଖୁ /ଗୁଟଖା ଖାଇଲେ ମୁଖ ଗହ୍ୱର କର୍କଟ ରୋଗରେ ଆକ୍ରାନ୍ତ ହେବା ସୁନିଶ୍ଚିତ। ଏହା କଦାଚିତ ଆମ କାହାର ମଧ ସ୍ୱାସ୍ଥ୍ୟ ସହାୟକ ନୁହେଁ। ସ୍ୱାସ୍ଥ୍ୟ ସୁରକ୍ଷାର ପରିପନ୍ଥୀ ଗୁଟଖା/ ତମାଖୁ ସେବନ ସମ୍ପର୍କରେ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ( ଏନ୍ ଏଫ୍ ଏଚ୍ ଏସ୍) ପକ୍ଷରୁ ନିକଟରେ କରାଯାଇଥିବା ସର୍ବଭାରତୀୟ ସ୍ତରରେ ଅନୁଶୀଳନାତ୍ମକ ଅନୁସନ୍ଧାନ ରୁ ପ୍ରକାଶ ଯେ, ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଅଧିକ ତମାଖୁ/ ଗୁଟଖା ସେବନ କରୁଛନ୍ତି। ଏହା ବାସ୍ତବରେ ସତ୍ୟ ହୋଇଥିଲେ ନିଶ୍ଚୟ ଚିନ୍ତାଜନକ ଅଟେ। ବିଶ୍ୱ ଯୁବ ତମାଖୁ ସର୍ଭେ (ଜି ୱାଇ ଟି ଏସ୍)-୧୯ ରିପୋର୍ଟ ଅନୁସାରେ ଆମ ରାଜ୍ୟର ଶତକଡା ୬.୨ ଭାଗ ଯୁବ ପୀଢ଼ି ଗୁଟଖା/ ତମାଖୁ ସେବନ ରେ ଅଭ୍ୟସ୍ତ ରହିଛନ୍ତି। ଏଥିରେ ଧୂମପାନ ସେବାକାରୀଙ୍କ ସଂଖ୍ୟା ସର୍ବାଧିକ ରହିଛି। ଆମ ଉତ୍ତର ପୀଢି ବିଶେଷ କରି କିଶୋର ଓ ଯୁବ ସମାଜ ଯଦି ଏହାକୁ ନହେଜିବେ, ଆଗାମୀ ଦିନରେ ଆମ ରାଜ୍ୟ ର ଆଶା ଆକାଂକ୍ଷା ପୂରଣ ପାଇଁ ସେମାନେ ଅପଦାର୍ଥ ଭାବେ ଏକ ରୁଗଣ ସମାଜରେ ସୀମିତ ରହିଯାଇ ଅକାଳରେ ମୃତ୍ୟୁ ବରଣ କରିବେ। ବରିଷ୍ଠ ଙ୍କ ଆଖି ଆଗରେ ଏହା କେତେଯେ ହୃଦୟ ବିଦାରକ ହେବ ଆକଳନ କରି ଏଥି ପ୍ରତି ଆବଶ୍ୟକ ସଚେତନତା ସୃଷ୍ଟି କରିବାକୁ ହେବ ।

ଆମ ରାଜ୍ୟ ଓଡ଼ିଶାରେ ତଦାନିନ୍ତନ ରାଜ୍ୟ ସରକାର ଗୁଟଖା ନିଷେଧକୁ ଏ ମଧ୍ୟରେ ୧୧ ବର୍ଷ ପୁରିଛି। ସୂଚନା ଯୋଗ୍ୟ ଗତ ୧ ଜାନୁଆରୀ , ୨୦୧୩ ମସିହାରେ ଗୁଟଖା ଉତ୍ପାଦନ ଓ ବିକ୍ରୟ ଉପରେ ତଦାନିନ୍ତନ ରାଜ୍ୟ ସରକାର ନିଷେଧାଦେଶ ଜାରି କରିଥିଲେ। ଏଥି ସହିତ ଆମ ଦେଶର କେନ୍ଦ୍ର ସରକାରଙ୍କ ପକ୍ଷରୁ ତମାଖୁ ଓ ଅନ୍ୟାନ୍ୟ ତମାଖୁ ଉତ୍ପାଦନ ସାମଗ୍ରୀ କାରବାର ବିରୋଧରେ 'କୋଟପା ଆଇନ - ୨୦୦୩ କାର୍ଯ୍ୟକାରୀ କରାଇ ଏଥିପାଇଁ ଆବଶ୍ୟକ ଦଣ୍ଡବିଧି ବ୍ୟବସ୍ଥା କରିଥିଲେ। ତମାଖୁ ଆଇନ ଉଲ୍ଲଂଘନ କାରୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ମଧ ନିଆଯାଉଛି। ଗତ ୧୦ ବର୍ଷ ମଧ୍ୟରେ ଆଇନ ଉଲ୍ଲଂଘନ କାରୀଙ୍କଠାରୁ ଏ ମଧ୍ୟରେ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ଜରିମାନା ଆଦାୟ କରାଗଲାଣି। ହେଲେ ସ୍ଥିତିରେ ଜମାରୁ ସୁଧାର ଆସିପାରୁନାହି। ଗାଁରୁ ସହର ସବୁଠି ଦୋକାନ ବଜାରରେ, ଉଠା ଦୋକାନ ଓ ରାସ୍ତା ଧାରରେ ପାନ ଓ କ୍ଷେସନାରୀ ଦୋକାନ ବଜାର ମଧ୍ୟରେ ଭଳି ଭଳି କମ୍ପାନି ଲୋଗୋ ଥାଇ ଗୁଟଖା ଓ ତମାଖୁ ବେଧଡକ ବିକ୍ରିବଟା ଚାଲିଛି। ଦୁଃଖ ର ବିଷୟ, ୨ଶହ ମିଟର ବ୍ୟବଧାନ ରେ ଗୁଟଖା ତମାଖୁ କାରବାର ବିରୋଧରେ ଆଇନ କଡାକଡି ଥିଲେ ହେଁ ଏହାକୁ ଅବିବେକୀ ଦୋକାନୀବାଲାଏ ବିଲକୁଲ୍ ମାନୁନାହାନ୍ତି। ବିଦ୍ୟାଳୟରେ ପଢିବା ସମୟରୁ ହିଁ ପାଖ ଦୋକାନରେ ଯାହାକୁ ଯେତେ ବିକ୍ରୟ ହେଉଥିବା ଗୁଟଖା ଓ ତମାଖୁ ସେବନର କୁଅଭ୍ୟାସରେ ପଡି ଜୀବନକୁ ନଷ୍ଟ କରିବା ପାଇଁ ସାମାନ୍ୟ ଚିନ୍ତା ମଧ କରୁନାହାନ୍ତି।

ନିକଟରେ ଓଡ଼ିଶା ସିନେ ଅଭିନେତା ସାତ୍ୟକୀ ମିଶ୍ର ଏଇ ଗୁଟଖା ତମାଖୁ ସେବନ କରି ମୁଖ ଗହ୍ୱର କର୍କଟ ରୋଗରେ ଆକ୍ରାନ୍ତ ହୋଇ ବହୁ ଅର୍ଥ ବ୍ୟୟ କରି ଶେଷରେ ମରଣ ମୁହଁ ରୁ ଫେରିଆସିବା ପ୍ରକାଶ। କର୍କଟ ରୋଗର ଉପଶମ ପାଇଁ ତାଙ୍କ ସୁନ୍ଦର ମୁହଁ ରେ ଜରୁରୀ ଅସ୍ତ୍ରୋପଚାର ପରେ ତାଙ୍କର ସୁନ୍ଦର ଟି ବିକୃତ ହୋଇଯାଇଛି। ଏହି ବିକୃତ ଓ ବିକଳ ମୁହଁ ରେ ସେ ବିଭିନ୍ନ ଗଣମାଧ୍ୟମ ଓ ଅନ୍ୟାନ୍ୟ ସାମାଜିକ ଗଣମାଧମରେ ଆବଶ୍ୟକ ସଚେତନତା ସୃଷ୍ଟି କରୁଥିବା ପ୍ରକାଶ। ସେ ଅମାନିଆ ହୋଇ ଗୁଟଖା ସେବନ କରି କିପରି ଭୟାଭୟ କର୍କଟ ରୋଗରେ ପୀଡିତ ହୋଇଥିଲେ। ଶେଷକୁ ଆପଣା ଜୀବନ ବଞ୍ଚିଯାଇଥିଲେ ମଧ ନିଜର ସୁନ୍ଦର ଚେହେରା କୁ ହରାଇ ଏବେ ସେ କିପରି ଯନ୍ତ୍ରଣା ଅନୁଭବ କରୁଛନ୍ତି ବୋଲି ବୟାନ ରଖି ସମସ୍ତେ କେହି ଯେପରି ତାଙ୍କ ଭଳି ଗୁଟଖା ଖାଇ ଜୀବନ ନଷ୍ଟ ନକରନ୍ତୁ ବୋଲି ସଚେତନତା ସାଧାରଣରେ ଚର୍ଚ୍ଚା ହେଉଅଛି। ଏହାକୁ କେହି ନଜର ଅନ୍ଦାଜ କରିବା ସମିଚୀନ ନୁହେଁ।

ରିପୋର୍ଟ ଅନୁସାରେ, କଟକ ସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସା କେନ୍ଦ୍ର ରେ ପ୍ରତି ବର୍ଷ ମୁଖ ଗହ୍ୱର କର୍କଟ ଆକ୍ରାନ୍ତ ରୋଗୀଙ୍କୁ ସଂଖ୍ୟା ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଉଲ୍ଲେଖଯୋଗ୍ୟ, ଗତ ୨୦୧୮-୧୯ ବର୍ଷରେ ଆଚାର୍ଯ୍ୟ ହରିହର ହେଡ ଓ ନେଟ ଅଙ୍କୋଲୋଜି ବହିର୍ବିଭାଗ ( ଓପିଡି)କୁ ୪ ୩୦୯ ଜଣ, ୨୦୧୯-୨୦ ମସିହାରେ ୫୮୧୭ ଜଣ, ୨୦୨୦-୨୧ରେ ୩୧୮୧ ଜଣ ପୀଡିତ ଚିକିତ୍ସା ପାଇଁ ଆସିଥିବା ଜଣାଯାଇଛି। ଏହା ଏକ ନମୁନା ମାତ୍ର ଗୋଟିଏ ହସ୍ପିଟାଲ ରେ ଚିତ୍ର। ତେବେ ସାରା ରାଜ୍ୟରେ ରହିଥିବା ବିଭିନ୍ନ ଚିକିତ୍ସା କେନ୍ଦ୍ର ରେ ଅନେକ ପୀଡ଼ିତ ଚିକିତ୍ସାଧୀନ ରହିଥିବା ଓ ଅନେକେ ମଧ ଉଭୟ ଆର୍ଥିକ ଓ ମାନସିକ, ଶାରୀରିକ କ୍ଷଣ ଭୋଗୀ ଅକାଳରେ ମୃତ୍ୟୁ ବରଣ କରିସାରିବେଣି। ଏଥିପାଇଁ ମୃତକ ଜଣକ ପାଇଁ ତା'ର ଶୋକାକୁଳ ପରିବାର କିଭଳି ଦୁର୍ଦ୍ଦିନରେ ଜୀବନ ବିତାଉଥିବେ ସହଜେ ଅନୁମେୟ। ଆଇନ ଲାଗୁ କରିବା ସହ ଏହାକୁ କଡାକଡି ନିୟମିତ ହେଉନଥିବାରୁ ଗୁଟଖା ଆଇନ ଉଲ୍ଲଂଘନ କାରୀ ଗୁଟଖା ତମାଖୁ କାରବାରରେ ବେପରୁଆ ମନୋଭାବ ପୋଷଣ କରୁଥିବା ପ୍ରକାଶ। ଗୁଟଖା ବନ୍ଦ ପାଇଁ ସରକାରୀ ପଦକ୍ଷେପ ଧର୍ମ କୁ ଆଖି ଠାର ସଦୃଶ ହୋଇଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି। ଦୋକାନ, ବଜାର, ଘାଟ, ଯାତ୍ରା, ମେଳା, ମଉଛବ, ସବୁଠାରେ ଖୁଲମଖୁଲା ମାଳ ଗୁଟଖା ଜରି ଓ ପ୍ୟାକେଟ ବିକ୍ରୟ ପାଇଁ ଝୁଲି ରହୁଛି। ଏହାକୁ ସମସ୍ତେ ଦେଖି ନଦେଖିଲା ଭଳି ହେଉଛି। ଯିଏ ଯେତେ କାମରେ ବ୍ୟସ୍ତ, ଦିନ ମଜୁରିଆ, ତଥା ରାତି ଅନିଦ୍ରା ଓଭର ଟାଇମ୍ ଶ୍ରମଜୀବୀ, ଏପରିକି ଶିକ୍ଷିତ ଆଧୁନିକ ବ୍ୟକ୍ତି ବିଶେଷ, ଅଧ୍ୟୟନରତ ଛାତ୍ର ଛାତ୍ରୀ, ଯୁବଗୋଷ୍ଠୀଙ୍କ କ୍ଷେତ୍ରରେ ତମାଖୁ ଓ ଗୁଟଖା ସେବନ ଏକ ପ୍ରକାର ଅଭ୍ୟାସ ଗତ ସମସ୍ୟା ବୋଲି କୁହାଯାଏ। ସମସ୍ତେ ଗୁଟଖା ଓ ତମାଖୁ ସେବନର ପରିଣତି ସମ୍ପର୍କରେ ବୈଧାନିକ ସତର୍କତା ପଢି ଏହାର ଭୟାଭୟତା ଉପରେ ଅବଗତ ହୋଇ ମଧ ଗୁଟଖା ତମାଖୁ ସେବନ ଜାରି ରଖିବାରେ କିଞ୍ଚିତ ବିବେଚନା କରୁନାହାନ୍ତି। ତମାଖୁ ଓ ଗୁଟଖା ସେବନ ଜୀବନ ନାଶକ ବୋଲି ଏହାକୁ ଦୂରେଇ ରହିବାକୁ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ଅବଲମ୍ବନ କରୁନଥିବା ଘୋର ପରିତାପର ବିଷୟ। ତମାଖୁ ଓ ଗୁଟଖା ସେବନ ରୋକିବାକୁ ସ୍କୁଲ ସ୍ତରରେ ପ୍ରୟାସ ହେବା ଆବଶ୍ୟକ। ଗୁଟଖା ଖାଇ ସ୍ଥାନୀୟ ଅଞ୍ଚଳରେ କର୍କଟ ପୀଡ଼ିତ ରୋଗୀଟିଏର ଅକାଳ ମୃତ୍ୟୁ ବରଣ ଓ ତାର ଅବର୍ତ୍ତମାନରେ ତାର ଶୋକ ସନ୍ତପ୍ତ ପରିବାର କିପରି ଯନ୍ତ୍ରଣାରେ ରହିଛନ୍ତି ବୋଲି ଶୀର୍ଷକ ବିଷୟବସ୍ତୁରେ ସରଜମୀନ ଅନୁସନ୍ଧାନ ମୂଳକ ପ୍ରବନ୍ଧ ଓ ରିପୋର୍ଟ ପ୍ରସ୍ତୁତ କରି ଏହାକୁ ଶ୍ରେଣୀ ଗୃହରେ, ସର୍ବସମକ୍ଷରେ ପାଠ କରାଯିବା ଆବଶ୍ୟକ। ପଞ୍ଚାୟତ ସ୍ତରରେ ସରପଞ୍ଚ ମାନେ ଆଇନ ମୁତାବକ କ୍ଷମତାପ୍ରାପ୍ତ ହୋଇ ତମାଖୁ ଓ ଗୁଟଖା କାରବାରକୁ ରୋକିବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତି ୱାର୍ଡରେ ସଚେତନତା ସୃଷ୍ଟି କରିବା ପାଇଁ ବ୍ୟବସ୍ଥା କରିବାକୁ ହେବ। ଧୂମ ପାନକୁ ସାଧାରଣ ସ୍ୱାସ୍ଥ୍ୟ ଓ ପରିବେଶ ଅନୁକୂଳ ନୁହେଁ ଏହାକୁ ସଂପୂର୍ଣ ବର୍ଜନ କରିବା ସହିତ କେନ୍ଦ୍ରର 'ନୋ ସ୍ମୋକିଙ୍ଗ ଜୋନ' କୁ ବର୍ଜନ କରିବା ପ୍ରସ୍ତାବକୁ ସ୍ୱାଗତ କରି ଏବାବାବରେ ସମସ୍ତେ ସଚେତନ ହେବା ଆବଶ୍ୟକ। କୋଟପା ଆଇନ ଅନୁଯାୟୀ ଆଇନ ଉଲ୍ଲଂଘନ କାରୀଙ୍କ ବିରୋଧରେ କଡାକଡି ଦଣ୍ଡବିଧାନ ସହିତ ପ୍ରଶାସନିକ ସ୍ତରରେ ନିୟମିତ ଧରପଗଡର ଆବଶ୍ୟକତା ରହିଛି। ଏଥିରେ ସାଧାରଣ ଲୋକଙ୍କ ସହାୟତା ପାଇଁ ଆବଶ୍ୟକ ସମର୍ଥନର ମଧ ଆବଶ୍ୟକ ରହିଛି। ବିଦ୍ୟାଳୟ ଗୁଡ଼ିକ ଯେପରି ତମାଖୁ ମୁକ୍ତ ଅଞ୍ଚଳରେ ପରିଗଣିତ ହୋଇପାରିବେ, ଏହାର ଆଖପାଖ ଅଞ୍ଚଳରେ ଯେପରିକି ଆଇନତଃ ୨ଶହ ମିଟର ପରିମିତ ପରିଧି ଅଞ୍ଚଳରେ ତମାଖୁ ଓ ଗୁଟଖା ସେବନ ଓ କାରବାରକୁ ବିଧିବଦ୍ଧ ଭାବେ ଆଇନ କଡାକଡି କରାଯିବାକୁ ଲକ୍ଷ୍ୟ ରଖି ଆବଶ୍ୟକ ପଦକ୍ଷେପ ନିଆଯିବା ବିଧେୟ। ବାରମ୍ବାର ଆଇନ ଉଲ୍ଲଂଘନ କାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ନିଆଯିବା ମଧ ଜରୁରୀ।

ନିଜର ଅଳି ଅବା ଟକ ମେଣ୍ଟାଇବା ନିମନ୍ତେ ଗୁଟଖା ଓ ତମାଖୁ ସେବନ କରି ଯେତେ ସୁଦକ୍ଷ ଭାବେ ପରିବାର ପ୍ରତିପୋଷଣ କଲେ ମଧ ଶେଷରେ ସେହି କୁଅଭ୍ୟାସ ତାର ଯଦି ପ୍ରାଣ ଘାତକ ସାବ୍ୟସ୍ତ ହୋଇଥାଏ, ତେବେ ଲାଭ କ'ଣ ? ପରିବାରର କୌଣସି ବ୍ୟକ୍ତି ଅଯଥାରେ ଗୁଟଖା ତମାଖୁ ସେବନ କରି ଅକାଳରେ ମୃତ୍ୟୁ ବରଣ କଲେ, ତା ଅବର୍ତ୍ତମାନରେ ଶୋକସନ୍ତପ୍ତ ପରିବାରଗଣଙ୍କୁ କିପ୍ରକାର ମାର୍ମିକ ଯନ୍ତ୍ରଣା ଅନୁଭବ କରିବାକୁ ହେବ, ତାହାକୁ ବେଳଶୁ ବିବେଚନା କରିବା ଆବଶ୍ୟକ। ଭୁଲନ୍ତୁ ନାହିଁ, ଗୁଟଖା ଓ ତମାଖୁ ସେବନର ଶେଷ ପରିଣତି କେବଳ ଯନ୍ତ୍ରଣା ସିକ୍ତ ମୃତ୍ୟୁ ବରଣ। ସୁସ୍ଥ ସୁଖି ଜୀବନ ପାଇଁ ଆମକୁ ତଥା ଆମ ପରିବାରର ସୁଖସମୃଦ୍ଧି ପାଇଁ ସଜାଗ ଓ ସଚେତନ ରହିବାକୁ ପଡିବ। ଏଣୁ ଜୀବନ ନାଶକ ତମାଖୁ ଓ ଗୁଟଖା ସେବନ ଠାରୁ ଦୂରେଇ ରହି ସୁସ୍ଥ ସୁଖି ଜୀବନ ପାଇଁ ପ୍ରତିଶ୍ରୁତି ବଦ୍ଧ ହୁଅନ୍ତୁ ଓ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହୁଅନ୍ତୁ।

'ଖାଇବି ନାହିଁ  
ତମାଖୁ ଗୁଟଖା, କରିବି ବର୍ଜନ।  
ଜୀବନ ନାଶକ ଏହାର ସେବନ  
ସତର୍କ ରହିବା,  
ସଭିଏଁ ହେବା ସଚେତନ  
ସ୍ୱାସ୍ଥ୍ୟ ରକ୍ଷାରେ ରହିଅଛି, ଯେଣୁ  
ଆମସବୁରିଙ୍କ ସୁଖି ସମୃଦ୍ଧ ଜୀବନ।'


+ ନାଚୁଣୀ, ଖୋର୍ଦ୍ଧା, ପିନ୍:- ୭୫୨୦୨୪

ମୋ:୬୩୭୦୪୯୫୯୪୪


## ଷମତା ଓ ସୁରକ୍ଷା....

ଚଣ୍ଡିଗଡ଼ ମେୟର ନିର୍ବାଚନରେ ଲଜ୍ଜାଜନକ ଘଟଣାକୁ ପ୍ରତ୍ୟକ୍ଷ କରିବା ପରେ ମଙ୍ଗଳବାର ଦିନର ରାଜ୍ୟସଭା ନିର୍ବାଚନରେ ସମାନ ଧରଣର ଘଟଣା ଘଟିବା ଭାରତର ନିର୍ବାଚନୀ ଗଣତନ୍ତ୍ରରେ, ବିଶେଷକରି ରାଜନୀତିକ ଦଳୀୟ ବ୍ୟବସ୍ଥାରେ ଦେଖା ଦେଇଥିବା ଏକ ସଂକଟକୁ ସାମ୍ନାକୁ ଆଣିଛି, ଯାହା ଏହାର ଆଧାର ଶିଳା। ଏକଥା ସମସ୍ତେ ଜାଣନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରମ୍ବାର ସମଗ୍ର ବିଶ୍ୱକୁ ଭାରତ ଗଣତନ୍ତ୍ରର ଜନନୀ ବୋଲି ସ୍ମରଣ କରାଇ ଦେଇଥାନ୍ତି । ତାଙ୍କର ଏପରି ବିବୃତିକୁ ଯଥାର୍ଥ ସାବ୍ୟସ୍ତ କରିବାକୁ ସେ ଯେଉଁ ଯୁକ୍ତି ବା ଯେଉଁ ଐତିହାସିକ ତଥ୍ୟ ଦର୍ଶାନ୍ତୁ ନା କାହିଁକି, ଉପରୋକ୍ତ ଦିବସର ବାସ୍ତବତା କିନ୍ତୁ ବିଶ୍ୱବାସୀ ଗଣତନ୍ତ୍ର ବୋଲି ଯାହାକୁ ବୁଝୁଛନ୍ତି, ସେମାନଙ୍କର ସେଇ ଧାରଣାକୁ ବଦଳାଇ ଦେବାକୁ ଯଥେଷ୍ଟ ହୋଇଥବ ବୋଲି କୁହାଯାଇପାରେ। ଆଉ ଏଇ ଅଧ୍ୟାୟକୁ ଯାହା ସବୁଠୁ ଅଧିକ କଦର୍ଯ୍ୟ କରି ଦେଇଛି, ତାହା ହେଉଛି- ସମସ୍ତ କାର୍ଯ୍ୟ କରାଯାଇଛି ସେଇ ଦଳ ଦ୍ୱାରା, ଯେଉଁ ଦଳରେ ଖୋଦ୍ ପ୍ରଧାନମନ୍ତ୍ରୀ ରହିଛନ୍ତି। ଉପରୋକ୍ତ ଦିବସରେ ଯେଉଁ ତିନିଗୋଟିଯାକ ରାଜ୍ୟରେ ରାଜ୍ୟସଭା ନିର୍ବାଚନ ହୋଇଥିଲା, ସେ ସବୁଯାକରେ ବିଧାୟକମାନେ କ୍ରସ୍-ଭୋଟିଂ କରିଥିବା ପ୍ରକାଶ ପାଇଛି ; ହିମାଚଳ ପ୍ରଦେଶରେ କିନ୍ତୁ ଏହା ଏକ ବଡ଼ ଧରଣର ରାଜନୀତିକ ସଂକଟ ସୃଷ୍ଟି କରିଛି ଯାହା ହୁଏତ ଏହି ରାଜ୍ୟର ନେତୃତ୍ୱ ପରିବର୍ତ୍ତନ ଦିଗରେ ମଧ ପଥ କଢ଼ାଇ ନେଇପାରେ। ପ୍ରଥମେ ଏହି କ୍ରସ୍- ଭୋଟିଂରୁ ହିମାଚଳ ପ୍ରଦେଶର କଂଗ୍ରେସ ନେତୃତ୍ୱରେ କିଛି ଗଣ୍ଡଗୋଳ ରହିଥିବା ତଥା ଉତ୍ତରପ୍ରଦେଶରେ ଏପରି କାର୍ଯ୍ୟକୁ ସମାଜବାଦୀ ପାର୍ଟି ଏବଂ ବହୁଜନ ସମାଜ ପାର୍ଟିର ନେତୃତ୍ୱଙ୍କ କର୍ତ୍ତୃତ୍ୱରେ ଅବନତି ଘଟିଥିବା ଭଳି ମନେହୋଇପାରେ । କର୍ଣାଟକରେ ଶାସକ କଂଗ୍ରେସ ଦଳ କ୍ରସ୍-ଭୋଟିଂର ଶିକାର ହୋଇଛି । କିନ୍ତୁ ଏହି ଦୁର୍ଦ୍ଦଶା ଦଳ ଭିତରେ ଆଭ୍ୟନ୍ତରୀଣ କନ୍ଦଳ ବା ଦୁର୍ବଳ ନେତୃତ୍ୱଠାରୁ ଅଧିକ କିଛିକୁ ପ୍ରତିଫଳିତ କରୁଛି : ଏହା ନେତା ଏବଂ ବିଧାୟକମାନଙ୍କର ସଚ୍ଚୋଟତା ଉପରେ ପ୍ରଶ୍ନବାଚୀ ଉଠାଇବା ସହିତ ସେମାନଙ୍କ ଦ୍ୱାରା ଦୁର୍ନୀତିକୁ ଦିଆଯାଉଥିବା ପ୍ରୋତ୍ସାହନକୁ ପଦାରେ ପକାଇଛି, ଯେଉଁମାନଙ୍କର ଗଣତନ୍ତ୍ର ଓ ଜନାଦେଶ ପ୍ରତି କ୍ୱଚିତ୍ କିଛି ସମ୍ମାନ ରହିଛି। ଭାରତୀୟ ଗଣତନ୍ତ୍ରରେ ଜଣେ ଏମ୍ଏଲ୍ କ୍ରସ୍-ଭୋଟିଂର ଆଶ୍ରୟ ନେବା କିଛି ନୂଆକଥା ନୁହେଁ, କିନ୍ତୁ ହିମାଚଳ ପ୍ରଦେଶରେ ଯାହା ଘଟିଲା, ତାହା ହେଉଛି ଏକ ନିର୍ବାଚନ ସମୟରେ ଯୋଜନାବଦ୍ଧ ଉପାୟରେ ଏମ୍ଏଲ୍ଏମାନଙ୍କର ସାମୂହିକ ଦଳ ବିରୋଧୀ କାର୍ଯ୍ୟ। ଏହି ରାଜ୍ୟରେ ମୋଟ ୬୮ଟି ଆସନ ଥିବା ବେଳେ ୪୩ ଜଣ ସଦସ୍ୟଙ୍କ ସମର୍ଥନରେ ଶାସକ କଂଗ୍ରେସ ଏକ ସିଧାସଳଖ ରାଜ୍ୟସଭା ନିର୍ବାଚନରେ ନିଜର ପ୍ରାର୍ଥୀଙ୍କୁ ନିର୍ବାଚିତ କରିବାରେ ବିଫଳ ହେଲା । ୨୫ ସଦସ୍ୟର ଅଧିକାରୀ ହୋଇଥିବା ବିଜେପି ଏବଂ କଂଗ୍ରେସ ଉଭୟ ସମାନ ୩୪ଟି ଲେଖାଏଁ ଭୋଟ୍ ପାଇଲେ ଯାହାର ପରିଣତି ହେଲା ଲଟେରୀ। ବର୍ତ୍ତମାନ କଂଗ୍ରେସ ସରକାର ବିପଦରେ। ଏହାର କାରଣ ଖୋଜିଲେ ସମସ୍ତେ ଜାଣି ପାରିବେ ଯେ ଗୋଟିଏ ପକ୍ଷରେ ରହିଛି ଉଚ୍ଚାକାଂକ୍ଷୀ ବିଜେପି, ଯିଏ ପ୍ରତି ସ୍ଥାନରେ ପ୍ରତିଟି ନିର୍ବାଚନରେ ବିଜୟୀ ହେବାକୁ ଚାହୁଁଛି– ଯେଉଁ ଦଳ ପାଇଁ ମାଧ୍ୟମ ଅପେକ୍ଷା ପରିଣତି ଯଥେଷ୍ଟ ଅଧିକ ମହତ୍ତ୍ୱ ରଖୁଛି । ବିରୋଧୀ ଦଳମାନେ ଅଭିଯୋଗ କରନ୍ତି ଯେ ତଦନ୍ତକାରୀ ଏଜେନ୍ସିମାନେ ଏବଂ ପୃଷ୍ଠପୋଷକତା, ସରକାରୀ ପଦ ପଦବୀ ପ୍ରଦାନ କରିବାର ଲୋଭ ଦେଖାଇବା ଇତ୍ୟାଦି ସମେତ ସବୁ ପ୍ରକାରର କଳ ବଳ କୌଶଳ ଏହାଦ୍ୱାରା ପ୍ରୟୋଗ କରାଯାଉଛି ସେମାନଙ୍କର ସରକାରମାନଙ୍କର ପତନ ଘଟାଇବାକୁ। ବସ୍ତୁତଃ, ନିକଟ ଅତୀତର ବର୍ଷମାନଙ୍କରେ କର୍ଣ୍ଣାଟକ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଏବଂ ଗୋଆ ସେମାନଙ୍କର ସରକାରମାନେ ଦଳ ବଦଳ ଯୋଗୁଁ ସରକାର ଭୁଶୁଡ଼ି ପଡ଼ିବା ଏବଂ ପୁନର୍ଗଠିତ ହେବାକୁ ପ୍ରତ୍ୟକ୍ଷ କରିଛନ୍ତି। ଅପର ପକ୍ଷରେ, ଏହା ମଧ ପ୍ରମାଣିତ ଯେ ବିରୋଧୀ ଦଳମାନେ ସେମାନଙ୍କର ଗୋଷ୍ଠୀକୁ ଏକାଠି ବାନ୍ଧି ରଖିବାରେ ବିଫଳ ହେଉଛନ୍ତି; ସେମାନଙ୍କର ଘୋଡ଼ାମାନେ ଦାନାର ତୋବଡ଼ା ଦେଖିବା ମାତ୍ରେ ପଘା ଛିଣ୍ଡେଇ ଡିଆଁ ମାରିବାକୁ ସଦାସର୍ବଦା ପ୍ରସ୍ତୁତ ହୋଇ ରହୁଛନ୍ତି- ଆଦର୍ଶ ତେଣିକି ପଛେ ଚୁଲିକୁ ଯାଉ । ଗଣତନ୍ତ୍ର ଏହାର ଅନୁଷ୍ଠାନମାନଙ୍କ ଜରିଆରେ ତିଷ୍ଠି ରହିଥାଏ, ଯେଉଁଗୁଡ଼ିକ ସବୁବେଳେ ବିବର୍ଜିତ ହୋଇ ଚାଲିଥାନ୍ତି। ବ୍ୟବସ୍ଥାପିକା ହେଉଛି ଏହାର ପ୍ରଥମ ଏବଂ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଏବଂ ଏହାର ଦୃଢ଼ତା ଗଣତନ୍ତ୍ରର ଦୃଢ଼ତାକୁ ପ୍ରତିଫଳିତ କରିଥାଏ। ଆଉ ଏଇ ଯୁକ୍ତି ହିଁ ରହିଥାଏ ଦଳ ବଦଳ ଆଇନ ଓ ହ୍ୱିପ୍ ଭଳି ସଂସଦୀୟ ଅବଧାରଣା ପଛରେ । ତେବେ ସାମ୍ପ୍ରତିକ ସମୟରେ ମନେହୁଏ ରାଜନେତାମାନେ ଦଳ ଏବଂ ବ୍ୟବସ୍ଥାପକମାନଙ୍କ ମଧ୍ୟରେ ରହିଥିବା ବାଚନିକ ସମ୍ପର୍କକୁ ଭୁଲି ଯାଉଛନ୍ତି : ସେମାନେ ଓଡ଼ିଆର ସେଇ ପ୍ରବାଦ 'ଆବେ ପରଶୁ ଯେବେ ପରଶୁ ବାବୁ ପର୍ଶୁରାମ, ପୈସା କ୍ୟା ନକରେ କାମ୍' ଭଳି ଲେଭାସକ୍ତ ହୋଇ ଜନାଦେଶ ଏବଂ ଦଳକୁ ହେୟ ମନେ କରିବାକୁ ତିଳେ ହେଲେ କୁଣ୍ଠାବୋଧ କରୁ ନାହାନ୍ତି । ଏଥିପାଇଁ ଦଳମାନଙ୍କୁ ଦାୟୀ କରାଯାଇପାରେ, କାରଣ ସେମାନେ ନିଜେ ନିଜକୁ ଅଗଣତାନ୍ତ୍ରିକ ମଞ୍ଚରେ ପରିଣତ କରି ନୈତିକ ଅବକ୍ଷୟକୁ ଆମନ୍ତ୍ରଣ କରୁଛନ୍ତି । ତେଣୁ ଏଥରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ ରାଜନେତାମାନେ ସମ୍ପଦ, ଶାସନ କରିବାର କ୍ଷମତା ଏବଂ ସୁରକ୍ଷାର ଅନ୍ୱେଷଣରେ ସଦାସର୍ବଦା ରହୁଛନ୍ତି।





### ଆଉ ଫଗୁଣ ଆସୁନି

ସିଦ୍ଧେଶ୍ୱର ତ୍ରିପାଠୀ

ଆଉ ଫଗୁଣ ଆସୁନି ବନ୍ଧୁ  
ଶୀତଳସେ ମଳୟକୁ ଛୁଇଁ  
କୋଇଲିର କୁହୁତାନ  
ପଳାସର ଛନ ଛନ  
ହସ ଆଉ ନାହିଁ

ଆଉ ଫଗୁଣ ଆସୁନି ବନ୍ଧୁ  
ଶୀତଳ ସେ ମଳୟକୁ ଛୁଇଁ

ବସନ୍ତର ଦେହ ସାରା ବିଷ  
ଗନ୍ଧ ହୀନ ବଉଳର ବାସ  
ବିଭୋରତା ନାହିଁ ଆଉ  
ଆମ୍ବ କସି ଚାହୁଁ ଚାହୁଁ  
ମନ ଆଉ ଝୁମି ଉଠେ ନାହିଁ

ଆଉ ଫଗୁଣ ଆସୁନି ବନ୍ଧୁ  
ଶୀତଳ ସେ ମଳୟକୁ ଛୁଇଁ

ପତ୍ରଝଡା ଗଛ ସବୁ ଥୁଣ୍ଟା  
ମାର୍ଚ୍ଚିତ ତାତି ଲୁହାକଣ୍ଟା  
ଜୀବନର ତିକ୍ତ ଅନୁଭୂତି  
ଫଗୁଣକୁ ଭେଟିବ କେମିତି  
ବିରହର ଗୀତ ଗାଇ ଗାଇ

ଆଉ ଫଗୁଣ ଆସୁନି ବନ୍ଧୁ  
ଶୀତଳ ସେ ମଳୟକୁ ଛୁଇଁ ।

### ଅନ୍ୱବ ଆମ ରଖିବ ନାମ

ନିରଞ୍ଜନ ପତି



ଅନ୍ୱବ ଆମର ଷଷ୍ଠ ଶ୍ରେଣୀ ଛାତ୍ର  
ଶ୍ରୀ ଚଇତନ୍ୟ ରେ ପଢେ,  
ଜନନୀ ଅନିତା ପିତା ଅରୁଣଙ୍କ  
କୋଳରେ ଗେହ୍ଲରେ ବଢେ।

'ଅ'ରୁ ଅମାୟିକ 'ନ'ରୁ ନମ୍ରତା  
'ବ'ରୁ ବିଚକ୍ଷଣ ପିଲା,  
ପଢାବେଳେ ପଢେ ଖେଳବେଳେ  
ଖେଳେ  
ପାଠରେ କରେନି ଢିଲା।  
ମାଆ କହିଥାନ୍ତି ମନଦେଇ ପଢ  
ଭଲରେ ଭବିଷ୍ୟ ଗଢ  
ଭଲପିଲା,ଭଲ ମଣିଷ ହୋଇବୁ  
ଖୁସିରେ ଜିଣିବୁ ଗଡ଼।

ନିଜେ ନଖାଇକି ଜଳଖିଆ ତା'ର  
ଅଖିଆ ସାଥୀକୁ ଦିଏ,  
ପାଠରେଖେଳରେଆଗୁଆ ହୋଇସେ  
କେତେ ଯେ ବାହାବା ନିଏ।

ଅନାଥ ପିଲା ଓ ଜୀବଜନ୍ତୁ ଙ୍କୁ ସେ  
ମନ ଦେଇ ସେବା କରେ,  
ପିତା ମାତାଙ୍କର ସେବା କରିବାକୁ  
ମନରେ ସାହସ ଭରେ।

ଅନ୍ୱବ ଆମର ଭାରି ଜାଣିବାର  
ଭଲ ମଣିଷ ସେ ହେବ,  
ଶିକ୍ଷକ, ସୈନିକ, ବୈଜ୍ଞାନିକ ହୋଇ  
ସମସ୍ତଙ୍କୁ ଖୁସି ଦେବ।


+ ଗାନ୍ଧୀ ମାର୍ଗ, ଅନୁଗୋଳ

ମୋ-୯୯୩୮୧୩୩୫୫୯


### ବାଘ ଆସେ

ବିଶ୍ୱନାଥ କର



ବାଘ ଆସେ ବାଘ ଆସେ  
ରକ୍ତବର୍ଣ୍ଣ ଡୋଳାକୁ ଘୁରେଇ  
ମୁଁ ଘୁରୁଛି ଏକା ଏକା ଘଞ୍ଚ  
ଜଙ୍ଗଲରେ  
ମୋ ପଳାୟନ କରିବାର ସବୁବାଟ  
ବାଘର ଆଁରେ  
ମୋ ଚାରିଆଡ଼େ ପବନରେ ଉଡେ  
ଶୁଖିଲା ପତର  
ଖସ୍ ଖାସ୍ ଶବ୍ଦ ବିନା ନାହିଁ କାହିଁ  
ଶବ୍ଦର ହୁଙ୍କାର ।

ବାଘ ଆସେ ବାଘ ଆସେ  
ଗିଳିଦେବ ଜହ୍ନରାତି  
ଗିଳିଦେବ ଫୁଲର ଚଇତି  
ସଞ୍ଜ ନଇଁବା ଡରରେ  
ଉଡିଯାଉଛନ୍ତି ପକ୍ଷୀ,  
ବାଘର ଡରରେ  
ମୁଁ ଲୁଚେଇ ରଖିଛି ମୋ ଛାଇ  
ଲିଭେଇ ଦେଇଛି ଅଣୀଣ  
ବର୍ଷାର ଦାଗ  
ମୋ ନିରୀହ ଆଖିରୁ ।

ମୋ ଅତି ପରିଚିତ ରାସ୍ତା ସବୁ  
ଅଦୃଶ୍ୟ ଲାଗୁଛି ଘନ ଅନ୍ଧାରରେ  
ମୋ ଅର୍ଥହୀନ କେଇପାଦ ଗତି  
ବାଘର ପଞ୍ଝାରେ ।  
ମୋ ସାରା ରଙ୍ଗୀନ ବିଶ୍ୱ ଘୁରୁଛି ବାଘର  
ଡୋଳାରେ ।

ମୋତେ ଉପହାସିତ କରେ  
ମୋ କାପୁରୁଷତାର ଫୁଲସଞ୍ଜ  
ବାଟ ଚାଲିବାର ଏକ ଅଜଣା ଡର  
ଜାବୁଡ଼ି ଧରେ ମୋତେ  
ବାଘ ଆଖିର ନିଆଁ ହୁତୁ ହୁତୁ ଜଳେ  
ଅପରିଚିତ ରାସ୍ତାରେ ମୋ ପୌରୁଷ  
ବାଟବଣା ହୁଏ

ମୋ ସ୍ୱପ୍ନରେ କିଏ ବୋଳିଦିଏ ରଙ୍ଗ  
କାହା ପ୍ରତୀକ୍ଷାରେ ଫୁଲ ସବୁ  
ଝାଉଁଥାନ୍ତି ମହୁ  
କାହା ବାଟକୁ ଚାହିଁ ଚାହିଁ ନିଷ୍ପ୍ରଭ  
ହୋଇଯାଏ ମହାଶୂନ୍ୟରେ ଆକାଶ  
ଗଙ୍ଗାର ରାତି  
ମୁଁ ସେମିତି ନିର୍ବିକାର  
ଧୂଆଁଳିଆ ଆକାଶର ଦିଗହୀନ  
ବିସ୍ମୃତି ଯେମିତି।

ସବୁ ନିଃଶେଷ ହୋଇଯିବ  
ବାଘର ଆଁରେ  
ସବୁ ନିର୍ବିର୍ଯ୍ୟ ହୋଇଯିବେ  
ବାଘର ପଞ୍ଝାରେ  
ରାତି ସବୁ ଶୋଇଯିବେ  
ପାହାଡ଼ କୋଳରେ  
ଦିନ ସବୁ ହଜିଯିବେ ସମ୍ପୂର୍ଣ୍ଣ  
ସୂର୍ଯ୍ୟପରାଗରେ ।  
ବାଘ ଆସେ ବାଘ ଆସେ  
ନିଃଶବ୍ଦ ଗତିରେ  
ଝୁଣିନେବ ଦିନର ଆଲୋକ  
ଛାଣିନେବ ଜୋଛନା ପୂଳକ ।


+ ସାଇ କଲୋନୀ, ଦେଉଳସାହି,

ତୁଳସୀପୁର, କଟକ-୭୫୩୦୦୮

ମୋ: ୯୭୭୬୩୩୨୬୩୯



# ଫୁଲଝରି







# ମୁଁ ସୂର୍ଯ୍ୟ ହେବି



## ଶୁଭଦର୍ଶିନୀ ଦାଶ

ମିକୁଟା ସ୍କୁଲ ଯିବାକୁ ଉଠିଛି ନାନାହିଁ ଯାଏ ଦେଖେ କହି ଜେଜେ ମିକୁ ରୁମ ପାଖରେ ପହଞ୍ଚି ଦେଖିଲାବେଳକୁ ମିକୁ ସ୍କୁଲ ଯିବାପାଇଁ ପୁରା ରେଡି । କିରେ ଆଜି ରବିବାର କହି କାଲି ରାତି ଫିଲିମ ଦେଖି ବହୁତ ଡେରିରେ ସୋଇଥିଲୁ । ଆଜି କ'ଣ ଏତେ ସଅଳ ଉଠି ଯାଇଛୁ । ହଁ,ଜେଜେ ମାମା ଡାକିଦେଲେ ନିଦ ଭାଙ୍ଗିଗଲା ନହେଲେତ ଜାଣିଛ ...... । ତାଛଡା ଆଜି ଶନିବାର ସ୍କୁଲରେ ପାଠ କମ, ଖେଳ ବେସି । ନଗଲେ କେମିତି ହେବ । ଶୁଣୁଶୁଣୁ ଜେଜେ କହିଲେ ହଁରେ ଠିକ କଥା, ପିଲାମାନେ ପାଠ ସହ ଖେଳକୁଦ ସବୁ କରିବା ନିହାତି ଦରକାର । ଶରୀର ଆଉ ମନ ସୁସ୍ଥ ରହିଲେ ସିନା ସବୁ ଠିକଠାକ ଚାଲିବ । ହେଲେ ସେଥିପାଇଁ ସବୁକାମ ଠିକ ସମୟରେ ସାରିଦେଇ ତା ପାଇଁ ସମୟ ବାହାର କରିବାକୁ ପଡିବ । ଆଉ ଆଜିକାଲି ତମ ମାନଙ୍କର ସମୟ କାହିଁ। ଖେଳିବାକୁ ସମର୍ଥନ ମିଳୁଥିବାରୁ ମିକୁ ସଙ୍ଗେସଙ୍ଗେ କହିବାକୁ ଲାଗିଲା ହଁ ଜେଜେ ବହୁତ ପାଠ ସରୁନାହିଁ ଜମା। ଖେଳିବାକୁ ସମୟ ମିଳୁନାହିଁ । ଜେଜେ ହସିଦେଇ କହିଲେ ଆରେ ବାପ ପାଠରେତ ଆଗରୁ ଯେଉଁ ସବୁ ବିଷୟ ଥିଲା ଏବେ ବି ସେଇ ବିଷୟ ସବୁ ଅଛି। ତମେମାନେ ପୁଣି ପୁରା କୋର୍ସକୁ ଭାଗଭାଗ କରି ପଢୁଛ, ବହୁତ କେମିତି ହେଲା। ହଁ, ଆମ ଛୁଆ ମାନଙ୍କ ସମୟରେ ସେ ମୋବାଇଲ ନଥିଲା, କି ଟିଭିରେ ମାଳମାଳ ଚାନେଲ ନଥିଲା ବୁଝିଲୁ ତେଣୁ ସେମାନେ ଚାଲିଚାଲି ସ୍କୁଲ ଯିବାଆସିବା କରୁଥିଲେବି ତାଙ୍କୁ ସମୟ ଅଣ୍ଟୁ ଥିଲା । ଆଉ ଆଜି ତମେମାନେ ଗାଡ଼ିରେ ଯାଆଆସ କରୁଛ ହେଲେ ତମକୁ କିଛି କରିବାକୁ ସମୟ ଅଣ୍ଟୁନି କି ପାଠବି ସରୁନି । ଅଧା ସମୟତ ସେ ମୋବାଇଲ ନେଇଯାଉଛି । ଆଗରୁ ଆମେ ଜାଣିଥିଲୁ "ମେସିନକୁ ମଣିଷ ଚଲାଏ ଆଉ ଆଜି ତାମମାନଙ୍କୁ ଦେଖିଲେ ଲାଗୁଛି ତମ ମାନଙ୍କୁ ମେସିନ ଚଲାଉଛି'' । କେମିତି ଯେ ଜେଜେ? ହଉ ଚାଲ ତୋତେ ସ୍କୁଲରେ ଛାଡି ଦେବି, ଫେରିଲେ କହିବି ।

ମିକୁକୁ ଜେଜେଙ୍କ କଥାଟି ଟିକେ ଅଡୁଆ ଅଡୁଆ ଲାଗୁଥିଲା । ଆମକୁ ମେସିନ ଚଲାଉଛି ହେଲେ କେମିତି ? ଜାଣିବା ଆଗ୍ରହରେ ସ୍କୁଲରୁ ଆସୁଆସୁ ମିକୁ ଜେଜେଙ୍କ ପାଖରେ ପହଞ୍ଚିଗଲା। ଏବେ କୁହ ଆମକୁ କେମିତି ମେସିନ ଚଲାଉଛି। ଜେଜେ ତେଣେ କଥା ଆରମ୍ଭ କରୁ କରୁ ମିକୁ ଫୋନନେଇ ଖେଳ ଆରମ୍ଭ କରିଦେଲା । ଖେଳି ଖେଳି କଥାଶୁଣି ହଁହଁ ମାରି ଚାଲିଥାଏ । ଜେଜେ କହିଲେ ହେଇ ଦେଖେ ତୁ ମୋତେ ପଚାରିଲୁ ମୁଁ କହିଲା ବେଳକୁ ତୁ ଗେମ ଖେଳରେ ବ୍ୟସ୍ତ । ଆଉ ତୋର ଖେଳବି ସରୁନି, କ'ଣପାଇଁନା ଗୋଟିଏ ଖେଳ ପରେ ଆଉ ଗୋଟିଏ ଖେଳ ଆସିଯାଉଛି । ତୁ ମୋତେ କ'ଣ କହି ମୋବାଇଲ ନେଲୁ ମୁଁ ଥରେ ଖେଳି ରଖିଦେବି କିନ୍ତୁ ତା ଭିତରେ ମଜ୍ଜି ରହିବା ପାଇଁ ସେଥିରେ ଏମିତି ସବୁ ବ୍ୟବସ୍ଥା ଅଛି, ତମେମାନେ ତାକୁ ଥରେ ଧରିଲେ ଆଉ ଛାଡିବାକୁ ପ୍ରସ୍ତୁତ ନୁହଁ । କୋରନା ସମୟରେ ପାଠ ପଢା ର କୌଣସି ବିକଳ୍ପ ନପାଇ ତାକୁ ପାଠ ପାଇଁ ବ୍ୟବହାର କରାଗଲା, ସେଥିରେ ମଉଜ ମସ୍ତିର ସମସ୍ତ ସୁବିଧା ଥିବାରୁ ତମେମାନେ ତାକୁ ପାଠର ବାହାନା କରି ଦିନରାତି ଧରିବସିଲ ଆଉ ସେଥିରେ ଖେଳ, ଆମୋଦ ପ୍ରୋମଦର ମାଳ ମାଳ ବିକଳ୍ପ, ତମ ଗୁଗୁଲ ମାଷ୍ଟରତ ପୁରା ରେଡି ତମ ଖୋଜିବା ବିଷୟକୁ ଧ୍ୟାନରେ ରଖି ଭିନ୍ନଭିନ୍ନ ଖେଳ, କାର୍ଟୁନ ସବୁର ଜ୍ଞାନଦେଇ ତମକୁ ସେଥିରେ ବାନ୍ଧିରଖୁଛି । ଆଉ ତମେ ଦିନ ରାତି ତାକୁ ଧରି ବସିଯାଉଛ । ଏହାଦ୍ୱାରା ବିଭିନ୍ନ ୟୁଟୁବର, ନେଟୱର୍କ କମ୍ପାନୀ ମାନଙ୍କର ଲାଭ ହେଉଛି , ଦେଖେଣାହାରିଙ୍କ ସଂଖ୍ୟା ବଢିଲେ ସିଏ ପଇସା ପାଉଛନ୍ତି । ହେଲେ ତମେମାନେ ଗୋଟେ ବିଶୃଙ୍ଖଳା ଜୀବନ ବଞ୍ଚିବାକୁ ବାଧ ହେଉଛ। ତେଣୁ କହ ମୋତେ ମେସିନ ତମମାନଙ୍କୁ ଚଲାଉନାହିଁକି ? ଆରେ ଜେଜେ ତମେ ଜାଣିନ ସେଥିରେ ଗୋଟିଏ ଟପିକ ବିଷୟରେ ଅନେକ ତଥ୍ୟ ମିଳିଯାଏ । ସମସ୍ତ ବିଷୟକୁ ସାର ମାନେ ପ୍ରାଞ୍ଜଳ ଭାବେ ବୁଝାଇ ଭିଡିଓ କରି ଛାଡିଛନ୍ତି, ତେଣୁ ସହଜରେ ବୁଝି ହୁଏ । ପାଠ ପାଇଁତ ନିହାତି ଆବଶ୍ୟକ।

ହଁ, ଠିକ କହିଲୁ ତାକୁ ମାଧ୍ୟମ କରି ପାଠ ପଢି ପିଲାମାନେ ସବୁ ବଡ଼ ବଡ଼ ପରୀକ୍ଷାରେ ସଫଳ ମଧ୍ୟ ହେଉଛନ୍ତି, କିନ୍ତୁ ଅନେକ ତା ଭିତରେ ଥିବା ଖେଳ ଖେଳି ବାପା, ମା'ଙ୍କ ଅର୍ଥ ହାନି ଆଉ ନିଜର ଜୀବନକୁ ହରାଇ ବସୁଛନ୍ତି । ଯେଉଁ ମାନେ ତାକୁ ନିଜର ଆବଶ୍ୟକ ଅନୁସାରେ ସୂଚାରୁ ରୂପେ ବ୍ୟବହାର କରୁଛନ୍ତି ଠିକ ସୂର୍ଯ୍ୟଙ୍କ ପରି ସେମାନେ ମେସିନ କୁ ନିଜ କାମରେ ଲଗାଉଛନ୍ତି। ଆଉ ଯେଉଁମାନେଙ୍କୁ ସିଏ ଚଲାଇ ତା'ର ଗଭୀରତା ଭିତରକୁ ଟାଣି ନେଉଛି ସେମାନେ ତା ପଙ୍କରେ ଫସି ନିଜର ସବୁକିଛି ହରାଇ ବସୁଛନ୍ତି।



ଆରେ ଜେଜେ, ସୂର୍ଯ୍ୟଙ୍କ ପରି ପୁଣି କ'ଣ ? ଦେଖ ବାପା ପୋଖରୀ ପାଣିରେ ଅସନା, ପଙ୍କ, ଗେଣ୍ଡା, ମାଛ, ପଦ୍ମ ସବୁ ଅଛି ସୂର୍ଯ୍ୟ କ'ଣ ସବୁ ଗ୍ରହଣ କରୁଛନ୍ତି କି ? ଡ୍ରେନ ପାଣିରେବି ପାଣି ସହ ଅସନା ମିସିଥାଏ ସିଏ କ'ଣ ଅସନାକୁ ନେଉଛନ୍ତି । ନାନା ସେ ଖାଲି ପାଣିକୁ ଶୋଷି ନେଉଛନ୍ତି । ଠିକ ସେହିପରି ଫୋନରେ ଭଲ ମନ୍ଦ ସବୁ ଜ୍ଞାନ ଅଛି । ତାକୁ କିପରି ବ୍ୟବହାର କରିବା ତାହା ଆମ ଉପରେ ନିର୍ଭର କରେ । ସବୁ ଅଛି ବୋଲି ତା ଇସାରାରେ ଆମେ ତାକୁ ଧରି ଆମର ବହୁମୂଲ୍ୟ ସମୟକୁ ନଷ୍ଟ କରିଦେବା, ନା ନିଜର ସମୟ ଓ ଆବଶ୍ୟକ ଅନୁସାରେ ବ୍ୟବହାର କରି ସମୟକୁ ନିଜର ଉନ୍ନତିରେ ଲଗାଇବା । ମଣିଷ ସବୁଠାରୁ ଶ୍ରେଷ୍ଠ ସୃଷ୍ଟି । ତେଣୁ ଆମେମାନେ ସାମାନ୍ୟ ଗୋଟିଏ ନିର୍ଜୀବ ବସ୍ତୁର ଇସାରାରେ ଚାଲିବା ନା ତାକୁ ଆବଶ୍ୟକ ଅନୁସାରେ ବ୍ୟସବାହାର କରି ଆମ ଶ୍ରେଷ୍ଠତ୍ୱର ପରିପ୍ରକାଶ କରିବାରେ ସମୟକୁ ବ୍ୟବହାର କରିବା ।

ଏସବୁ ଶୁଣି ମିକୁ ଚୁପଚାପ ଫୋନ ରଖି ଜେଜେ, ଟିକେ ଆସୁଛି କହି ଚାଲିଗଲା । ଜେଜେ ମନେ ମନେ ଭାବିଲେ କଥାଟା ମନକୁ ପାଇଲକ୍ଷନି ବୋଧେ ଉଠି ଚାଲିଗଲା । ମିକୁ କିନ୍ତୁ ବହି ଆଣି ଜେଜେଙ୍କ ପାଖରେ ହଜାର ହୋଇଗଲା । କିରେ ତୁ କ'ଣ ଆଜି କାର୍ଟୁନ ଦେଖିବୁନି ଏତେ ଶୀଘ୍ର ପଢିବାକୁ ବହି ଆଣିଲୁଣି । ନା, ଅଜିତ ତମ ସହ କଥାବାର୍ତ୍ତାରେ ସମୟ ହୋଇଗଲାଣି ଏବେ ପଢିବା । କାଲିଠାରୁ ମୁଁ ଯେତିକି ଦରକାର ଟିଭି ଆଉ ମୋବାଇଲର ବ୍ୟବହାର କରିବି । କିଛି ନବୁଝିଲା ପରି ଜେଜେ ପଚାରିଲେ କ'ଣ ପାଇଁ କିରେ ମାମା ଏବେ ରାଗିଲାକି ?

ନା,ଜେଜେ 'ମୁଁ ସୂର୍ଯ୍ୟ ହେବି' । ଜ୍ଞାନ ଅର୍ଜନ କରି ମେସିନର ଆବିଷ୍କାର କରିବି, ସର୍ବ ଶ୍ରେଷ୍ଠ ସୃଷ୍ଟି ପାଇ ଏଇ ସବୁ ନିର୍ଜୀବ ବସ୍ତୁମାନଙ୍କ ଇସାରାରେ ଚାଲିବି ନାହିଁ । ମୁଁ ତାଙ୍କୁ ଚଲେଇବି। ଜେଜେ ଓ ନାତିର କଥାବାର୍ତ୍ତା ମିକୁର ମାମା ସୋଫାଉପରେ ବସି ଶୁଣୁଥାନ୍ତି । ଉଠିଯାଇ ମିକୁ ମୁଣ୍ଡରେ ହାତ ବୁଲାଇ ଦେଇ ବାପାଙ୍କୁ ଚାହିଁ ସ୍ମିତ ହସଟେ ଦେଇ ରୋଷେଇ ଘରରକୁ ଚାଲିଗଲେ......... ।

+ଭୁବନେଶ୍ୱର
ମୋ: ୮୨୮୦୩୧୧୦୦୦

# ଅମାନିଆ ଜୟ ହେଜିଲା

## ନଗେନ୍ଦ୍ର ନାଥ ପଟ୍ଟନାୟକ

ଜୟ ସ୍କୁଲରୁ ଫେରି ଘରେ ପାଦ ଥାପୁ ଥାପୁ ଓଜନିଆ ବସ୍ତାନିଟି ଚଟ୍‌କିନା କାନ୍ଧରୁ ଉତାରି ଦେଇ କହିଲା -ମାମା, ମୋର ସମ୍ରାଟ କଲମଟି ନିହାତି ଦରକାର। ମାମା ରୋଷେଇଘର ଆଡେ ଯାଉ ଯାଉ କହିଲେ-କଲମ,ଏଇ ଆଠଦିନ ଆଗରୁ ତ ତତେ ଖୁବ୍ ବଢିଆ କଲମଟେ



ଦେଇଥିଲି . . . . ଚାଲ୍ ପୋଷାକପତ୍ର ବଦଳେଇ ଦେଇ ମୁହଁ-ହାତ ଧୁଆଧୋଇ କରିନେବୁ, ମୁଁ ଖାଇବା ବାଢିଦେଉଚି ।

ମାମାଙ୍କ ପଛେ ପଛେ ଯାଇ ଜୟ ରୋଷେଇ ଘରେ ହାଜର। ତରତର ହୋଇ କହିଲା - ମାମା, ସମ୍ରାଟକଲମ ଏକଦମ ନୂଆ ବାହାରିଛି। ଗଲାକାଲି ଆମେ ଟିଭିରେ ବିଜ୍ଞାପନା ଦେଖୁଥିଲୋ କଉଠି ନ ଅଟକି ଚର୍‌ଚର୍ ହୋଇ ଚାଲୁଥାଏ। ବଜାରରୁ କିଣିକି ଆଣି ଦିଅ ନା ମାମା . . . .

ମାମା ସରାଗ ବୋଳା ସ୍ୱରରେ ବୁଝାଇଲେ -ପୁଅ, ଟିଭିରେ ତ ଅନେକ ବିଜ୍ଞାପନ ପ୍ରଦର୍ଶନ କରାଯାଏ। ତେବେ ମୁଁ କଣ ସବୁ କଲମ କିଣିକରି ତତେ ଦେବି। କିନ୍ତୁ ମାମା. . . . ମାମା ଦୟାକରି . . . .। ମୁହଁ ସଂଜବେଳକୁ ପାପା ଘରକୁ ଆସୁ ଆସୁ ଜୟ ଫରମାଇସ୍‌କରି ଲଥିକିନା ଚଟାଣରେ ବସିପଡିଲା। ପାପା ଝଟକିନା କହି ପକାଇଲେ -ସୋମବାରଠୁ ତୋର ଟେଷ୍ଟ ପରୀକ୍ଷା, ସେତେବେଳକୁ ତତେ କଲମଟି ମିଳିଯାଇଥିବ।

ଜୟ ସ୍କୁଲ ଯିବାବେଳେ କେବଳ ତାର ନଜର ଲାଖିଯାଏ ବିଶାଖାର ସମ୍ରାଟ କଲମ ଉପରେ। ଥରେ ଦିଥର ସେ ତା ଠୁ କଲମଟି ମାଗିକରି ଲେଖାଟିଏ ଲେଖିଲା ମଧ୍ୟ। ତାକୁ ଲାଗିଲା ସତେ ଯେମିତି ସଂସାରର ସର୍ବୋତ୍କୃଷ୍ଟ କଲମଟି ହେଉଛି ସେଇ ଅର୍ଖ ନୂଆ ସମ୍ରାଟ ବ୍ରାଣ୍ଡର କଲମ। ଆଉତାର ମାଲିକ ବିଶାଖା ସବୁଠୁ ଭାଗ୍ୟବାନ୍। ଏବେ ପାପାଙ୍କ ଆଡେ ମୁହଁ ବୁଲାଇ ସେ ଫେର୍ କହିଲା -ଟେଷ୍ଟ ପରୀକ୍ଷା ଆଗରୁ କଲମଟି ଅଣାକରାଇ ମତେ ଦେବ ବୋଲି କହିଥିଲ। ରବିବାରଯାଏ ଅପେକ୍ଷା କରିବା ଛଡା ମୋର ଅନ୍ୟଚାରା ନ ଥିଲା।

ସୋମବାର ଦିନ ପାପା ସତକୁସତ ସମ୍ରାଟ କଲମଟି ଆଣିଘରକୁ ଆସିଲେ। ଏବେ ସମ୍ରାଟ କଲମଟି ଜୟ ହାତରେ। ସେ ବେଗାବେଗି ବସ୍ତାନିଟି ବାହାର କଲା ଆଉ କଲମଟି କମ୍ପାସ୍ ଭିତରେ ପୂରାଇଲା। ହେଲେ କିଛିକ୍ଷଣ ପରେ ସେ ପୁଣି ତହିଁରୁ ବାହାର କଲା। ଏବେ ସେଥିରେ କଣ କିଛି ଲେଖି ପକାଇଲା, ଫେର କଳପନା ରାଇଜରେ ହଜିଗଲା। ପରୀକ୍ଷା ଦିନ ଉତର ଖାତାରେ ସମ୍ରାଟ କଲମଟି ଚର୍‌ଚର୍ ଚାଲୁଥାଏ, ଯେମିତି ଚଳନ୍ତା ରେଳଗାଡିର ବେଗଭଳି। ମାମା ତାର ହରକତ ଦେଖି କହିଲେ - ଜୟ ମୁଁ ଲକ୍ଷକରୁଚି ଏଇ ତିନ ଚାରିଦନ ହେବ ତୁ କିଛି ପାଠପଢା କରୁନାହୁଁ। କଲମଟି ଯାହା ହେଉନା କାଇଁକି ସେ ପ୍ରଶ୍ନ ଗୁଡିକର ଉତର ନିଜେ ଲେଖେ ନାଇଁ। ଯଦି ପାଠ ନପଢିବ ତେବେ କଲମଟି କେମିତି ଚାଲିବ। ଜୟକୁ ମନେହେଲା ମାମା ଠିକ୍ କଥା କହୁଥିଲେ । ଟେଷ୍ଟ ପରୀକ୍ଷା ସକାଶେ ସେ କିଛି ପ୍ରସ୍ତୁତି କରି ନଥିଲା ଏତେସବୁ ପାଠ୍ୟ ପୁସ୍ତକ କିଛି ଘଂଟା ଭିତରେ କେମିତିବା ପଢନ୍ତା। ରାତିରେ ଖାଇବାସାରି ସେ ନିଘୋଡ ନିଦରେ ଶୋଇଗଲା। ସକାଳୁ ଉଠିପଡି ସ୍କୁଲ ଯିବାପାଇଁ ପ୍ରସ୍ତୁତିରେ ଲାଗିପଡିଲା। କମ୍ପାସ୍ ବାକସ୍ ଖୋଲିକରି ପୁଣିଥରେ ନୂଆ ସମ୍ରାଟ କଲମଟିକୁ ଏକଲୟରେ ନିରେଖି ଦେଖଲା . . . . ବସ୍ତାନି ବନ୍ଦକରି ସ୍କୁଲ ଆଡେ ମୁହାଁଉଥିବା ବେଳେ ପାପା ପଚାରିଲେ-କଲମଟି ରଖିଲୁ ତ ! ପରୀକ୍ଷାରେ ସବୁ ପ୍ରଶ୍ନର ସଠିକ ଉତର ଖାତାରେ ଲେଖିକରି ଆସିବୁ। ହଁ ପାପା . . . ବାୟବାୟ କହି ସ୍କୁଲ ଆଡେ ଆଗେଇଲା ଜୟ।

ଡଗଡଗ ପାହୁଣ୍ଡ ପକେଇ ସ୍କୁଲରେ ପହଁଚିଗଲା ଜୟ । ଗଣିତ ପ୍ରଶ୍ନପତ୍ର ହାତକୁ ଆସୁ ଆସୁ ଜୟ ଗୋଟାପଣେ ଝାଳରେ ଜୁଡୁବୁଡୁ। ତା ଦିହରୁ ଗମ୍‌ଗମ୍ ହୋଇ ବିନ୍ଦୁବିନ୍ଦୁ ଝାଳ ନିଗିଡି ପଡୁଥାଏ। ପ୍ରଶ୍ନପତ୍ରରେ ପ୍ରଶ୍ନତକ ତାକୁ ଅଜଣା ଲାଗୁଥିଲା। ଘରେ ଗଣିତ କଷିବା ଅଭ୍ୟାସ କରିବାକୁ ସମୟତା ପାଖେ ଥିଲା , ହେଲେ ସେ ତାର ଉଚିତ ଉପଯୋଗ କରିନଥିଲା। ଯୋଉ କଲମଟି ତାକୁ ପାଗଳ କରିଦେଇଥିଲା ସେଇ ସମ୍ରାଟ କଲମ କୌଣସି ଯାଦୁ ଦେଖାଇ ପାରିଲା ନାଇଁ। ଏବେ ଜୟକୁ ସବୁକଥା ବୁଝାପଡିଲା । ନିଜର ମୂଲ୍ୟବାନ୍ ସମୟତକ ସେ ସମ୍ରାଟ କଲମ ଚକ୍କରରେ ପଡି ବରବାଦ କରିଦେଇଥିଲା। ସେ ଭାବୁଥିଲା ପାପା ତ ତା ଅଳିଅର୍ଦ୍ଦଳି ପୂରଣ କରିଦେଲେ, ହେଲେ ପରୀକ୍ଷାର ଭଲଫଳ ନ ଦେଇ ସେ ପାପା ମାମାଙ୍କ ମୁହଁରେ କଣ ହସ ଫୁଟାଇ ପାରିବ। ମାମା ତାକୁ କେତେ ବୁଝାଇଥିଲେ, ଚେତେଇ ଥିଲେ ମଧ୍ୟ . . . . କିନ୍ତୁ ପାଗଳାମି ତା ଉପରେ ସବାର ହୋଇଥିଲା । ଘରକୁ ଫେରିବାବେଳେ ଜୟ ପଣ କରିଥିଲା ସେ ନିଜ ଜିଦ୍‌ପାଇଁ ପାପା ମାମାଙ୍କୁ ମାଫି ମାଗିବ ଆଉ ଆଗକୁ ସର୍ବଦା ତାଙ୍କ ବୋଲ ମାନି କାମ କରିବ।

+ ଓସ୍କାରସିଟି, ଲେନ୍ ନମ୍ବର -୯ ,ପ୍ଲଟ ନଂ-୪୫୬
ଲକ୍ଷ୍ମୀସାଗରକେନାଲରୋଡ୍ ,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮



# ତୁମପାଇଁ କବିତା



## ଶିଶୁଟିଏ ବୋଲି

### ଡ. ଦୀପକ କୁମାର ମିଶ୍ର

ଶିଶୁଟିଏ ବୋଲି କର ନାହିଁ ହେଳା
ଫୁଲ ହେବି ଆଜି କଢ଼ି
ମହକାଇ ଦେବି ଦିନେ ଜଗତକୁ
ଗୁଣର ଅତର ବାଢ଼ି ।
କୁନି ମନେ ମୋର ଗୁରୁଜନ ପାଇଁ
ଭକତିରେ ଅଛି ପୂର୍ଣ୍ଣ
କରିଛି ଯେ ପଣ ଦେଶର ସେବାରେ
ଦେବିରେ ମୋର ଜୀବନ ।
ଦ୍ୱି ପତ୍ରରୁ ବାସେ ଅଗଣା ତୁଳସୀ
ଊଣା ଭାବ ନାହିଁ ମତେ
ଯେତେ ମହାପୁରୁଷ ଶିଶୁ ଥିଲେ ଦିନେ
ଏ କଥା ଭୁଲ କି ସତେ ।
ଠାକୁର ଅଛନ୍ତି ମୋ ଦେହ ଭିତରେ
ମିଛ ମତେ ଜଣା ନାହିଁ
ଛନ୍ଦ କପଟରୁ ବହୁତ ଦୂରରେ
ସୁବାଟକୁ ରହେ ଚାହିଁ ।
ଦିନେ ନା ଦିନେ ମୁଁ ବଡ଼ଲୋକ ହେଇ
ଭଲ କାମ କରିଯିବି
ଗାଁ ଦେଶ ମାଟି ମତେ ଯେ ଝୁରିବେ
ମୋ କଥାକୁ ଭାବି ଭାବି ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ଓଡିଆ ଭାଷା ମୋ ଭାରି ବଢିଆ

### ଶରତ କୁମାର ଦାସ

ଓଡିଶା ମାଟିରେ ଜନମ ମୋହର
ଭାଷା ମୋର ପରା ଓଡିଆ,
ମୋ' ଭାଷା ମହକ ଚଉଦିଗେ ଖେଳେ
ଲାଗେ ମୋତେ ଭାରି ବଢିଆ ।

ଏଇ ଭାଷା ମୋର ମାଆର ଭାଷା ଯେ
ମୋ' ପାଇଁ ସଦା ଏ ଗରବ,
ତା' ଭାବରେ ଅଛି ଯେତେ କୋଳାହଳ
ସତେକି ମୋ ପାଇଁ ପରବ ।

ମଧୁର ମଧୁର ତା' କୋମଳ ସୁର
ଛୁଆଁ ତାର ବଡ ସରସ,
ଥରୁଟିଏ ଯେବେ କାନେ ବାଜେ ମୋର
ମନ ହୋଇଯାଏ ହରଷ ।

ଭାଷା ମୋ' ପୁରୁଣା ସୁଆଦ ନିଆରା
ଇତିହାସ କେତେ ଲେଖିଛି,
ତାକୁ ନେଇ ପୁଣି କେତେ ଆଲୋଚନା
ବାଦବିବାଦ ସେ ଦେଖିଛି ।

ମୋ' ଜାତିର ଯେତେ ମହତପଣିଆ
ମୋ' ଭାଷାରେ କେତେ ଭରିଛି,
କାହିଁ କେଉଁ ଦିନୁ ସବୁରି ମନକୁ
ଏକତା ବଳରେ ଧରିଛି ।

କେତେ ଗଉରବ ତା' ଦେହେ ଲାଖିଛି
ତୁଳନା ନାହିଁଟି ଯାହାର,
କେତେ କବି ପୁଣି ଭାବୁକଙ୍କ ମେଳେ
ମାନ ବଢିଛିଟି ତାହାର ।

ଶିଖାଇଛି ମୋତେ ଓଡିଆ ଅକ୍ଷର
'ବର୍ଣ୍ଣବୋଧ' ନାମେ ବହିଟି,
ଆଗେ ବଢିବାକୁ ଦେଖାଇଛି ବାଟ
ସବୁରି ଆଗରେ ରହିଟି ।

ଅସୁମାରି ଜ୍ଞାନ ମୋ ଭାଷାରେ ଅଛି
ସଭିଙ୍କୁ ପରଷି ଦେଉଛି,
ଆର୍ଯ୍ୟଭାଷା ବୋଲି ମଥା ଉଚ୍ଚ କରି
ଜଗତରେ ନାଁ ନେଉଛି ।

ଭାଷାକୁ ନେଇ ତ ଗଢା ହୋଇଅଛି
ଆମ ଏ ଓଡିଶା ଭୂଇଁଟି,
ତା' କଥା ଭାବିଲେ ପାଦେ ତାର ସଦା
ମଥା ମୋର ଯାଏ ଛୁଇଁଟ ।

ଆସରେ ପିଲାଏ ଓଡିଆରେ ଆମେ
ଲେଖିବା,ପଢିବା, କହିବା,
ମାତୃଭାଷା ଜ୍ଞାନ ନାହିଁ ଯଦି ତେବେ
ଅଜ୍ଞାନ ହୋଇକି ରହିବା ।

କରିବା ଶପଥ ହେବାନି ବିପଥ
ଆମ ଭାଷା ପାଇଁ ଲଢିବା,
ଭେଦଭାବ ଭୁଲି ଏକ ହୋଇ ଆମେ
ରାଇଜକୁ ନୂଆ ଗଢିବା ।

+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ହୁଅନ୍ତି ଯଦି ମୁହିଁ...

### ରାମଚନ୍ଦ୍ର ବେହେରା

ହୁଅନ୍ତି ଯଦି ଫୁଲଟେ ମୁହିଁ
ଗଛ ଡାଳରେ ରହି
ଚଉଦିଗକୁ ବାସ ଦିଅନ୍ତି
ସବୁରି ମନ ଛୁଇଁ।
ହୁଅନ୍ତି ଯଦି ପିମ୍ପୁଡିଟିଏ
ସାଥୀ ଭାଇଂକୁ ନେଇ
ଦିନ ଓ ରାତି ଶ୍ରମ କରନ୍ତି
ଏକତା ମନ୍ତ୍ର ଗାଇ।
ହୁଅନ୍ତି ଯଦି ନଦୀଟିଏ ମୁଁ
ଯାଆନ୍ତି ଆଗେ ବହି
ସଭିଂକ ଶୋଷ ଦୂର କରନ୍ତି
ଶୀତଳ ଜଳ ଦେଇ।
ହୁଅନ୍ତି ଯଦି ମହୁମାଛି ମୁଁ
ବାଡି ବଗିଚା ଯାଇଁ
ଫୁଲରୁ ମହୁ ଶୋଷି ନିଅନ୍ତି
ଜଗତ ହିତ ପାଇଁ।
ହୁଅନ୍ତି ଯଦି ଚାଷୀଟିଏ ମୁଁ
ନିଇତି କାମ କରି
ସାରା ଦେଶକୁ ଦିଅନ୍ତି ମୁହିଁ
ଖାଦ୍ୟ ଦରବେ ଭରି।
ହୁଅନ୍ତି ଯଦି ସୈନିକଟିଏ
ମାଆର ସେବା କରି
ଦେଶ ସୀମାନ୍ତେ ଜଗି ରୁହନ୍ତି
ହାତେ ବନ୍ଧୁକ ଧରି।
ହୁଅନ୍ତି ଯଦି ଡାକ୍ତରଟିଏ
ଗାଆଁ ମୂଳକେ ଯାଇଁ
ଦୁଃଖୀ ଜନଂକ ସେବା କରନ୍ତି
ରୋଗ ମୁକତି ପାଇଁ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଆ'ରେ ଆ' ମାହୁନ୍ତ ଆ'

### ନୀଳମଣି ଚାନ୍ଦ

ଆ'ରେ ଆ' ମାହୁନ୍ତ ଆ'
ପୋଷା ହାତୀକୁ ନେଇ
ଦେଖିବୁ ଆମେ ମନ ଭରେଇ
ଗଲେ ଗାଁ ଦାଣ୍ଡ ଦେଇ।

ଛବି ବହିରୁ ଦେଖିଛୁ ଆମେ
ହାତୀର ଛବି ଯାହା
ହାତୀ ଗପଟି ଶୁଣେଇ ଥିଲେ
ଦିନେ ତ ଆଇମାଆ।

ନଡ଼ିଆ, ଧାନ, କଦଳୀ ଦେବୁ
ଖାଇବ ମନ ଭରି
ବାଡ଼ି ଗଛରୁ ଡାଳପତର
ଆଣିବୁ ଭାଙ୍ଗି କରି।

ପିଠିରେ ବସି ବୁଲିଲେ ଥରେ
ବାବାଲି ଆଉ ନିନା
ଓହ୍ଲେଇବାକୁ ହେବେନି ରାଜି
ଆଉରେ ସିଏ ଜମା।

ଅଜା କହିବେ ଏଇ ହାତୀଟା
ରଖିବା ଆମ ଘରେ
ଆଈ କହିବେ ଛୁଆ ହାତୀଟେ
କିଣି ଆଣିବା ପରେ।

ହସି ମାହୁନ୍ତ କହିଲା ପିଲେ
ଫେରିବୁ ଆମେ ଘର
ହାତୀ ଦେଖିଲ ମଜା ପାଇଲ
ଏବେବେରେ ବହି ଧର।

+ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

# ୨୭ ଗାଁରେ ନାହିଁ ଫୋନ୍ ସେବା: ଗଛ ଚଢ଼ିଲେ ମିଳୁଛି ନେଟ୍‌ୱର୍କ



ପାଇକସାହି, ୦୧/୩ (ନି.ପ୍ର): ସଂପ୍ରତି ମୋବାଇଲ୍ ଫୋନ୍ ସେବା ଅତ୍ୟାବଶ୍ୟକ ସାମଗ୍ରୀରେ ପରିଣତ ହେଲାଣି । ସରକାରଙ୍କର ବହୁ ସେବା ଅନ୍ ?ଲାଇନ୍ ? ମାଧ୍ୟମରେ ଯୋଗାଇ ଦିଆଯାଉଥିବାରୁ ମୋବାଇଲ୍ ଫୋନ୍ ସମସ୍ତଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ମାତ୍ର ଏବେ ବି ଅନୁଗୁଳ ଜିଲ୍ଲାର କେତେକ ଅଞ୍ଚଳରେ ମୋବାଇଲ୍ ? ସେବା ଅପହଞ୍ଚ ହୋଇରହିଛି । ଜିଲ୍ଲାର ଆଠମଲ୍ଲିକ ବ୍ଲକ୍‌ର ୨୭ଟି ଗାଁରେ ନେଟ୍‌ୱର୍କ ମିଳୁନାହିଁ । ଏହି ଗାଁର ଅଧିବାସୀମାନେ ତେଣୁ ବହୁ ହନ୍ତସନ୍ତ ହେଉଛନ୍ତି । ସୂଚନା ଅନୁଯାୟୀ ଆଠମଲ୍ଲିକ ବ୍ଲକ୍ ସାପଘରା ପଞ୍ଚାୟତର ଲକ୍ଷ୍ମୀପୁର, ଆମ୍ବନାଳୀ, ରାଇନାଳି, ହେମାମୁରା, ବାତ୍ରାଖୋଳ, ସାଲୁଣି, କନ୍ତପଡ଼ା ପଞ୍ଚାୟତର ସୋମନାଥପୁର, ଗୋଲେଖପୁର, କେଞ୍ଜୁଆନାଳି, ରଇଡ଼ା, ଜାମୁକଣି, ମଇମୁରା ପଞ୍ଚାୟତର କଂସାବ, କୋରାବ, ମଇମୁରା, କୁତୁଲିସିଙ୍ଗା, ଧୋଡ଼ାଖୋଳ, ଗୋପପୁର, ରାମପୁର, ଝାଟିକିବାହାଳ, ଘଣାଯୋଡ଼ି, ଲବିଙ୍ଗ, ପିତାବଳୀବାହାଳ, ତରଣ୍ଡା, ବିପ୍ରଡିହ, ଆମ୍ବସରମୁଣ୍ଡା ପଞ୍ଚାୟତର ପୋଡ଼ାପଦର, ଆଡ଼େଶ୍ୱର, ଗିରିଦା ପ୍ରଭୃତି ଗାଁରେ ନେଟ୍‌ୱର୍କ ମିଳୁନାହିଁ । ଏହା ହେଉଛି ଜଙ୍ଗଲବହୁଳ ଅଞ୍ଚଳ । ମୋବାଇଲ୍ ଫୋନ୍ କାମ କରୁ ନଥିବାରୁ ଗ୍ରାମବାସୀମାନେ ସରକାରୀ ଯୋଜନା ସମ୍ପର୍କରେ ସୂଚନା ପାଇପାରୁ ନାହାନ୍ତି । ଏହି ଗାଁମାନଙ୍କରେ ଅନେକ ଜବ୍‌କାର୍ଡଧାରୀ ଶ୍ରମିକ ଅଛନ୍ତି । କାମ କରିବା ପରେ ସରକାରଙ୍କ ପକ୍ଷରୁ ସେମାନଙ୍କ ପାସ୍‌ବୁକ୍‌କୁ ମଜୁରି ଟଙ୍କା ଆସିଲା କି ନାହିଁ, ସେମାନେ ଜାଣିପାରୁନାହାନ୍ତି । ଏହା ଜାଣିବା ପାଇଁ ସେମାନଙ୍କୁ ୨୦ରୁ ୨୫ କିମି ଦୂର ଠାକୁରଗଡ଼ ବା ପାଇକସାହିରେ ଥିବା ବ୍ୟାଙ୍କକୁ ଆସି ପାସ୍‌ବୁକ୍ ଯାଞ୍ଚ କରିବାକୁ ପଡୁଛି । ଟଙ୍କା ଆସି ନଥିଲେ ନିରାଶ ହୋଇ ଫେରୁଛନ୍ତି । ଅଞ୍ଚଳରେ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ସୁବିଧା ମିଳୁନାହିଁ । ତରଣ୍ଡା ଓ ବିପ୍ରଡିହ ଗାଁର ରାସନକାର୍ଡଧାରୀ ଓ ଡିଲରଙ୍କୁ ନେଟ୍‌ୱର୍କ ପାଇଁ ପାହାଡ଼ ଚଢ଼ିବାକୁ ପଡୁଛି । ଯେଉଁଠି ନେଟ୍‌ୱର୍କ ମିଳୁଛି, ସେଠାରେ ଡିଲର ରାସନକାର୍ଡଧାରୀଙ୍କ ଫିଙ୍ଗର ପ୍ରିଣ୍ଟ ନେଇ ଚାଉଳ, ଗହମ ଦେଉଛନ୍ତି । ବିପ୍ରଡିହ ଗାଁର ଲୋକଙ୍କୁ ନେଟ୍‌ୱର୍କ ପାଇଁ ଗଛ ଚଢ଼ିବାକୁ ପଡୁଛି । ଅଞ୍ଚଳରେ କୌଣସି ପ୍ରାକୃତିକ ବିପଦ, ଘରପୋଡ଼ି ବା ଦୁର୍ଘଟଣା ଘଟିଲେ ତୁରନ୍ତ ଅଗ୍ନିଶମ କାର୍ଯ୍ୟାଳୟ, ଡାକ୍ତରଖାନାକୁ ଯୋଗାଯୋଗ କରିହେଉ ନାହିଁ । ଇଣ୍ଟରନେଟ୍ ମାଧ୍ୟମରେ ଯେଉଁ ପାଠପଢ଼ା ଚାଲିଛି, ଅଞ୍ଚଳର ମେଧାବୀ ଛାତ୍ରଛାତ୍ରୀ ସେଥିରୁ ବଞ୍ଚିତ ହେଉଛନ୍ତି । ୫୫ ନମ୍ବର ଜାତୀୟ ରାଜପଥଠାରୁ ପାଖାପାଖି ୨୦ କି.ମି. ଦୂରରେ ଏହି ଗାଁଗୁଡ଼ିକ ଥିଲେ ସୁଦ୍ଧା ଅଧିବାସୀଙ୍କୁ ଫୋନ୍ ସେବା ମିଳିପାରୁନାହିଁ । ଏଥିଯୋଗୁଁ ପୂର୍ବରୁ ମାଓବାଦୀମାନେ ଏହି ଅଞ୍ଚଳଦେଇ ନିରାପଦରେ ଯାତାୟାତ କରୁଥିଲେ । ଲକ୍ଷ୍ମୀପୁର ଅଞ୍ଚଳରେ ଏକ ଫୋନ୍ ଟାୱାର ଥିଲେ ମଧ୍ୟ ତାହା ଅନେକ ସମୟରେ ଅଚଳ ଅବସ୍ଥାରେ ରହୁଛି । କେତେକ ସ୍ଥାନରେ ବିଏସ୍‌ଏନ୍‌ଏଲ୍‌ର ଟାୱାର ନିର୍ମାଣ କରାଯାଇଛି । ମାତ୍ର ସେଗୁଡ଼ିକ କାର୍ଯ୍ୟକ୍ଷମ କରାଯାଇନାହିଁ । ଯଥାଶୀଘ୍ର ସମ୍ପୃକ୍ତ ଅଞ୍ଚଳରେ ବିଏସ୍‌ଏନ୍‌ଏଲ୍ ଓ ଅନ୍ୟ ଘରୋଇ ସଂସ୍ଥାର ଫୋନ୍ ସେବା ଉପଲବ୍ଧ କରାଯିବାକୁ ସାଧାରଣରେ ଦାବି ହୋଇଛି । ଏ ସଂପର୍କରେ ଆଠମଲ୍ଲିକ ବିଧାୟକ ରମେଶଚନ୍ଦ୍ର ସାଏଙ୍କୁ ପଚାରିବାରୁ ସେ କହିଛନ୍ତି 'ଏହି ପଞ୍ଚାୟତଗୁଡ଼ିକରେ ଫୋନ୍ ଟାୱାର ନିର୍ମାଣ ପାଇଁ କେନ୍ଦ୍ର ଟେଲିକମ୍ ମନ୍ତ୍ରୀଙ୍କୁ ଚିଠିଲେଖି ଅବଗତ କରାଇଛି । ମାତ୍ର କେନ୍ଦ୍ରସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି ।'

# ବଲାଙ୍ଗୀର ସହରରେ ଶୁଦ୍ଧ ପାନୀୟଜଳ ପ୍ରକଳ୍ପର ଶିଳାନ୍ୟାସ: ୧୩୭କୋଟି ଖର୍ଚ୍ଚରେ ଉପକୃତ ହେବେ ୭୦,୧୯୯ଲୋକ

ବଲାଙ୍ଗିର , ୦୧/୩ (ନି.ପ୍ର): ବଲାଙ୍ଗୀର ସହରରେ ପାନୀୟଜଳ ଯୋଗାଣକୁ ବ୍ୟବସ୍ଥିତ କରିବାକୁ ରାଜ୍ୟସରକାର ପଦକ୍ଷେପ ନେଇଛନ୍ତି । ଆଜି ବଲାଙ୍ଗୀରର ଘରଗୁଡ଼ିକୁ ଜଳ ଯୋଗାଣ ପାଇଁ ମଞ୍ଜୁର ହୋଇଥିବା ୧୩୭କୋଟି ଟଙ୍କାର ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଶିଳାନ୍ୟାସ କରିଥିବା ବେଳେ ୭୮ଲକ୍ଷ ଟଙ୍କାର ବ୍ୟୟରେ ନିର୍ମିତ ଭୂତଳ ପାଣିଟାଙ୍କିର ଶୁଭଉଦଘାଟନ କରିଛନ୍ତି । ବଲାଙ୍ଗୀର ସହରରେ ଘରକୁ ଘର ପାନୀୟଜଳ ଯୋଗାଣ ପାଇଁ ରାଜ୍ୟସରକାର ଜନସ୍ୱାସ୍ଥ୍ୟବିଭାଗ ଜରିଆରେ ୧୩୭କୋଟି ୨୯ଲକ୍ଷ ଟଙ୍କା ଖର୍ଚ୍ଚକରିବେ । ଏଥିରେ ସହରର ୧୧,୭୦୨ ପରିବାରର ୭୦,୧୯୯ ଜଣ ଲୋକ ଶୁଦ୍ଧପାନୀୟଜଳ ପାଇପାରିବେ ବୋଲି ଲକ୍ଷ୍ୟ ରଖାଯାଇଛି । ସେହିପରି ବିଏସଏନଏଲ ଅଫିସ ପାଖରେ ନିର୍ମାଣ ହୋଇଥିବା ୭୮ଲକ୍ଷ ଟଙ୍କାର ଭୂତଳ ପାଣିଟାଙ୍କିକୁ ଉଦଘାଟନ କରାଯାଇଛି । ସ୍ଥାନୀୟ ସୁଦପଡା କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଏହି ସଭାରେ ବଲାଙ୍ଗୀରର ପୂର୍ବତନ ସାଂସଦ ତଥା ରାଜ୍ୟ ହାଉସିଂବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ,ପୌରାଧ୍ୟକ୍ଷା ଲିକା ସାହୁ,ଉପାଧ୍ୟକ୍ଷା ଗାୟିତ୍ରୀ ଭୋଇ,ଜନସ୍ୱାସ୍ଥ୍ୟବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ.ଇନ୍ଦ୍ରଜିତ ସାହୁ, ପୌର ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର,ସମସ୍ତ କାଉନସିଲର ଗଣଙ୍କ ସହ ସହରର ବହୁସଂଖ୍ୟାରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇଥିଲେ । ଏହି ଅବସରରେ ଓଏଚବିସିର ଅଧ୍ୟକ୍ଷ କଳିକେଶନାରାୟଣ ସିଂଦେଓ ଉପସ୍ଥିତ ଜନତାଙ୍କୁ କହିଥିଲେ ଯେ,୧୯୯୧ ମସିହାରେ ବିଜୁପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ବଲାଙ୍ଗୀର ସହରକୁ ୧୮ କୋଟି ଟଙ୍କା ବ୍ୟୟରେ ସୋନପୁର ସହରରୁ ପାନୀୟଜଳ ଆଣିଥିଲେ । ସେହିପରି ୨୦୧୨- ୧୩ ମସିହାରେ ଅନଙ୍ଗଉଦୟ ସିଂଦେଓ ବିଧାୟକ ଓ କଳିକେଶନାରାୟଣ ସିଂଦେଓ ସାଂସଦ ଥିବା ସମୟରେ ତରଭା ନିକଟସ୍ଥ ତେଲନଦୀରୁ ୬୦କୋଟି ଟଙ୍କା ବ୍ୟୟରେ ପାଣି ଅଣାଯାଇଥିଲା । ଏବେ ବଲାଙ୍ଗୀର ପୌର ପରିଷଦ ତଥା ରାଜ୍ୟହାସିଂବୋର୍ଡର ଅଧ୍ୟକ୍ଷଙ୍କ ପ୍ରସ୍ତାବ କ୍ରମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୩୭କୋଟି ଟଙ୍କାର ପ୍ରକଳ୍ପ ଦେଇଛନ୍ତି । ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଳିକେଶ ନାରାୟଣ ସିଂଦେଓ ଓ ପୌରଧ୍ୟକ୍ଷା ଲିକା ସାହୁ କୃତଜ୍ଞତା ଜଣାଇଥିଲେ । ପ୍ରକାଶ ଯେ,ଏହି ୧୩୭କୋଟି ଟଙ୍କାର ପାନୀୟଜଳ ପ୍ରକଳ୍ପରେ ଗୋଟିଏ ବଡ ଇନଟେକ ୱେଲ,୧୧ଟି ଓଭରହେଡ ଟେଙ୍କ,୪୯ କିମିର ପାଇପଲାଇନ ନିର୍ମାଣ କରାଯିବ ବୋଲି ଜନସ୍ୱାସ୍ଥ୍ୟବିଭାଗର ନିର୍ବାହୀଯନ୍ତ୍ରୀ ଇଂ.ସାହୁ ସୂଚନା ଦେଇଛନ୍ତି ।

# ପୋଖରୀରେ ବୁଡ଼ି ଯୁବକର ମୃତ

ଜୟପୁର, ୦୧/୩ (ନି.ପ୍ର): ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ । ସୂଚନା ମୁତାବକ ଆଜି ସକାଳ ସମୟରେ ଜଣେ ଯୁବକ ବୋରିଗୁମ୍ମା ଝିଲିମିଲି ଗ୍ରାମର ପୋଖରୀରେ ଗାଧୋଉ ଥିବା ସମୟରେ ହଠାତ ଗୋଡ଼ ଖସି ଗଭୀର ପାଣିରେ ବୁଡ଼ିଯାଇ ଥିଲେ । ଆଖପାଖ ଲୋକେ ଦେଖି ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ବୋରିଗୁମ୍ମା ଦମକଳ କର୍ମଚାରୀ ଘଟଣା ସ୍ଥଳରେ ପହଂଚି ଗଭୀର ପାଣି ମଧ୍ୟରେ ଅକ୍ଳାନ୍ତ ପରିଶ୍ରମ ପରେ ପାଣିରୁ ଯୁବକଙ୍କୁ ଉଦ୍ଧାର କରି ବୋରିଗୁମ୍ମା ମେଡିକାଲରେ ଭର୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଯୁବକ ଜଣକ ଉତର ପ୍ରଦେଶର ତେଜ ସିଂ ବୋଲି ସୂଚନା ମିଳିଛି ।ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ । ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରୁଛି ।

# ୨ ବର୍ଷରେ ସରିବ ତିନି ରାଡାର: ସବୁବେଳେ ସବୁଠି ପହଞ୍ଚିବ ପାଣିପାଗ ପୂର୍ବାନୁମାନ



ଭୁବନେଶ୍ୱର, ୦୧/୩ (ନି.ପ୍ର): ଓଡ଼ିଶାରେ ପାଣିପାଗ ପୂର୍ବାନୁମାନକୁ ଆହୁରି ଅଧିକ ସୁଦୃଢ଼ କରାଯିବ । ପ୍ରତି ମୁହୂର୍ତ୍ତରେ କିଭଳି ଠିକ୍ ତଥ୍ୟ ସବୁ ଘରେ ପହଞ୍ଚିପାରିବ ସେଦିଗରେ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଆଗୁଆ ପୂର୍ବାନୁମାନ ସହ ତାହାର ପ୍ରଭାବ କ'ଣ ହୋଇପାରେ ସେଦିଗରେ କାର୍ଯ୍ୟ ଚାଲିଛି । ବାତ୍ୟା, ଅତିପ୍ରବଳ ବର୍ଷା, କାଳବୈଶାଖୀ, ହିଟ୍‌ୱେଭ୍ ପରି ପାଣିପାଗ ସମ୍ପର୍କିତ ବିପର୍ଯ୍ୟୟ ପାଇଁ ହେଉଥିବା ପୂର୍ବାନୁମାନର ତଥ୍ୟ ସଂଗ୍ରହ ସହ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ(ଏଆଇ), ଜିଓ ସ୍ପେସାଲ ଟେକ୍ନୋଲୋଜି, ରିମୋର୍ଟ ସେନସେନିଂ ପରି ଟେକ୍ନୋଲୋଜିକୁ ବ୍ୟବହାର କରିବା ଦିଗରେ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । କେନ୍ଦ୍ର ସରକାର, ସମସ୍ତ ରାଜ୍ୟ ସରକାର, ଶିକ୍ଷାନୁଷ୍ଠାନ, ଗଣମାଧ୍ୟମ, ସାମାଜିକ ସଙ୍ଗଠନଗୁଡ଼ିକ ସହାୟତାରେ ପାଣିପାଗ ବିବରଣୀକୁ ସବୁ ସମୟରେ ସମସ୍ତଙ୍କ ଘରେ ପହଞ୍ଚାଇବା ଦିଗରେ କାମ ଚାଲିଛି ବୋଲି ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି । ଓଡ଼ିଶା ଗସ୍ତ ଅବସରରେ ଶ୍ରୀ ମହାପାତ୍ର କହିଛନ୍ତି ଯେ ଯେତେବେଳେ ଆମେ ପାଣିପାଗ ବିବରଣୀ କଥା ଚିନ୍ତା କରୁ ସେତେବେଳେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ସ୍ଥାନ ରହିଥାଏ । କାରଣ ଓଡ଼ିଶା ଏଭଳି ଏକ ରାଜ୍ୟ ଯେଉଁଠାରେ ପାଣିପାଗଜନିତ ସମସ୍ୟା ଯୋଗୁଁ ବହୁ ପରିମାଣରେ କ୍ଷୟକ୍ଷତି ହୋଇଥାଏ । ପାଣିପାଗର ପୂର୍ବାନୁମାନକୁ ଅଧିକ ସୁଦୃଢ଼ କରିବାକୁ ସମ୍ବଲପୁର ଓ ବାଲେଶ୍ୱରରେ ରାଡାର ଲାଗିବାକୁ ଯାଉଛି । ସମ୍ବଲପୁରରେ ଲାଗିଥିବା ରାଡାର ପାଇଁ ସପ୍ଲାଏ ଅର୍ଡର ଦିଆସରିଛି । ୨୦୨୪ ଶେଷ ସୁଦ୍ଧା ସମ୍ବଲପୁରରେ ରାଡାର ଲଗାଇବା ଦିଗରେ କାର୍ଯ୍ୟକ୍ରମ ହାତକୁ ଦିଆଯାଇଛି । ବାଲେଶ୍ୱର ରାଡାର କାମ ଚାଲିଛି ଏବଂ ଚଳିତବର୍ଷ ଶେଷ କିମ୍ବା ୨୦୨୫ ପ୍ରଥମାର୍ଦ୍ଧରେ ଲାଗିବାର ବହୁତ ସମ୍ଭାବନା ରହିଛି । ଭୁବନେଶ୍ୱରରେ ମଧ୍ୟ ଏକ ରାଡାର ଲଗାଇବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏବେ ଟେଣ୍ଡର ପ୍ରକ୍ରିୟା ଚାଲିଛି । ଏହି ରାଡାର ବସିବା ଦ୍ୱାରା ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା, କାଳବୈଶାଖୀ, ବଜ୍ରପାତ ଓ ପ୍ରବଳ ବର୍ଷା ସମ୍ପର୍କରେ ୩ ଘଣ୍ଟା ପୂର୍ବରୁ ସୂଚନା ମିଳିଯିବ । ସେ କହିଛନ୍ତି ଯେ ଦିନ ଥିଲା କେବଳ ଆକାଶକୁ ଦେଖି ପାଣିପାଗର ଆଗୁଆ ସୂଚନା ଦିଆଯାଉଥିଲା । ଏବେ ଚାଷୀମାନେ ଆଉ ଆକାଶକୁ ଦେଖୁ ନାହାନ୍ତି । ବରଂ ପାଣିପାଗ ବିଭାଗର ମୋବାଇଲ୍ ଆପ୍‌ରେ ଦିଆଯାଉଥିବା ପୂର୍ବାନୁମାନକୁ ପଢ଼ି ସେହି ଅନୁଯାୟୀ ପଦକ୍ଷେପ ନେଉଛନ୍ତି । ମତ୍ସ୍ୟଜୀବୀ, ସାଧାରଣ ଲୋକେ ମଧ୍ୟ ପାଣିପାଗ ବିଭାଗକୁ ବିଶ୍ୱାସକୁ ନେଉଛନ୍ତି । ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁ ସଂଖ୍ୟା ହ୍ରାସ ସହ ଧନସମ୍ପତ୍ତି ନଷ୍ଟକୁ ରୋକିବାରେ ସହାୟକ ହେଉଛି ।

# ୨୦ହଜାର ୮୨୦ହେକ୍ଟରରେ ହେବ ରବି ଧାନ: ଆରମ୍ଭ ହେଲା ରୁଆ



ଜୟପୁର: ରବି ଧାନ ଚାଷ ପାଇଁ ଚାଷୀ ପୁରା ଦମରେ ପ୍ରସ୍ତୁତି ଆରମ୍ଭ କରିଦେଇଥଛି । ହାଇବ୍ରିଡ୍ ବିହନ, ଘରୋଇ କଂପାନିର ରାସୟନିକ ସାର ପକାଇ ଚାଷ ଆରମ୍ଭ କରିସାରିଲାଣି । କେଉଁଟି ହଳ ତ ଆଉ କେଉଁଟି ପାୱାରଟିଲର ଲଗାଇ କାଦୁଅ କରିସାରିଛି । ଏହା ସାଙ୍ଗକୁ ଗତ କିଛି ଦିନ ହେବ ଧାନ ରୁଆ ବି ଆରମ୍ଭ କରିଛି । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରବିଚାଷ ୨୦୨୩-୨୪ବର୍ଷ ପାଇଁ କେତେ ଚାଷ ହେବ ତାହାର ସଂପୂର୍ଣ୍ଣ ବିବରଣୀ ଓ ଯୋଜନା ପ୍ରସ୍ତୁତ କରାଯାଇଛି । ଜିଲ୍ଲାରେ ଏବର୍ଷ ଖାଦ୍ୟଶସ୍ୟ ବର୍ଗରେ ୨୫ହଜାର ୯୪୦ହେକ୍ଟର ଓ ଡାଲି, ତୈଳବୀଜ, ମସଲା, ଆଖୁ, ଲେମନଗ୍ରାସ ଆଦି ୬୧ହଜାର ୩୪୦ହେକ୍ଟର ଏଭଳି ସର୍ବମୋଟ ୮୭ହଜାର ୨୮୦ହେକ୍ଟର ଜମିରେ ଚାଷ କରାଯାଉଛି । ଉପରକୋଲାବ ଜଳସେଚନ ପ୍ରକଳ୍ପ, କ୍ଷୁଦ୍ର ଜଳସେଚନ ସହ ବିଭିନ୍ନ ଜଳସ୍ରୋତରୁ ୭୪ହଜାର ୫୭୦ହେକ୍ଟର ଜମିକୁ ପାଣି ମାଡୁଥିବା କହିଛନ୍ତି ମୁଖ୍ୟଜିଲ୍ଲା କୃଷି ଅଧିକାରୀ । ୧୨ହଜାର ୭୧୦ହେକ୍ଟର ଜମିରେ ପାଣି ମାଡୁନଥିଲେ ହେଁ ଜମି ଗୁଡିକର ଆଦ୍ରାତା ଓ ଖାଲଜମି ହୋଇଥିବାରୁ ଏଥିରେ ସେଭଳି ଚାଷ କରାଯାଉଛି । ଗତ ତିନି ବର୍ଷ ହେବ ତେଲିଙ୍ଗିରୀ ମଧ୍ୟମ ଜଳସେଚନ ପ୍ରକଳ୍ପ ଏହି ବର୍ଷ ୪ହଜାର ୪୬୪ହେକ୍ଟର ଜମିରେ ଚାଷ ପାଇଁ ଛଡାଯାଇଛି । ଗତବର୍ଷ ତୁଳନାରେ ଏହି ବର୍ଷ ଧାନ୧୧୦୦ହେକ୍ଟର, କମ୍ ଚାଷ କରାଯାଉଛି । ୨୦୨୩-୨୪ବର୍ଷରେ ଜିଲ୍ଲାରେ ଧାନ୨୦ହଜାର ୮୨୦ହେକ୍ଟର ଚାଷ କରାଯାଉଛି । ଏଥରକ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରବିଚାଷ ପାଇଁ ଖାଦ୍ୟଶସ୍ୟ ବିହନ ୪୧୦୦କୁଇଣ୍ଟାଲ ଓ ଅନ୍ୟାନ୍ୟ ବିହନ ୫୪୦କୁଇଣ୍ଟାଲ ଏଭଳି ବିଭିନ୍ନ ବିତରକଙ୍କ ନିକଟରେ ବିକ୍ରୀ ପାଇଁ ଦିଆଯାଇଥିଲା । ସେଭଳି ବିଭିନ୍ନ ବିତରକଙ୍କୁ ୟୁରିଆ ୬୫୦୦ମେଟ୍ରୀକ ଟନ, ଏସଏସପି ୬୦୦ଏମଟି, ଡିଏପି ୩୫୦୦ଏମଟି, ଏମଓପି ୧୦୦୦ଏମଟି, କମ୍ପ୍ଲେକ୍ସ ୩୨୦୦ଏମଟି ଏଭଳି ୧୪ହଜାର ୮୦୦ଏମଟି ସାର ଯୋଗାଇ ଦିଆଯାଇଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି । ଖାସ୍ କରି ଧାନର ଉତ୍ପତ୍ତିସ୍ଥଳୀ ଜୟପୁର ଅଂଚଳରେ ଉପରକୋଲାବ ଜଳସେଚନ ପ୍ରକଳ୍ପ ଦ୍ୱାରା ଜଳ ଜମିରେ ମାଡୁଥିବାରୁ ଚାଷୀ ମାନେ ହାଇବ୍ରୀଡ୍ ବିହନ୍ ତଳିରେ ପକାଇଛନ୍ତି । ଏହା କମ ଦିନରେ ଧାନ ଉତ୍ପାଦନ ହେଉଥିବାରୁ ଏହି ଧାନକୁ ପ୍ରାଧାନ୍ୟ ଦିଆଯାଉଛି ବୋଲି ଚାଷୀ ମାନେ କହିଛନ୍ତି । ସଂପ୍ରତି ଗ୍ରୀଷ୍ମ ଋତୁ ଆରମ୍ଭ ହେଉଥିବାରୁ ଗାଁ ଗହଳିରେ କାମଧନ୍ଦା ନଥିବାରୁ ମହିଳା କୃଷି ଶ୍ରମିକ ବି ପର୍ଯ୍ୟାପ୍ତ ପରିମାଣର ମିଳୁଛି । ସେଭଳି ସବୁ ଚାଷୀଙ୍କ ଜମିରେ ରବି ଚାଷ ହେଉନଥିବାରୁ ଶ୍ରମିକ ମିଳୁଛନ୍ତି ବୋଲି ଚାଷୀ ମାନେ କହିଛନ୍ତି । ସଂପ୍ରତି ଜୟପୁର ଓ ବୋରିଗୁମ୍ମା ବ୍ଲକରେ ୩୦ ପ୍ରତିଶତ ଧାନ ରୁଆ ସରିଥିବା ଜିଲ୍ଲାମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି ।

# ଗାଁ ଲୋକେ ମନା କରିବାରୁ, ଅସହାୟଙ୍କ ଶବ ସତ୍କାର କଲା ସ୍ୱାଭିମାନ

ସମ୍ବଲପୁର, ୦୧/୩ (ନି.ପ୍ର): ଏଡସ୍ ରୋଗୀ ବୋଲି ଜଣେ ମହିଳାଙ୍କ ଶବ ଗାଁରେ ପୂରାଇ ଦେବାକୁ ମୃତକଙ୍କ ପରିବାରକୁ କହିଥିଲେ । ତେଣୁ ବୁର୍ଲା ଭିମସାରରେ ପ୍ରାଣ ହରାଇଥିବା ମହିଳାଙ୍କ ଶବ ସତ୍କାର କଲା ସମ୍ବଲପୁରର ସାମାଜିକ ଅନୁଷ୍ଠାନ ସ୍ୱାଭିମାନ । ସୂଚନା ଅନୁସାରେ, ଦେବଗଡ଼ ଜିଲ୍ଲାର ଜଣେ ମହିଳା ଗତ ୧୦ ଦିନ ତଳେ ବୁର୍ଲା ଭିମାସାରରେ ଭର୍ତ୍ତି ହୋଇଥିଲେ । ହେଲେ ଆଜି ତାଙ୍କର ମୃତ୍ୟୁ ହୋଇଥିଲା । ୫ ବର୍ଷ ପୂର୍ବରୁ ସ୍ୱାମୀଙ୍କୁ ହାରାଇଥିବା ମହିଳାଙ୍କ ୧୯ ବର୍ଷର ଝିଅ ଓ ୧୦ ବର୍ଷର ପୁଅକୁ ଛାଡି ଅନ୍ୟ କେହି ନ ଥିଲେ । ତେଣୁ ଘରକୁ ନେବାକୁ ସାହି ପଡିଶା ଲୋକଙ୍କୁ କହିଥିଲେ । ହେଲେ ମହିଳା ଜଣକ ଏଡସ ଆକ୍ରାନ୍ତ ଥିବାରୁ ଗାଁ ଲୋକେ ଅନ୍ତିମ ସଂସ୍କାର କରିବେ ନାହିଁ ବୋଲି କହିଥିଲେ । ପୂର୍ବରୁ ତାଙ୍କ ସ୍ୱାମୀ ସମାନ ରୋଗରେ ପ୍ରାଣ ହରାଇଥିଲେ । ତେଣୁ ଗ୍ରାମବାସୀ ଶବ ଗାଁକୁ ଆଣିବାକୁ ମନା କରିଥିଲେ । ତେଣୁ ଘରକୁ ନେଇ ଶବ ସତ୍କାର କରିବା ପରିବାର ପକ୍ଷେ ସମ୍ଭବ ହୋଇ ନଥିଲା । ବାହାର ରାଜ୍ୟରେ ରହୁଥିବା ତାଙ୍କ ଭାଇ ସ୍ୱାଭିମାନ ସଙ୍ଗଠନକୁ ଯୋଗଯୋଗ କହିଥିଲେ । ୧୯ ବର୍ଷୀୟା ଝିଅ ମୁଖାଗ୍ନି ଦେଇଥିଲେ । ସ୍ୱାଭିମାନ ସଙ୍ଗଠନ ସଦସ୍ୟ ସତ୍ୟବାନ୍ ବାଘ, କୁନ୍ଦନ ପ୍ରଧାନ, ଅଭିଷେକ ପ୍ରଧାନ, ରାଜେନ୍ଦ୍ର ଦାସ, ତନ୍ମୟ ନାୟକ, ଶିଶିର ବହିଦାର, ସଞ୍ଜୀବ କଂସାରି, ଅପୂର୍ବ ନାୟକ, ଆକାଶ ସାହୁ, ଉପେନ୍ଦ୍ର ରାଉତ, ସମୀର ହୋତା, ଦେବନ୍ତ ବେହେରା, ବିକି ଗଣ୍ଡ ଓ ସାଇ ବାବା ଏସଏଚଜି ସଦସ୍ୟ ମିନୁ ନାୟକ, ପଙ୍କଜିନି ସାହୁ, ବାସନ୍ତୀ କାଠ ପ୍ରମୁଖ ରାଜଘାଟ ଠାରେ ମହିଳାଙ୍କ ଅନ୍ତିମ ସଂସ୍କାର କରିଥିଲେ ।

# ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭିତ୍ତି ପ୍ରସ୍ତର ଓ ଶୁଭ ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

ଜୟପୁର, ୦୧/୩ (ନି.ପ୍ର): ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫେରେନ୍ସି ଦ୍ୱାରା ସହର ବାସୀଙ୍କ ନିମନ୍ତେ ବିଭିନ୍ନ ସୁବିଧା ଓ ସେବା ଉତ୍ସର୍ଗ କରି ଭିତ୍ତି ପ୍ରସ୍ତର ଓ ଶୁଭ ଉଦଘାଟନ କରିଛନ୍ତି । ଜୟପୁର ଟାଉନ ହଲ ଠାରେ ଏହାର ସିଧା ପ୍ରଶାରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପିଏଚଡିର ସହକାରି ଯନ୍ତ୍ରୀ ଗୌରବ କୁମାର କାଲୋ, ସ୍ୱଛ ସାଥି, ଜଳ ସାଥି ପ୍ରମୁଖ ଉପସ୍ଥିତ ଥିଲେ । ଜୟପୁର ପୌର ପାଳିକାର ଜଳ ଯୋଗାଣ ଉନ୍ନତି କରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହା ସହ ଜୟପୁର ପୌରପାଳିକାର ଜୟନଗର ଠାରେ ନିର୍ମିତ ୨.୨୭ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଭୂ ଉଚ୍ଚ ଜଳ ଭଣ୍ଡାର ପ୍ରକଳ୍ପର ଶୁଭ ଉଦଘାଟନ କରିଛନ୍ତି । ୯୩.୨୭ ଲକ୍ଷ ଟଙ୍କା ବିନିମୟରେ ଭୂ ଉଚ୍ଚ ଜଳ ଭଣ୍ଡାର ପ୍ରକଳ୍ପ ନିର୍ମିତ କରାଯାଇଛି । ୨୨୦୯.୨୦ ଲକ୍ଷ ଟଙ୍କା ବିନିମୟରେ ଜଳ ଯୋଗାଣ ଉନ୍ନତି କରଣ ପ୍ରକଳ୍ପର କାର୍ଯ୍ୟ ହେବ ଏନେଇ ଭିତ୍ତିପ୍ରସ୍ତର ଦିଆଯାଇଛି ।


ମୁଖ୍ୟମନ୍ତ୍ରୀ ମତ୍ସ୍ୟଜିବୀ କଲ୍ୟାଣ ଯୋଜନା ଅନ୍ତର୍ଗତ

ଓଡ଼ିଶାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ

"ବାୟୋଫ୍ଲକ (ଜୈବପୁଞ୍ଜ) ମାଧ୍ୟମରେ ସଘନ ମାଛ ଓ ଚିଙ୍ଗୁଡ଼ି ଚାଷ"

ଅଧିକ ପ୍ରାକୃତିକ ଜମି ଓ ଜଳ ସଂପଦ ଉପଯୋଗ ନକରି ସୀମିତ ସ୍ଥାନରେ ସଘନ ମାଛ ଓ ଚିଙ୍ଗୁଡ଼ି ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଲକ୍ଷରେ ବାୟୋଫ୍ଲକ ଏକ ଉନ୍ନତ ଜ୍ଞାନ କୌଶଳ ପଦ୍ଧତି ଅଟେ । ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି, ରୋଜଗାର ସୃଷ୍ଟି ତଥା ଯୁବ ଉଦ୍ୟୋଗୀମାନଙ୍କୁ ମାଛଚାଷ ପ୍ରତି ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ରାଜ୍ୟ ଯୋଜନା ବ୍ୟୟରେ ଆରମ୍ଭ କରିଛନ୍ତି **"ବାୟୋଫ୍ଲକ (ଜୈବପୁଞ୍ଜ) ମାଧ୍ୟମରେ ସଘନ ମାଛ ଓ ଚିଙ୍ଗୁଡ଼ି ଚାଷ"** ଯୋଜନା । ଏହି ପଦ୍ଧତିରେ ଗୋଲାକାର ବା ଆୟତାକାର କୁଣ୍ଡରେ ପ୍ରୋ-ବାୟୋଟିକ ପ୍ରୟୋଗ ଦ୍ୱାରା ଅବ୍ୟବହୃତ ଖାଦ୍ୟ ଓ ବର୍ଜ୍ୟବସ୍ତୁକୁ ପରିବର୍ତ୍ତିତ କରାଯାଇ ମାଛର ଖାଦ୍ୟ ରୂପେ ଉପଯୋଗ କରାଯାଏ । ସ୍ୱଳ୍ପ ଜଳ ବିନିମୟ ଓ ନିରବଚ୍ଛିନ୍ନ ବାୟୁ ସଂଚାଳନ କରାଯାଉଥିବା ଯୋଗୁଁ ବାୟୋଫ୍ଲକ ପଦ୍ଧତିରେ ଅଧିକ ମାଛ / ଚିଙ୍ଗୁଡ଼ି ଉତ୍ପାଦନ ସମ୍ଭବ ହୁଏ । ଏହା ଏକ ପରିବେଶ ଅନୁକୂଳ ଚାଷ ପଦ୍ଧତି ଯାହାକି ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସୀମିତ ସ୍ଥାନରେ ଚାଷ କରାଯାଇପାରୁଛି । ୪୦୦୦ ବର୍ଗମିଟର ପରିମିତ ପୋଖରୀରେ ଯେତିକି ମାଛ ଉତ୍ପାଦନ ସମ୍ଭବ, ସେତିକି ମାଛ ମାତ୍ର ୧୦୦ ରୁ ୧୫୦ ବର୍ଗମିଟର ଜମିରେ ୪ଟି ବାୟୋଫ୍ଲକ କୁଣ୍ଡରୁ ଉତ୍ପାଦନ ହୋଇପାରିବ ।

ବାୟୋଫ୍ଲକ ଯୋଜନାରେ ମିଳୁଥିବା ସହାୟତା (ପ୍ରତ୍ୟେକ କୁଣ୍ଡର ଆକାର - ୪ ମିଟର ବ୍ୟାସ ଓ ୧.୩ ମିଟର ଗଭୀର= ୧୫୦୦୦ ଲିଟର)

କେବଳ ସିମେଣ୍ଟ କୁଣ୍ଡ

| କ୍ରଂ ସଂ. | ମଡେଲ | ୟୁନିଟ୍ ମୂଲ୍ୟ (ଲକ୍ଷ) | କ୍ୟାପିଟାଲ୍ (ଲକ୍ଷ) | ଇନ୍‌ପୁଟ୍ (ଲକ୍ଷ) | ରିହାତି ଟଙ୍କାରେ: ସାଧାରଣ ବର୍ଗ (୪୦%) | ରିହାତି ଟଙ୍କାରେ: ଏସ.ସି/ଏସ.ଟି ମହିଳା (୬୦%) |
|---|---|---|---|---|---|---|
| ୧. | ୨ଟି କୁଣ୍ଡ ୩୦ ଘନ ମିଟର | ୨.୦୦ | ୧,୫.୦୦୦ | ୫୦,୦୦୦ | ୮୦,୦୦୦ | ୧,୨୦,୦୦୦ |
| ୨. | ୪ଟି କୁଣ୍ଡ ୬୦ ଘନ ମିଟର | ୪.୦୦ | ୩,୦୦,୦୦୦ | ୧,୦୦,୦୦୦ | ୧,୬୦,୦୦୦ | ୨,୪୦,୦୦୦ |
| ୩. | ୬ଟି କୁଣ୍ଡ ୯୦ ଘନ ମିଟର | ୬.୦୦ | ୪,୫୦,୦୦୦ | ୧,୫୦,୦୦୦ | ୨,୪୦,୦୦୦ | ୩,୬୦,୦୦୦ |





ଏହି ସହାୟତା ପାଇବା ପାଇଁ ନିୟମାବଳୀ:

୧. ଜଣେ ହିତାଧିକାରୀ ସର୍ବନିମ୍ନ ୨ଟି କୁଣ୍ଡ ଓ ସର୍ବାଧିକ ୬ଟି କୁଣ୍ଡ ନିମନ୍ତେ ସହାୟତା ପାଇପାରିବେ ।

୨. ରାଜ୍ୟ ବା କେନ୍ଦ୍ର ସରକାରଙ୍କ ଯୋଜନାରେ ଯଦି ହିତାଧିକାରୀ ପୂର୍ବରୁ ୬ଟି ବାୟୋଫ୍ଲକ କୁଣ୍ଡରୁ କମ୍ କୁଣ୍ଡରେ ବାୟୋଫ୍ଲକ ଚାଷ ନିମନ୍ତେ ସହାୟତା ପାଇଥିବେ, ତେବେ ଏହି ଯୋଜନାରେ ସାମିଲ ହୋଇ ମୋଟ ୬ଟି ବାୟୋଫ୍ଲକ କୁଣ୍ଡ ପର୍ଯ୍ୟନ୍ତ ସହାୟତା ପାଇପାରିବେ ।

୩. ଆଗ୍ରହୀ ହିତାଧିକାରୀ ଏଥିପାଇଁ ନିର୍ଦ୍ଧାରିତ ଫର୍ମରେ ସହକାରୀ ମତ୍ସ୍ୟ ଅଧିକାରୀଙ୍କ ମାଧ୍ୟମରେ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ଆବେଦନ ଉଭୟ ଅନଲାଇନ କିମ୍ବା ଅଫ ଲାଇନ୍‌ରେ କରିପାରିବେ ।

୪. ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ବାୟୋଫ୍ଲକ କୁଣ୍ଡ ସ୍ଥାପନକରି ମାଛଚାଷ ନିମନ୍ତେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଅନୁମତି ପ୍ରଦାନ କରିବେ ।

୫. ପ୍ରତ୍ୟେକ ହିତାଧିକାରୀ ବାୟୋଫ୍ଲକ ତାଲିମ ନେବା ପାଇଁ ନିଜ ସହିତ ଦୁଇଜଣଙ୍କ ନାମ ସୁପାରିଶ କରିବେ । ମତ୍ସ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ସେମାନଙ୍କୁ ତାଲିମ ପ୍ରଦାନ କରାଯିବ ।

୬. ପ୍ରକଳ୍ପ ସମ୍ପୂର୍ଣ୍ଣ ପରେ ଓ ଜିଲ୍ଲାସ୍ତରୀୟ ତଦାରଖ କମିଟି ଅନୁଧ୍ୟାନ କରିବା ପରେ ହିତାଧିକାରୀଙ୍କ ରିହାତି ଅର୍ଥ ସେମାନଙ୍କ ବ୍ୟାଙ୍କ ଜମାଖାତା କୁ DBT ମାଧ୍ୟମରେ ହସ୍ତାନ୍ତର କରାଯିବ ।

ନୂତନ ଜ୍ଞାନକୌଶଳରେ ମାଛଚାଷ, ଉତ୍ପାଦନ ହେବ ଦ୍ୱିଗୁଣିତ

ଅଧିକ ବିବରଣୀ ଓ ସହାୟତା ନିମନ୍ତେ ବ୍ଲକରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀ ବାରିପଦା, ମୟୂରଭଂଜଙ୍କ ସହିତ ଯୋଗାଯୋଗ କରନ୍ତୁ ।

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର

# ପାରାଦୀପ ବନ୍ଦରରେ ଲାଗିଛି ବୃହତକାୟ ପଣ୍ୟବାହୀ ଜାହାଜ




ପାରାଦୀପ, ୦୧/୩ (ନି.ପ୍ର): ପାରାଦୀପ ବନ୍ଦର ରେ ଲାଗିଛି ଏକ ବୃହତକାୟ ପଣ୍ୟବାହି ଜାହାଜ। କେଆଇସିଟିପିଏଲ୍ ବର୍ଥରେ ଏହି ବୃହତକାୟ ଜାହାଜ ଟି ଲାଗିଥିବା ଜଣାପଡିଛି। ଏମ.ଭି. ସିଲୋଡର ନାମକ ଏହି ଜାହାଜରେ ସର୍ବାଧିକ ଏକ ଲକ୍ଷ ଅଣଚାଶ ହଜାର ଚାରିଶହ ଏକାଅଶୀ ମେଟ୍ରିକ୍ ଟନ୍ ଆମଦାନୀ କୋଇଲା ଖଲାସ କରାଯିବ। ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଦକ୍ଷତା, ଜାହାଜ ପରିଚାଳନାରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ପାରାଦୀପ ବନ୍ଦରକୁ ଆସିଥିବା ସମସ୍ତ ଜାହାଜମାନଙ୍କ ମଧ୍ୟରେ ଏମ.ଭି. ସିଲୋଡର ବୃହତ୍ତ ବୋଲି ଜଣା ପଡିଛି। ଏଭଳି ବୃହତକାୟ ଜାହାଜ ପରିଚାଳନା କରି ପାରାଦୀପ ବନ୍ଦର ପୁଣି ଥରେ ନିଜର ସ୍ୱତନ୍ତ୍ର ଇତିହାସ ରଚନା କରିଛି। ଏଭଳି ବୃହତକାୟ ଜାହାଜର ସଫଳ ପରିଚାଳନା କରିବା ପରେ ଆନ୍ତର୍ଜାତୀୟସ୍ତରରେ ଏକ ବଡ ସଫଳତା ହାସଲ କରିଛି ପାରାଦୀପ ବନ୍ଦର।

## କୃଷ୍ଣଚନ୍ଦ୍ର ଉପ୍ରା ବିଦ୍ୟାଳୟର ୬୬ ତମ ବାର୍ଷିକ ଉତ୍ସବ

ବାସୁଦେବପୁର, ୦୧/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜଘର ପୋଖରୀଠାରେ କୃଷ୍ଣ ଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬୬ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ନାୟକ ଏଥିରେ ସଭାପତିତ୍ୱ କରିଥିଲେ । ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ । ସ୍ତମ୍ଭକାର ମୁକ୍ତିକାନ୍ତ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସରପଞ୍ଚ ଅରୁଣ କୁମାର ମହାନ୍ତି, ରମେଶ ଚନ୍ଦ୍ର ବଳ, ନାଏବ ସରପଞ୍ଚ ମାନସୀ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥି ଅବସରରେ ବିଇଓ ଜଗବନ୍ଧୁ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷକ ନୀଳାମ୍ବର ବଳ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଶିକ୍ଷକ ଦେବ ସଚିନ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ: ଘଟଣା ସ୍ଥଳରେ ଉତ୍ତେଜନା ସହ ରାସ୍ତାରୋକ

ନୀଳଗିରି , ୦୧/୩ (ନି.ପ୍ର): ନୀଳଗିରି ମିତ୍ରପୁର ରାସ୍ତାର ଷ୍ଟେସନସାହି ନିକଟରେ ବାଇକରେ ଯାଉଥିବା ଜଣେ ଯୁବକଙ୍କୁ ପଛପଟୁ ଏକ ଅଜଣା ଗାଡ଼ି ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ଯୁବକଙ୍କ ଜୀବନ ଚାଲିଯାଇଛି। ସୂଚନା ଅନୁଯାୟୀ କେ.ପି ଲାଖରାଜ ପଞ୍ଚାୟତ ମିତ୍ରପୁର ଗ୍ରାମର କୃପାସିନ୍ଧୁ ନାୟକଙ୍କ ପୁଅ ଗଜେନ୍ଦ୍ର (୩୦)ପରିବାର ପ୍ରତିପୋଷଣ ପାଇଁ ନୀଳଗିରି ସ୍ଥିତ ଏକ ମିଠାଦୋକାନରେ କାମକରନ୍ତି । ଗୁରୁବାର ରାତ୍ର ୧୦ଟା ସମୟରେ ଦୋକାନରେ କାମସାରି ଘରକୁ ଫେରୁଥିବା ବେଳେ ନୀଳଗିରି ମିତ୍ରପୁର ରାସ୍ତାର ନବୀକରଣ କାମ ଚାଲୁଥିବା ବେଳେ ରାସ୍ତାର ଅଧିକାଂଶ ସ୍ଥାନରେ ଡାଇଭରସନ୍ ଏବଂ ଖାଲ ଥିବାରୁ ଗଜେନ୍ଦ୍ର ବାଇକ୍ ଧିରେ ଚଳାଇ ଯାଉଥିବା ବେଳେ ହଠାତ୍ ପଛପଟୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଅଞ୍ଚଳବବାସୀ ଏବଂ ଖବରପାଇ ପରିବାର ଲୋକେ ନୀଳଗିରି ମେଡିକାଲ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକ ଗଜେନ୍ଦ୍ରର ଏକ ୭ବର୍ଷର ପୁଅ ଥିବା ଜଣାଯାଇଛି।ଆଜି ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ବେଳେ ଉକ୍ତରାସ୍ତାରେ ଶହଶହ ସଂଖ୍ୟାରେ ଜନସାଧାରଣ ଏବଂ ପରିବାର ଲୋକେ ରାସ୍ତାରୋକ କରିବା ସହିତ କ୍ଷତି ପୂରଣ ଦାବିକରିଥିଲେ। ଏଥି ସହିତ ରାସ୍ତା ନିର୍ମାଣ କରୁଥିବା ସଂସ୍ଥା ଲୋକମାନଙ୍କର ଧନଜୀବନ ସୁରକ୍ଷିତ ପାଇଁ ଯତ୍ନବାନ ହେବାକୁ ଅଡି ବସିଥିଲେ।

## ଟ୍ରକ୍ ସହିତ ୧୧୫ ବସ୍ତା ଗୁଟଖା ଜବତ

ବଲାଙ୍ଗିର, ୦୧/୩ (ନି.ପ୍ର): ବୁଧବାର ରାତିରେ ଟିଟିଲାଗଡ଼ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗୋଟିଏ ଟ୍ରକ (ସିଜି ୦୪ପିଶି ୪୭୮୯)ରେ ଗୁଟଖା ଯୋଗାଣ ହେଉଥିବା ଖବର ପାଇ ଏସଡିପିଓ ଶ୍ରୀମତୀ ଅଙ୍କିତା କୁମ୍ଭାରଙ୍କ ନିର୍ଦ୍ଦେଶ କ୍ରମେ ଗାଡ଼ିକୁ ପିଛା କରିଥିଲେ । ଟ୍ରେନ ଯୋଗେ ବାହାର ରାଜ୍ୟକୁ ଟ୍ରେନ ଯୋଗେ ଚାଲାଣ ହୋଇଥାନ୍ତା । ରେଳବାଇ ଷ୍ଟେସନ ସାମ୍ନାରେ ଟ୍ରକ ଛିଡ଼ା ହେବା ପରେ ଆରପିଏଫକୁ ଖବର ଦେବା ପରେ ଗାଡି ଯାଂଚ୍ କରିବାରୁ ଟ୍ରକ ଭିତରୁ ୧୧୫ ବସ୍ତା ଗୁଟଖା ବାହାରିଥିବା ଦେଖି ଟିଟିଲାଗଡ଼ ପୋଲିସ ଷ୍ଟେସନକୁ ଅଣା ଯାଇଥିଲା । ଜିଏସ୍ଟି, ଫୁଡ୍ ଇନିସପେକ୍ଟରଙ୍କୁ ଖବର ଦେବା ପରେ ଥାନାକୁ ଆସି ସାମ୍ପଲ ନେଇ ଯାଇଛନ୍ତି । ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଅବନୀ ସାହୁ ସୂଚନା ଦେଇଛନ୍ତି । ଗୁଟୁଖାର ଆନୁମାନିକ ମୂଲ୍ୟ ତିରିଶ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଲୋକାର୍ପିତ ହେଲା....

ରକ୍ଷଣା ବେକ୍ଷଣରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ପତାକା ଦେଖାଇ ବସ୍ ଚଳାଚଳର ଶୁଭାରମ୍ଭ କରିବା ସହିତ ଆହାର କେନ୍ଦ୍ରରେ ଯାତ୍ରୀମାନଙ୍କୁ ଖାଦ୍ୟ ପରସିଥିଲେ ମୁଖ୍ୟମନ୍ତ୍ରୀ। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ବିଜ୍ଞାନ ଓ ବୈଷୟିକ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଥିଲେ ଯେ ଭୁବନେଶ୍ୱରର ବିକାଶରେ ଆଜି ଆଉ ଏକ ନୂଆ ଫର୍ଦ୍ଦ ଯୋଡି ହେଲା। ପରିବହନ କ୍ଷେତ୍ରରେ ଯାହା ଆମ ପାଇଁ ସ୍ୱପ୍ନ ଥିଲା, ତାହା ଆଜି ପୂରଣ ହେଲା। ୫-ଟି ଅଧକ୍ଷ ଶ୍ରୀ କାର୍ତ୍ତିକ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ସହିତ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଲାଞ୍ଚ ନେଇ ଧରାପଡ଼ିଲେ ...

କୈଳାସ ଚନ୍ଦ୍ର ଦେଇଥିଲେ। ସେହି ସମୟରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବେଣୁଧର ଦଳାଇ ସେଠାରେ ଉପସ୍ଥିତ ଥିଲେ। ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରି କନିଷ୍ଠ କିରାଣି କୈଳାସ ଚନ୍ଦ୍ର ବେହେରା ସମସ୍ତ ଲାଞ୍ଚ ଅର୍ଥ ଜବତ କରିଥିଲେ। ଲାଞ୍ଚ ନେଇ ଧରାପଡ଼ିବା ପରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବେଣୁଧର ଦଳାଇଙ୍କ ତିନିଟି ଠିକଣାରେ ଓ କନିଷ୍ଠ କିରାଣି କୈଳାସ ଚନ୍ଦ୍ର ବେହେରାଙ୍କ ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଦୁଇ ଅଧିକାରୀ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା। ଭିଜିଲାନ୍ସ ପକ୍ଷରୁ ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଛି।

### ୫ରେ ଆସିବେ ପ୍ରଧାନମନ୍ତ୍ରୀ....

ସହ ଏକ ସମୀକ୍ଷା ବୈଠକ କରିଛନ୍ତି । ଭୁବନେଶ୍ୱର ବିମାନ ବନ୍ଦର, ଚଣ୍ଡିଖୋଲ ହେଲିପ୍ୟାଡ ଓ କାର୍ଯ୍ୟକ୍ରମ ସ୍ଥଳକୁ ପ୍ରଧାନମନ୍ତ୍ରୀଙ୍କୁ ପାଛୋଟି ନେବା ଓ ମେଲାଣି ଦେବାବେଳେ ସୁରକ୍ଷା ଓ ଆନୁସଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଛି । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ତାଙ୍କର ଜରୁରୀକାଳୀନ ସାମୟିକ ରହଣୀ ବ୍ୟବସ୍ଥା, ମଂଚର ସୁରକ୍ଷା ଯାଂଚ, କାରକେଡ୍ ବ୍ୟବସ୍ଥା, କାର୍ଯ୍ୟକ୍ରମ ସ୍ଥଳରେ ଜେନେରେଟର ସୁବିଧା ସହ ୨ଟି ଅତିରିକ୍ତ ଜେନେରେଟେର ରଖିବା ଆଦି ହୋଇଛି । ସୂଚନା ଅନୁସାରେ, ପ୍ରଧାନମନ୍ତ୍ରୀ ମୋଦି ଅପରାହ୍ନ ପ୍ରାୟ ୨ଟାରେ ଭୁବନେଶ୍ୱରରେ ପହଂଚିବେ । ସେଠାରୁ ସ୍ୱତନ୍ତ୍ର ହେଲିକପ୍ଟରରେ ଚଣ୍ଡିଖୋଲ ଯିବେ । ଉକ୍ତ ସନ୍ଧ୍ୟା ପ୍ରାୟ ୫ଟାବେଳେ ଭୁବନେଶ୍ୱର ଫେରି ବାୟୁସେନା ବିମାନରେ କୋଲକାତା ଅଭିମୁଖେ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ ଓ ମେଲାଣି ଦେବା ପାଇଁ ଉଭୟ ରାଜ୍ୟପାଳ ରଘୁବର ଦାସ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ, ଫେବୃୟାରୀ ୩ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ସମ୍ବଲପୁରରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ । ମାସକ ମଧ୍ୟରେ ଏହା ତାଙ୍କର ଦ୍ୱିତୀୟ ଓଡ଼ିଶା ଗସ୍ତ ହେବ । ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଓଡ଼ିଶା ଗସ୍ତକୁ ନେଇ ରାଜନୀତିକ ଉଷ୍ମତା ବୃଦ୍ଧି ପାଇଛି ।

### ପେଟିଏମକୁ ୫.୪୯....

ଅର୍ଥକୁ ପେଟିଏମ ଦ୍ୱାରା କାରବାର କରାଯାଇଥିଲା। ସବୁ କିଛିର ଦସ୍ତାବିଜ ମିଳିବା ପରେ ପେଟିଏମକୁ ନୋଟିସ କରାଯାଇଥିଲା। ସଂସ୍ଥା ଏକାଧିକ ନିୟମକୁ ଉଲ୍ଲଙ୍ଘନ କରିଥିବାରୁ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ନୋଟିସରେ ପ୍ରଶ୍ନ କରାଯାଇଥିଲା। ପେଟିଏମ ପକ୍ଷରୁ ଏହାର ଜବାବ ଲିଖିତ ଭାବେ ଦିଆଯାଇଥିଲା। ସଂସ୍ଥା ମୌଖିକ ଭାବେ ମଧ୍ୟ ନିଜର ଯୁକ୍ତି ରଖିଥିଲା। ତଥାପି ଋଓଟ-ଓଘଉ ନିର୍ଦ୍ଦେଶକଙ୍କୁ ସଂସ୍ଥାର ଯୁକ୍ତି ସନ୍ତୁଷ୍ଟ କରିପାରି ନଥିଲା। ତେଣୁ ପେଟିଏମ ଉପରେ ଋଓଟ-ଓଘଉ ମୋଟ ୫.୪୯ କୋଟି ଟଙ୍କାର ଜୋରିମାନା ଲଗାଇଛି।

### ମହାଦେବ ବେଟିଂ ...

ଏହି ଅନଲାଇନ୍ ବେଟିଂ ଆପ୍ ବିଭିନ୍ନ ଫ୍ରାଞ୍ଚାଇଜ୍ ମାଧ୍ୟମରେ ସାରା ଦେଶରେ ଚାଲିଛି। ଇଡି ଅନୁସନ୍ଧାନରୁ ଜଣାପଡିଛି ଯେ ଛୋଟ ୱେବସାଇଟକୁ ଫ୍ରାଞ୍ଚାଇଜ୍ ଦେଇ ମହାଦେବ ବେଟିଂର ବେଆଇନ ବ୍ୟବସାୟ ଚାଲିଛି। ଚଢ଼ାଉ ପରେ ରେଡ୍ଡୀ ଆନ୍ନା, ଫେୟାରପ୍ଲେ ପରି ସାଇଟ୍ ବିଷୟରେ ସୂଚନା ମିଳିଥିବା ଇଡି କହିଛି। ଛତିଶଗଡର ଚର୍ଚ୍ଚିତ ଏହି ମହାଦେବ ବେଟିଂ ଆପ୍ ମାମଲରରେ ଗତ ଦେଢ଼ ବର୍ଷ ହେଲା ଲଗାତର ଇଡି ରେଡ୍ କରି ପଚରାଉଚରା ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ୧୨୦୦ କୋଟି ଟଙ୍କାରୁ ଅଧିକ ସମ୍ପତ୍ତି ଖୁଲାସା ହୋଇସାରିଲାଣି। ଏଥିସହ ଏବେ ପର୍ଯ୍ୟନ୍ତ ଏହି ମାମଲାରେ ୯ ଜଣ ଗିରଫ ମଧ୍ୟ ହୋଇଛନ୍ତି।


## ବିବେକାନନ୍ଦ ଶିକ୍ଷାକେନ୍ଦ୍ର

ଶ୍ରୀ ବିହାର, ସାନବେଲାକୁଟି, ମୟୂରଭଞ୍ଜ

(ଓଡିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ଉତ୍କଳ ଶିକ୍ଷା ପରିଷଦ, ଓଡିଶାଙ୍କ ସହବନ୍ଧିତ)

Regd. No-4477/415/92, UDISE code - 21070807052

### ନାମଲେଖା ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚୀତ କରାଯାଉଛି କି ଆମ୍ଭ ଅନୁଷ୍ଠାନରେ ୨୦୨୪ - ୨୦୨୫ ଶିକ୍ଷା ବର୍ଷ ପାଇଁ ନୂତନ ନାମଲେଖା ଆସନ୍ତା ତା ୧.୪.୨୦୨୪ରିଖ ଠାରୁ ଆରମ୍ଭ ହେବ। ଆଗ୍ରହୀ ଛାତ୍ରଛାତ୍ରୀ / ଅଭିଭାବକ ଶିକ୍ଷାକେନ୍ଦ୍ର କାର୍ଯ୍ୟାଳୟରୁ ନାମଲେଖା ଫର୍ମ ସଂଗ୍ରହକରି ତା ୩୦.୪.୨୦୨୪ରିଖ ମଧ୍ୟରେ ନାମ ଲେଖାଇ ପାରିବେ। ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ଧାରା ୧୨(ସି) ଅନୁଯାୟୀ ପ୍ରଥମ ଶ୍ରେଣୀରେ ପ୍ରବେଶ କ୍ଷମତାର ୨୫% ସ୍ଥାନ ସୁବିଧାରୁ ବଞ୍ଚିତ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ଶିଶୁଙ୍କ ପାଇଁ ନିଃଶୁଳ୍କ ଶିକ୍ଷା ନିମିତ୍ତ ସଂରକ୍ଷିତ ରହିଛି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଆଗ୍ରହୀ ଛାତ୍ରଛାତ୍ରୀ / ଅଭିଭାବକ ଓଡିଶା ସରକାରଙ୍କ ୱେବ୍‌ସାଇଟ୍ - https://rteparadarshi.odisha.gov.in ପରିଦର୍ଶନ କରି ଅନ୍‌ଲାଇନ୍‌ରେ ନାମ ପଞ୍ଜିକରଣ କରି ଏହି ସୁବିଧା ହାସଲ କରି ପାରିବେ। ଏ ସଂପର୍କରେ ଅଧିକ ସୂଚନା ଆବଶ୍ୟକ କରୁଥିଲେ ଶିକ୍ଷାକେନ୍ଦ୍ର କାର୍ଯ୍ୟାଳୟ କିମ୍ବା ନିମ୍ନ ଫୋନ ନମ୍ବରରେ ଯୋଗାଯୋଗ କରିବା ପାଇଁ ଅନୁରୋଧ।

**ପ୍ରଧାନ ଆଚାର୍ଯ୍ୟା**

ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ସାନବେଲାକୁଟି, ମୟୂରଭଞ୍ଜ

ମୋ : ୮୯୧୭୫୭୦୫୩୭ / ୯୮୬୧୮୧୨୦୦୦ / ୯୮୫୩୩୩୮୭୪୧



## ବିବେକାନନ୍ଦ ଶିକ୍ଷାକେନ୍ଦ୍ର (ଆବାସିକ)

ବିବେକାନନ୍ଦ ବିହାର, ବଡସାହି, ମୟୂରଭଞ୍ଜ

(ଓଡିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ଉତ୍କଳ ଶିକ୍ଷା ପରିଷଦ, ଓଡିଶାଙ୍କ ସହବନ୍ଧିତ)

Regd. No-4477/415/92, UDISE code -21070300751

### ନାମଲେଖା ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚୀତ କରାଯାଉଛି କି ଆମ୍ଭ ଅନୁଷ୍ଠାନରେ ୨୦୨୪ - ୨୦୨୫ ଶିକ୍ଷା ବର୍ଷ ପାଇଁ ନୂତନ ନାମଲେଖା ଆସନ୍ତା ତା ୧.୪.୨୦୨୪ରିଖ ଠାରୁ ଆରମ୍ଭ ହେବ। ଆଗ୍ରହୀ ଛାତ୍ରଛାତ୍ରୀ / ଅଭିଭାବକ ଶିକ୍ଷାକେନ୍ଦ୍ର କାର୍ଯ୍ୟାଳୟରୁ ନାମଲେଖା ଫର୍ମ ସଂଗ୍ରହକରି ତା ୩୦.୪.୨୦୨୪ରିଖ ମଧ୍ୟରେ ନାମ ଲେଖାଇ ପାରିବେ। ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ଧାରା ୧୨(ସି) ଅନୁଯାୟୀ ପ୍ରଥମ ଶ୍ରେଣୀରେ ପ୍ରବେଶ କ୍ଷମତାର ୨୫% ସ୍ଥାନ ସୁବିଧାରୁ ବଞ୍ଚିତ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ଶିଶୁଙ୍କ ପାଇଁ ନିଃଶୁଳ୍କ ଶିକ୍ଷା ନିମିତ୍ତ ସଂରକ୍ଷିତ ରହିଛି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଆଗ୍ରହୀ ଛାତ୍ରଛାତ୍ରୀ / ଅଭିଭାବକ ଓଡିଶା ସରକାରଙ୍କ ୱେବ୍‌ସାଇଟ୍ - https://rteparadarshi.odisha.gov.in ପରିଦର୍ଶନ କରି ଅନ୍‌ଲାଇନ୍‌ରେ ନାମ ପଞ୍ଜିକରଣ କରି ଏହି ସୁବିଧା ହାସଲ କରି ପାରିବେ। ଏ ସଂପର୍କରେ ଅଧିକ ସୂଚନା ଆବଶ୍ୟକ କରୁଥିଲେ ଶିକ୍ଷାକେନ୍ଦ୍ର କାର୍ଯ୍ୟାଳୟ କିମ୍ବା ନିମ୍ନ ଫୋନ ନମ୍ବରରେ ଯୋଗାଯୋଗ କରିବା ପାଇଁ ଅନୁରୋଧ।

**ପ୍ରଧାନ ଆଚାର୍ଯ୍ୟା**

ବିବେକାନନ୍ଦ ଶିକ୍ଷାକେନ୍ଦ୍ର(ଆବାସିକ), ବଡସାହି, ମୟୂରଭଞ୍ଜ

ମୋ : ୯୮୬୧୮୧୨୦୦୦ / ୯୮୫୩୩୩୮୭୪୧ / ୭୦୦୮୫୮୬୬୭୯



## ବିବେକାନନ୍ଦ ଶିକ୍ଷାକେନ୍ଦ୍ର

ବିବେକ ବିହାର, ପ୍ରତାପପୁର, ମୟୂରଭଞ୍ଜ

(ଓଡିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ଉତ୍କଳ ଶିକ୍ଷା ପରିଷଦ, ଓଡିଶାଙ୍କ ସହବନ୍ଧିତ)

Regd. No-4477/415/92, UDISE code -21070315951

### ନାମଲେଖା ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚୀତ କରାଯାଉଛି କି ଆମ୍ଭ ଅନୁଷ୍ଠାନରେ ୨୦୨୪ - ୨୦୨୫ ଶିକ୍ଷା ବର୍ଷ ପାଇଁ ନୂତନ ନାମଲେଖା ଆସନ୍ତା ତା ୧.୪.୨୦୨୪ରିଖ ଠାରୁ ଆରମ୍ଭ ହେବ। ଆଗ୍ରହୀ ଛାତ୍ରଛାତ୍ରୀ / ଅଭିଭାବକ ଶିକ୍ଷାକେନ୍ଦ୍ର କାର୍ଯ୍ୟାଳୟରୁ ନାମଲେଖା ଫର୍ମ ସଂଗ୍ରହକରି ତା ୩୦.୪.୨୦୨୪ରିଖ ମଧ୍ୟରେ ନାମ ଲେଖାଇ ପାରିବେ। ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ଧାରା ୧୨(ସି) ଅନୁଯାୟୀ ପ୍ରଥମ ଶ୍ରେଣୀରେ ପ୍ରବେଶ କ୍ଷମତାର ୨୫% ସ୍ଥାନ ସୁବିଧାରୁ ବଞ୍ଚିତ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ଶିଶୁଙ୍କ ପାଇଁ ନିଃଶୁଳ୍କ ଶିକ୍ଷା ନିମିତ୍ତ ସଂରକ୍ଷିତ ରହିଛି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଆଗ୍ରହୀ ଛାତ୍ରଛାତ୍ରୀ / ଅଭିଭାବକ ଓଡିଶା ସରକାରଙ୍କ ୱେବ୍‌ସାଇଟ୍ - https://rteparadarshi.odisha.gov.in ପରିଦର୍ଶନ କରି ଅନ୍‌ଲାଇନ୍‌ରେ ନାମ ପଞ୍ଜିକରଣ କରି ଏହି ସୁବିଧା ହାସଲ କରି ପାରିବେ। ଏ ସଂପର୍କରେ ଅଧିକ ସୂଚନା ଆବଶ୍ୟକ କରୁଥିଲେ ଶିକ୍ଷାକେନ୍ଦ୍ର କାର୍ଯ୍ୟାଳୟ କିମ୍ବା ନିମ୍ନ ଫୋନ ନମ୍ବରରେ ଯୋଗାଯୋଗ କରିବା ପାଇଁ ଅନୁରୋଧ।

**ପ୍ରଧାନ ଆଚାର୍ଯ୍ୟା**

ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ପ୍ରତାପପୁର, ମୟୂରଭଞ୍ଜ

ମୋ : ୭୯୭୮୨୩୯୧୪୦ / ୯୮୬୧୮୧୨୦୦୦ / ୯୮୫୩୩୩୮୭୪୧



## ଶାଣ୍ଡିଲ୍ୟ ବିବେକ ଶିକ୍ଷାକେନ୍ଦ୍ର

ଧରମପୁର, ଫୁଲାଡ଼ି, ବାଲେଶ୍ୱର

UDISE CODE- 21080909781

### ନାମ ଲେଖା ଚାଲୁଅଛି

ଏତଦ୍ଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଶାଣ୍ଡିଲ୍ୟ ବିବେକ ଶିକ୍ଷାକେନ୍ଦ୍ର, ଧରମପୁର, ଫୁଲାଡ଼ି ବାଲେଶ୍ୱରର ନାମ ଲେଖାଇବାକୁ ଇଚ୍ଛୁକ ଥିବା ଛାତ୍ରଛାତ୍ରୀମାନଙ୍କର ଅଭିଭାବକ ଅଭିଭାବିକାଙ୍କ ନିମନ୍ତେ ଶିକ୍ଷାଧିକାର ଆଇନ ୨୦୦୯ ଧାରା ୧୨ (ସି) ଅନୁଯାୟୀ ନିଃଶୁଳ୍କ ନାମ ଲେଖା ଶିକ୍ଷା ବର୍ଷ ୨୦୨୪-୨୫ www.rteparadarshiodisha.gov.in ପାଇଁ ପୋଟାଲ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଅଛି । ସାମାଜିକ ଓ ଆର୍ଥିକ ଅନଗ୍ରସର (ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶୈକ୍ଷିକ ଅନଗ୍ରସର, ଭିନ୍ନକ୍ଷମ, ଏଚଆଇଭି ଆକ୍ରାନ୍ତ ପିତାମାତାଙ୍କ ଶିଶୁ, ଶିଶୁ ଶ୍ରମିକ ଓ ପଥପ୍ରାପ୍ତ) ଶିଶୁମାନଙ୍କ ପାଇଁ ୨୫% ସ୍ଥାନ ସଂରକ୍ଷଣ ରହିଛି ।

**ପ୍ରଧାନ ଆଚାର୍ଯ୍ୟା**

ଶାଣ୍ଡିଲ୍ୟ ବିବେକ ଶିକ୍ଷାକେନ୍ଦ୍ର
ଧରମପୁର, ଫୁଲାଡ଼ି, ବାଲେଶ୍ୱର

ଯୋଗାଯୋଗ:- ୯୯୩୭୪୭୦୮୮୯, ୯୫୮୩୭୪୬୧୫୯



## ବିବେକାନ୍ଦ ଆଦର୍ଶ ଶିକ୍ଷାକେନ୍ଦ୍ର

ଗରସଙ୍ଗ, ବାଲେଶ୍ୱର

UDISE- 21080611971

### ନାମ ଲେଖା ଚାଲୁଅଛି

ଏତଦ୍ଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବିବେକାନ୍ଦ ଆଦର୍ଶ ଶିକ୍ଷାକେନ୍ଦ୍ର, ଗରସଙ୍ଗ, ବାଲେଶ୍ୱରର ନାମ ଲେଖାଇବାକୁ ଇଚ୍ଛୁକ ଥିବା ଛାତ୍ରଛାତ୍ରୀମାନଙ୍କର ଅଭିଭାବକ ଅଭିଭାବିକାଙ୍କ ନିମନ୍ତେ ଶିକ୍ଷାଧିକାର ଆଇନ ୨୦୦୯ ଧାରା ୧୨ (ସି) ଅନୁଯାୟୀ ନିଃଶୁଳ୍କ ନାମ ଲେଖା ଶିକ୍ଷା ବର୍ଷ ୨୦୨୪-୨୫ www.rteparadarshiodisha.gov.in ପାଇଁ ପୋଟାଲ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଅଛି । ସାମାଜିକ ଓ ଆର୍ଥିକ ଅନଗ୍ରସର (ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶୈକ୍ଷିକ ଅନଗ୍ରସର, ଭିନ୍ନକ୍ଷମ, ଏଚଆଇଭି ଆକ୍ରାନ୍ତ ପିତାମାତାଙ୍କ ଶିଶୁ, ଶିଶୁ ଶ୍ରମିକ ଓ ପଥପ୍ରାପ୍ତ) ଶିଶୁମାନଙ୍କ ପାଇଁ ୨୫% ସ୍ଥାନ ସଂରକ୍ଷଣ ରହିଛି ।

**ପ୍ରଧାନ ଆଚାର୍ଯ୍ୟା**

ବିବେକାନ୍ଦ ଆଦର୍ଶ ଶିକ୍ଷାକେନ୍ଦ୍ର
ଗରସଙ୍ଗ, ବାଲେଶ୍ୱର

ଯୋଗାଯୋଗ:- ୮୯୧୭୩୯୯୧୬୧, ୭୬୮୧୮୯୨୮୦୬


## ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ଦୁର୍ଘଟଣା ମୁକାବିଲା ପାଇଁ ପ୍ରଶାସନିକ ପ୍ରସ୍ତୁତି

ଭଦ୍ରକ, ୦୧/୩ (ନି.ପ୍ର): ଆଗାମୀ ଗ୍ରୀଷ୍ମ ଋତୁରେ ଗ୍ରୀଷ୍ମ ପ୍ରବାହ ଜନିତ ଦୁର୍ଘଟଣାର ମୁକାବିଲା ନେଇ ଗ୍ରୀଷ୍ମ ଋତୁର ଆଗମନ ପୂର୍ବରୁ ସଂପୃକ୍ତ ବିଭାଗୀୟ ପ୍ରସ୍ତୁତି ସମ୍ବନ୍ଧରେ ସମୀକ୍ଷା ଉଦ୍ଦେଶ୍ୟରେ ଜିଲ୍ଲା ସ୍ତରୀୟ ଗ୍ରୀଷ୍ମ ପ୍ରବାହ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ କୁମାର ପାତ୍ର, ଏ.ଏସ୍.ପି. ବାମଦେବ ସିଂ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଗତବର୍ଷ ସମେତ ଲଗାତର ବିଗତ ୪ ବର୍ଷ ଧରି ଭଦ୍ରକ ଜିଲ୍ଲାରେ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ଶୂନ ଥିବା ଜିଲ୍ଲା ପ୍ରଶାସନ ପାଇଁ ଏକ ଉତ୍ସାହପ୍ରଦ ବିଷୟ। ଚଳିତ ବର୍ଷ ପାଇଁ ମଧ୍ୟ ତାହା ବଜାୟ ରଖିବାକୁ ସମସ୍ତ ସଂପୃକ୍ତ ବିଭାଗୀୟ ପ୍ରସ୍ତୁତି ତତ୍ପର ରହିବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକର ପ୍ରାରମ୍ଭରେ ଦୃଶ୍ୟ ଫଳକ ଜରିଆରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ତନ୍ମିତା କର ସଂପୃକ୍ତ ସମସ୍ତ ବିଭାଗୀୟ ଦାୟିତ୍ୱ ଓ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ସମ୍ବନ୍ଧରେ ଉପସ୍ଥାପନ କରିଥିଲେ। ଗ୍ରୀଷ୍ମ ପ୍ରବାହ ମୁକାବିଲାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ସ୍ୱାସ୍ଥ୍ୟ, ପାନୀୟ ଜଳ, ପ୍ରାଣୀ ସମ୍ପଦ, ଶିକ୍ଷା, ଅଙ୍ଗନବାଡ଼ି, ବସଚଳାଚଳ, ଶ୍ରମିକ କଲ୍ୟାଣ, ଆଦି ନେଇ ସଂପୃକ୍ତ ବିଭାଗୀୟ ମୁଖ୍ୟଙ୍କ ତଥ୍ୟ ଉପସ୍ଥାପନ ଆଧାରରେ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରି ଆବଶ୍ୟକ ମତେ ପ୍ରସ୍ତୁତି ଓ ସଜାଗ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସୂଚନା ମତେ ଅଂଶୁଘାତ ପୀଡ଼ିତ ରୋଗୀଙ୍କ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏ.ସି. ବ୍ୟବସ୍ଥା ଥାଇ ସ୍ୱତନ୍ତ୍ର କକ୍ଷ, ୬ଟି ଶଯ୍ୟା, ଆଇସ୍ ବ୍ୟାଗ ସହିତ ଆନୁସଙ୍ଗିକ ଔଷଧ ପତ୍ର, ଡାକ୍ତର ବ୍ୟବସ୍ଥା ମହଜୁଦ ରଖାଯାଇଛି। ପ୍ରତି ସି.ଏଚ୍.ସି.ରେ ମଧ୍ୟ ଅଂଶୁଘାତ ଜନିତ ଚିକିତ୍ସା ପାଇଁ ଥିବା ସ୍ୱତନ୍ତ୍ର କକ୍ଷ ବ୍ୟାବସ୍ଥା ଠିକ୍ ଭାବେ କାର୍ଯ୍ୟକାରୀ ଅଛି କି ନାହିଁ ତନଖି କରିବା ପାଇଁ ସି.ଡ଼ି.ଏମ୍.ଓଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ପାଇଲା ମାତ୍ରେ ଅଚଳ ନଳକୂପ ମରାମତି କରିବା, ପାଇପ୍ ଦ୍ୱାରା ପାନୀୟ ଜଳ ଯୋଗାଣ ନେଇ ଅଭିଯୋଗର ସମାଧାନ କରିବା, ଜଳଛତ୍ର ଖୋଲାଯିବା ବ୍ୟବସ୍ଥାରେ ଉପଯୁକ୍ତ ପାନୀୟ ଜଳ ରଖାଯିବା ସହ ପ୍ରତିଦିନ ପରିଷ୍କାର କରାଯିବା, ଗୋମେଷାଦି ମାନଙ୍କ ପାଇଁ ପାଣି କୁଣ୍ଡ ନିର୍ମାଣ, ଦିବା ୧୧ଟାରୁ ୩ ଟା ମଧ୍ୟରେ ଶ୍ରମିକ ମାନଙ୍କ ପାଇଁ ଶ୍ରମ ନିଷେଧ, ଶ୍ରମ ସ୍ଥାନରେ ଶ୍ରମିକ ମାନଙ୍କ ପାଇଁ ପାନୀୟଜଳ, ବିଶ୍ରାମସ୍ଥଳୀ ବ୍ୟବସ୍ଥା, ସ୍କୁଲ, ଅଙ୍ଗନବାଡ଼ି ପାଇଁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସମୟ ସୂଚୀର କାର୍ଯକାରୀତା, ବସ୍ ମାନଙ୍କରେ ଥଣ୍ଡା ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ସରଞ୍ଜାମ, ଅତ୍ୟଧିକ ଯାତ୍ରା ପରିବହନ ନିଷେଧ ଆଦି ଅଂଶୁଘାତ ମୁକାବିଲା ସମ୍ପୃକ୍ତ ପ୍ରସ୍ତୁତି ନେଇ ବୈଠକରେ ଆଲୋଚନା କରାଯାଇଥିଲା। ସଂପୃକ୍ତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ମୁଖ୍ୟ ଏବଂ ତହସିଲଦାରମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

## ମୋ ବ୍ୟାଙ୍କ ଉଦ୍‌ଘାଟନରେ ବିସ୍କୁଟ ବଂଟାକୁ ନେଇ ହୋହାଲ୍ଲା

ଚମ୍ପୁଆ, ୦୧/୩ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଙ୍ଗାମାଟିଆ ପଂଚାୟତ କାର୍ଯ୍ୟାଳୟ ଠାରେ ମୋ ବ୍ୟାଙ୍କ ଉଦଘାଟନ ସମୟରେ ଜଳଖିଆ ପରିବର୍ତ୍ତେ ବିସ୍କୁଟ ବାଂଟିବାରୁ ଉପସ୍ଥିତ ମହିଳା ମାନେ ପାଟିତୁଣ୍ଡ, ହୋହାଲ୍ଲା କରିଥିବା ଜଣା ପଡିଛି। ଖବର ଅନୁସାରେ, ରଙ୍ଗାମାଟିଆ ପଂଚାୟତ ବାସୀଙ୍କ ବ୍ୟାଙ୍କ କାରବାରକୁ ସୁବିଧା ଓ ସହଜ କରିବା ନିମନ୍ତେ ପଂଚାୟତ କାର୍ଯ୍ୟାଳୟ ଠାରେ କରାଯାଇ ଥିବା ମୋ ବ୍ୟାଙ୍କ ସେବା କେନ୍ଦ୍ର ଉଦଘାଟିତ ହୋଇ ଯାଇଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମ କୁ ରଙ୍ଗାମାଟିଆ ସରପଂଚ ପରିଚାଳନା କରି ଥିବାବେଳେ ଏଥିରେ ଯୋଗ ଦେବାପାଇଁ ପଂଚାୟତର ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ମାନଙ୍କୁ ଡକା ଯାଇଥିଲା। ସମସ୍ତେ ଉପସ୍ଥିତ ହୋଇ କାର୍ଯ୍ୟକ୍ରମରେ ସାମିଲ ମଧ୍ୟ ହୋଇଥିଲେ। ହେଲେ ଉଦଘାଟନୀ ଉତ୍ସବ ସରିବା ପରେ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ଜଳଖିଆ ନ ଦେଇ ଗୋଟିଏ ଗୋଟିଏ ପାଂଚ ଟଙ୍କିଆ ବିସ୍କୁଟ ଧରେଇ ଦିଆ ଯାଇଥିଲା। ଯାହାକୁ ନେଇ ମହିଳା ମାନଙ୍କ ଭିତରେ ପାଟି ତୁଣ୍ଡ ଆରମ୍ଭ ହୋଇଥିଲା। ଉପସ୍ଥିତ ଲୋକଙ୍କୁ ଜଳଖିଆ ଦେବା ପାଇଁ ବିଭାଗ ପକ୍ଷରୁ ଚାଳିଶ ହଜାର ଟଙ୍କା ଅନୁଦାନ ଦିଆ ଯାଇଥିଲେ ମଧ୍ୟ ସମସ୍ତଙ୍କୁ ପାଂଚ ଟଙ୍କିଆ ବିସ୍କୁଟ କାହିଁକି ଦିଆ ଗଲା ପ୍ରଶ୍ନ କରି ଅନୁଦାନ ପଇସା କୁ ବାଟ ମାରଣା କରିଥିବା ଅଭିଯୋଗ କରିଥିଲେ ଉପସ୍ଥିତ ମହିଳା। ଯାହାକୁ ନେଇ ହୋହାଲ୍ଲା, ପାଟିତୁଣ୍ଡ ପରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା।

ଶନିବାର, ମାର୍ଚ୍ଚ ୦୨, ୨୦୨୪

ଧ୍ୱନି ପ୍ରତିଧ୍ୱନି

# ସାରା ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ଆମ ବ୍ୟାଙ୍କ ସେବା ଉଦ୍‌ଘାଟନ

ଲଙ୍ଗଳେଶ୍ୱର ୨୯/୨(ନିପ୍ର)ସାରା ଓଡ଼ିଶାରେ ଆରମ୍ଭ ହେଲା ଦ୍ୱିତୀୟ ପର୍ଯ୍ୟାୟ ଆମ ବ୍ୟାଙ୍କ ସେବା ସରକାର ପ୍ରତି ପଞ୍ଚାୟତ ରେ ବ୍ୟାଙ୍କିଙ୍ଗ ସେବା ପାଇଁ ଏକ ଐତିହାସିକ ଓ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ଗ୍ରାମାଞ୍ଚଳ ର ବୃଦ୍ଧ, ବିକଳାଙ୍ଗ, ଗର୍ଭବତୀ ମହିଳା ଏବଂ ଏସ ଏଚ ଜି ଗୃପ ର ମହିଳା ମାନେ ବ୍ୟାଙ୍କ ସେବା ପାଇଁ ବହୁ ଅସୁବିଧାର ସମ୍ମୁଖିନ ହୋଇଆସୁଥିଲେ। ଆମ ବ୍ୟାଙ୍କ ଦ୍ୱାରା ଲୋକ ମାନେ ୧୫ ଗୋଟି ବ୍ୟାଙ୍କିଙ୍ଗ ସେବା ପାଇବାକୁ ଉପଲବ୍ଧ ଥିବା ବେଳେ ଏବେ ୬ ଗୋଟି ରାଷ୍ଟ୍ରାୟତ ବ୍ୟାଙ୍କସେବା( ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ବ୍ୟାଙ୍କ ଅଫ ଇଣ୍ଡିଆ, ପଞ୍ଜାବ ନେସନାଲ ବ୍ୟାଙ୍କ, ୟୁକୋ ବ୍ୟାଙ୍କ,ୟୁନିୟନ ବ୍ୟାଙ୍କ ଓ ବ୍ୟାଙ୍କ ଅଫ ବରୋଦା) ଯୋଗାଇ ଦେବାକୁ ଆଗେଇ ଆସିଥିବା ଜଣାପଡିଛି। ଏହାଦ୍ୱାରା ବୃଦ୍ଧ, ଗର୍ଭବତୀ ମହିଳା, ଏବଂ ଭିନ୍ନକ୍ଷମ, ଏସ ଏଚ ଜି ଗୃପ ମହିଳା ମାନେ ଏଥିରେ ଉପକୃତ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କହିବା ସହିତ ଆମ ବ୍ୟାଙ୍କ ସେବାକୁ ଉଦଘାଟନ କରିଥିଲେ। ତେବେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ ରେ ୧୨ଟି ପଞ୍ଚାୟତ ରେ ଆମ ବ୍ୟାଙ୍କ ଉଦଘାଟନ ହୋଇଥିଲା । ନାବରା , ବାହାର୍ଦ୍ଦା, ପତ୍ରଝଡା, ଚୋରମାରା,ରାଉତପଡା,ଗଡପଦଆ,ଦରଡା,କୁଳିଦା, ସାହାଡ଼ା, ପଞ୍ଚାୟତରେ ଆମ ବ୍ୟାଙ୍କ ଉଦଘାଟନ ହୋଇଥିଲାବେଳେ ନାବରା ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସରପଞ୍ଚ-ନଗେନ୍ଦ୍ର କୁମାର ସିଂ, ବିଜୟ କୁମାର କର, ସୁଦର୍ଶନ ବିଶ୍ୱ,ଦେବଜାନି ମହାନ୍ତି, ସାକର ହେମ୍ବ୍ରାମ ସମିତି ସଭ୍ୟ ସମସ୍ତ ଏସ ଏଚ ଜି ଗୃପ ର ମହିଳା, ସମେତ ବୁଦ୍ଧିଜୀବୀ, ଉପସ୍ଥିତ ଥିଲେ।



# ଜିଲ୍ଲାସ୍ତରୀୟ ବିଶ୍ୱ ହ୍ୱିଲଚେୟାର ଦିବସ ସମାରୋହ




ଭଦ୍ରକ, ୦୧/୩ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ଏବଂ ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ। ଆନ୍ତର୍ଜାତିକ ହ୍ୱିଲ ଚେୟାର ଦିବସ ସମାରୋହ ପାଳିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁଙ୍କ ଅଧ୍ୟକ୍ଷତାରେ ଚରମ୍ପାର ଉଗ୍ରସେନ ଭବନ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ସଂଯୋଜନା କରିଥିଲେ। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ କୁମାର ଦତ୍ତ ଏବଂ ଅନ୍ୟତମ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ରମୋହନ ଦାସ, ଜିଲ୍ଲା ସଂଯୁକ୍ତ ଅଧିକାରୀ ଓ ସି.ଆର.ଏସ୍.ଆର ସାଧାରଣ ସମ୍ପାଦକ ଭଗବାନ ପରିଡ଼ା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଭିନ୍ନକ୍ଷମ ସଶକ୍ତିକରଣ ସକାଶେ ଆନ୍ତରିକ ପ୍ରେମ ହିଁ ମହାମନ୍ତ୍ର ବୋଲି ପ୍ରକାଶ କରିବା ସହ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ କାର୍ଯ୍ୟ କରିବା ଆବଶ୍ୟକ ବୋଲି ବକ୍ତବ୍ୟ ଦେଇଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ ସ୍ୱାଗତ ସମ୍ଭାଷଣ ସହ ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ସଙ୍ଗୀତଜ୍ଞ ଭିନ୍ନକ୍ଷମ ମାଧବାନନ୍ଦ ସାହୁ, ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପ୍ରୟାସ ଅନୁଷ୍ଠାନ ସାଂସ୍କୃତିକ କାର୍ଯ୍ୟକ୍ରମ ଶୁଭେନ୍ଦୁ ବିଶ୍ୱାଳଙ୍କ ନେତୃତ୍ୱରେ ପରିବେଷଣ କରିଥିଲେ। ଜିଲ୍ଲା ଭିନ୍ନକ୍ଷମ ସଶକ୍ତିକରଣ ସଂଯୋଜକ ଜଳନ୍ଧର ମଣ୍ଡଳ ଧନ୍ୟବାଦ ଦେଇଥିଲେ। ସଂଗଠିକା ସୁମନ ଜେନା, ଭିପ୍ସା ନାୟକ, ସସ୍ମିତା ରାଉତ, ବିଦୁଶଙ୍କର ନାୟକ ପ୍ରମୁଖ ସମାରୋହ ପରିଚାଳନା କରିଥିଲେ।

# ୪୫ ଜଣ ବରିଷ୍ଠ ମହିଳା ପୁରୁଷ ଗଲେ ତୀର୍ଥଯାତ୍ରା

ବସ୍ତା,୦୧/୩ (ନି.ପ୍ର): ବସ୍ତାବ୍ଲକ ବରୁଣଗଡିଆ ପଞ୍ଚାୟତଅଧିନରେଥିବା ଗ୍ରାମ ଓ ସାହିରୁ ବରିଷ୍ଠ ନାଗରିକ ମାନେ ଆଜି ସଦାନନ୍ଦପୁର ଗ୍ରାମର ଜଗନ୍ନାଥ ମନ୍ଦିର ରେ ମହା ପ୍ରଭୁଙ୍କ ଆର୍ଶିବାଦନେଇ ଭାରତ ଭ୍ରମଣ ପାଇଁ ଓଡିଶା ସରକାରଙ୍କ ତ୍ରୀର୍ଥଯାତ୍ରା ଅଭିନବ ଯୋଜନାରେ ସାମିଲ ହେବାପାଇଁ ଛଅଜଣ ତ୍ରୀର୍ଥଯାତ୍ରୀଙ୍କୁ ସମ୍ବର୍ଦ୍ଧନା ଦେଇ ଗନ୍ତବ୍ୟ ସ୍ଥଳକୁ ପଠାଇଥିଲେ । ସେମାନେହେଲେ ରାମଚନ୍ଦ୍ର ଦାସଅଧିକାରୀ,ଜଗବନ୍ଧୁ ଦାସ, ପଞ୍ଚାନନ ରଣା,ମଞ୍ଜୁଲତା ରଣା,ରତିକାନ୍ତ ବେହେରା, ଶାନ୍ତିଲତା ବେହେରା, ପ୍ରମୁଖ ଏହିକାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ସମାଜସେବୀ ସୁବୋଧ ରାଉଳ, ନେତୃତ୍ୱ ନେଇଥିବାବେଳେ ଉକ୍ତ କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଚଳ ଯୁବନେତା ଗୋପାଳ ଚନ୍ଦ୍ର ଜେନା, ଅନ୍ତର୍ଯ୍ୟାମୀ ଦାସ, ମନୋରଞ୍ଜନ ଖିଲାର, ଲକ୍ଷଣ ଜେନା, ସୁବଳ ଦାସ ସହଯୋଗ କରିଥିଲେ । ସେହିପରି ପଞ୍ଚାୟତ ରେଥିବା ଏସଏଜି ମହିଳାଓ ପୁରୁଷ ଉପସ୍ଥିତଥିଲେ ବସ୍ତା ବ୍ଲକଠାରେ ମୋଟ ୪୫ ଜଣ ତ୍ରୀର୍ଥଯାତ୍ରୀଙ୍କୁ ବିଡିଓ ମୋହିନି ନାୟକ ଓ ସମାଜସେବୀ ଲକ୍ଷ୍ମୀଧର ଦାସ ପତାକା ଦେଖାଇ ଯାତ୍ରୀଗାଡି ଗୁଡିକୁ ଛାଡିଥିଲେ ।



# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



ନୀଳଗିରି , ୦୧/୩ (ନି.ପ୍ର): ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ନୀଳଗିରି ନିର୍ବାଚନ ମଣ୍ଡଳୀ ଔପଦା ବ୍ଲକ୍ ଅନ୍ତର୍ଗତ ଇଶ୍ୱରପୁର ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଆଜି ବାଲେଶ୍ୱରର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ୨ନଂ ଜିଲ୍ଲାପରିଷଦ ସଭ୍ୟା ଉଷାରାଣୀ ରାଉଳ, ଈଶ୍ୱରପୁର ସରପଞ୍ଚ ସାଧନା ମଲ୍ଲିକ, ସମିତିସଭ୍ୟା ସୁକାନ୍ତି ଦାସ ପ୍ରମୁଖଙ୍କ ଉପସ୍ଥିତରେ ପ୍ରାୟ ୫କୋଟି ୨୪ଲକ୍ଷ ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ବାଙ୍କିପଦା ଚନ୍ଦନ ପୋଖରୀ ଠାରୁ ଅରବିନ୍ଦ ସ୍କୁଲ ଛକ ଭାୟା ପଞ୍ଚଲିଙ୍ଗେଶ୍ୱର କଲେଜ , ଜେନାସାହି ପାଣିଗ୍ରାହୀ ଛକ, ତରତୁଆ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ଛକଠାରୁ ଅଣ୍ଡରା , ଭିମେଇ ପି.ଏମ.ଜି.ଏସ.ୱାଇ ରାସ୍ତା ଠାରୁ ବାହାବଳପୁର ପି.ଏମ.ଜି.ଏସ.ୱାଇ ରାସ୍ତା, ପିତାମସାହି ଠାରୁ ପି.ଡବ୍ଲ୍ୟୁ.ଡି ରାସ୍ତା ଏବଂ କ୍ରସର ଛକ ଗଗୁଆପଦା ଠାରୁ ତାରିଣୀ ମନ୍ଦିର ଛକ ଭାୟା ବାହାବଳପୁର ୟୁଜିୟୁପି ସ୍କୁଲ, ସାମଲସାହି ଠାରୁ ସନା ଦାସ ଘର ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ ପାଇଁ ଶିଳାନ୍ୟାସ କରାଯାଇଛି। ଦୀର୍ଘ ବର୍ଷ ଧରି ଉକ୍ତ ପଞ୍ଚାୟତର ବିଭିନ୍ନ ଗ୍ରାମଗୁଡିକ ଗମନା ଗମନରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ମାନ୍ୟବର ବିଧାୟକଙ୍କ ପ୍ରଚେଷ୍ଟାରେ ଏବେ ଏହାର ସମାଧାନ ହେଉଥିବାରୁ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି।

# ଶାଳଗାଁ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ଚରିତ୍ର ଓ ଜୀବନ ନିର୍ମାଣ

ବଡସାହି , ୦୧/୩ (ନି.ପ୍ର): ଶାଳଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଛାତ୍ର ଛାତ୍ରୀମାନଙ୍କର ଚରିତ୍ର ଓ ଜୀବନ ନିର୍ମାଣର ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ସନ୍ତୋଷ କୁମାର ଖଣ୍ଡା ଇକୋ ବ୍ଲକର ଶିକ୍ଷକ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରା । ସଭାପତିତ୍ୱ କରିଥିଲେ ଓ ଆଦର୍ଶ ଛାତ୍ର ଛାତ୍ରୀ ହେବା ପାଇଁ ଉତ୍ସାହିତ କରିଥିଲେ । ମୁଖ୍ୟ ଅତିଥି ଭାବରେ ଦଧିବାମନ ଜୀଉ ଦାସ ମହାରାଜ କୁରାଳମଠ, ନୟାଗଡରୁ ଯୋଗ ଦେଇ ଉତ୍ତମଛାତ୍ର ଛାତ୍ରୀ ଗଠନ ସମ୍ପର୍କରେ ଉପାଦେୟ ତଥ୍ୟ ପ୍ରଦାନ କରିଛନ୍ତି। ବର୍ତ୍ତମାନ ଯୁବ ଓ ଛାତ୍ର ଛାତ୍ରୀଙ୍କୁ ଟିଭି .ମୋବାଇଲ ପଥଭ୍ରଷ୍ଟ କରୁଛି । ଏଥିରୁ ବର୍ତ୍ତିବାପାଇଁ ଛାତ୍ର,ଛକ୍ଷତ୍ରୀ ମାନେ ଆଧ୍ୟତ୍ମିକ ଓ ନୈତିକ ଶିକ୍ଷା ଜରୁରୀ ବୋଲି କହିବା ସହ ବିଭିନ୍ନ ଉପାଦେୟତା ପାଠ୍ୟପୁସ୍ତକ ପଢିବା ଓ ଯୋଗ ଅଭ୍ୟାସର ଆବଶ୍ୟକତା ରହିଛି । ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ କଲେ ମାନସିକ ଶାରିରୀକ ସୁସ୍ଥ ରହିବା ରହିବା ସହିତ ଦୈନନ୍ଦିନ ସୂର୍ଯ୍ୟଙ୍କୁ ପ୍ରଣାମ କରିବା ସହିତ ଘରେ ଗୁରୁଜନ ତଥା ବିଦ୍ୟାଳୟର ଗୁରୁଜୀ ଗୁରୁମାଙ୍କୁ ପ୍ରଣାମ କରିବା ଫଳରେ ଛାତ୍ରଛାତ୍ରୀମାନଙ୍କ ପ୍ରତି ଭଗବାନଙ୍କର ଆର୍ଶୀବାଦ ଲାଭ ପ୍ରାପ୍ତ ହୋଇପାରିବା ସହିତ ଭବିଷ୍ୟତରେ ଜଣେ ଦେଶରେ ସୁନାଗରିକ ହୋଇ ଦେଶ ପାଇଁ କାର୍ଯ୍ୟ କରିପାରିବେ । ଏଥିରେ ପ୍ରଭାସ କୁମାର ନାୟକ, ଉମାକାନ୍ତ ସାସମଲ, ପ୍ରଭା କର କର .ଉପାଧାୟ, ଚିତ୍ତରଂଜନ ପୁହାଣ , ପ୍ରମୋଦ କୁମାର ବିନ୍ଧାଣୀ ଧର୍ମେନ୍ଦ୍ର ସିଂ ଓ ସରୋଜ କୁମାର ପଣ୍ଡା ଯୋଗଦେଇଥିଲେ । । ସର୍ବଶେଷରେ ହରେକୃଷ୍ଣ ମହାଳିକ ନବମ ଶ୍ରେଣୀର ଛାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।




# ବାଇକ ଉପରେ ଚଢ଼ିଗଲା ଟ୍ରେଲରଃ ବାଇକ ଚାଳକ ମୃତ




ପାରାଦୀପ, ୦୧/୩ (ନି.ପ୍ର): ପାରାଦୀପ ଗଡ ମାରୁତି କଣ୍ଟା ନିକଟରେ ଆଜି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି ।ଦ୍ରୁତ ଗତିରେ ଯାଉଥିବା ଏକ ଟ୍ରେଲର ବାଇକ ଉପରେ ଚଢି ଯିବାରୁ ଘଟଣା ସ୍ଥଳରେ ବାଇକ୍ ଆରୋହୀର ମୃତ୍ୟୁ ଘଟିଛି । ଘଟଣାରୁ ଜଣାଯାଏ ଆଜି ମଧ୍ୟାହ୍ନରେ ପାରାଦୀପକୁ କେନ୍ଦ୍ରାପଡା ଜିଲ୍ଲା ଯଦୁପୁର ଗ୍ରାମର ଅରକ୍ଷିତ ସାହୁ ଓଡି-୨୯-ଏଫ୍-୮୪୭୯ ନମ୍ବର ବିଶିଷ୍ଟ ହିରୋ ପ୍ୟାସନ୍ ମୋଟର ସାଇକେଲ୍ ଯୋଗେ ଆସୁଥିଲେ । ପାରାଦୀପ ଗଡ ମାରୁତି କଣ୍ଟା ନିକଟରେ ଓଡି-୦୨-ବିସି-୦୩୯୭ ନମ୍ବର ବିଶିଷ୍ଟ ଟ୍ରେଲର ଦୃତଗତିରେ ଆସି ଅରକ୍ଷିତଙ୍କ ମୋଟର ସାଇଲେକ୍କୁ ଧକ୍କା ଦେଇଥିଲା ଫଳରେ ଅରକ୍ଷିତ ବାଇକ୍ ସହ ତଳେ ପଡିଯିବା ବେଳେ ଟ୍ରେଲରଟି ତାଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା। ଘଟଣାସ୍ଥଳରେ ଅରକ୍ଷିତଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପାରାଦୀପ ଲକ୍ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ମୃତ ଦେହ କୁ ଉଦ୍ଧାର କରି ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇବା ସହ ଦୂର୍ଘଟଣା ଘଟାଇଥିବା ଟ୍ରେଲରକୁ ଅଟକ ରଖି ତଦନ୍ତ ଜାରୀ ରଖିଛି।

# ପାନୀୟଜଳ ଯୋଗାଣ ନ ହେବାରୁ ବ୍ଲକରେ ଗ୍ରାମବାସୀଙ୍କ ଧାରଣା

ବେତନଟୀ, ୦୧/୩ (ନି.ପ୍ର): ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରୁଥିଲା ବେଳେ ବିଭାଗୀୟ ଅଧିକାରୀ ମାନେ ତତ୍ପର ନଥିବାରୁ ତାହା ସୁଫଳ ମିଳିପାରୁ ନାହିଁ। ଏଥିପାଇଁ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଏହାର ସଠିକ ମଧ ତଦାରଖ କରୁନାହାନ୍ତି। ଏଭଳି ଗ୍ରାମ ବାସୀ ମାନଙ୍କ ର ଅସୁବିଧା ଲାଗି ରହୁଥିଲା ବେଳେ ନିର୍ବାଚିତ ପ୍ରତିନିଧି ମାନେ ଜନସାଧାରଣ ପ୍ରତି ଦୃଷ୍ଟି ଦେଉନଥିବା ରୁ ଗ୍ରାମବାସୀ ମାନେ ଗାଁ ରୁ ଆସି ବେତନଟୀ ବ୍ଲକ ସମ୍ମୁଖରେ ଧାରଣା ରେ ବସିଥିବା ଦେଖିବାକୁ ମିଳୁଛି ଏଭଳି ଘଟଣା ବେତନଟୀ ବ୍ଲକ ଅଧୀନ ଆଗ୍ରିଆ ପଞ୍ଚାୟତ ର ପାଟପୁର ଗ୍ରାମରେ ପାନୀୟ ଜଳ ର ସୁବିଧା ନଥିବାବେଳେ ନୂତନ ପାନୀୟ ଜଳ ପ୍ରକଳ୍ପ ରୁ ପାଣି ଯୋଗାଣ ହେଉନଥିବାରୁ ଆଜି ଗ୍ରାମବାସୀ ମାନେ ବେତନଟୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପାଟପୁର ଗ୍ରାମବାସୀ ଙ୍କ ଅଭିଯୋଗ ଅନୁସାରେ ଏହି ଗ୍ରାମରେ ପାନୀୟ ଜଳ ଓ ଗାଧୋଇବା ପାଇଁ ମଧ ପାଣି ର ସୁବିଧା ନାହିଁ। ଖରା ଦିନ ଆସୁଥିବା ବେଳେ ଏହି ପାଣିର ଅସୁବିଧା ଲାଗିବା ଜାଣି ସେମାନେ ଗତ ୨୧ ତାରିଖ ରେ ବେତନଟୀ ବିଡ଼ିଓ ଙ୍କୁ ଏହି ବିଷୟରେ ଅଭିଯୋଗ କରିଥିଲେ ଯେ ତାଙ୍କ ଗ୍ରାମ ରେ ୨ ବର୍ଷ ହେବ ବସୁଧା ଯୋଜନା ରେ ଏକ ପାନୀୟ ଜଳ ପ୍ରକଳ୍ପ କୋଠାବାଡ଼ି ଅଞ୍ଚଳ ରେ ନିର୍ମାଣ ହୋଇଛି। କୋଠକାଡି କୁ ଲାଗି ରହିଛି ପାଟପୁର ଗ୍ରାମ ଏହି ପ୍ରକଳ୍ପ ଦୁଇ ଗ୍ରାମ ପାଇଁ ପାନୀୟ ଜଳ ଯୋଗାଇ ଦେବା ପାଇଁ ବ୍ୟବସ୍ଥା ରହିଛି। ପ୍ରକଳ୍ପ କାମ ମଧ ସରିଛି। ବିଭାଗୀୟ ଅଧିକାରୀ ଙ୍କ ଅବହେଳା ପାଇଁ ପ୍ରକଳ୍ପ ର ପାନୀୟ ଜଳ ଯୋଗାଣ ହୋଇପାରୁ ନାହିଁ। ଏହି ଅଭିଯୋଗ ନେଇ ଗ୍ରାମବାସୀ ମାନେ ଧାରଣାରେ ବସିଥିଲେ। ଏହି ଧାରଣ ପରେ ବିଡ଼ିଓ ଧାରଣାକାରୀଙ୍କ ସହିତ ଆଲୋଚନା କରିବା ପରେ ବ୍ଲକ ଜେଇ ଆଜି ପ୍ରକଳ୍ପ ତଦାରଖ ପାଇଁ ଯାଇଥିବାର ଜଣାପଡିଛି। ପ୍ରକଳ୍ପ ରୁ ପାନୀୟ ଜଳ ଯୋଗାଣ ନହେଲେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଧାରଣାରେ ବସିଥିବା ଗ୍ରାମବାସୀ ମାନେ ହେଲେ ମାନସିଂ ମାରାଣ୍ଡି, ଟିପୁ ମୁର୍ମୁ, ବିକ୍ରମ ମାରାଣ୍ଡି, ସିଂଗରାୟ ମୁର୍ମୁ, ରଘୁନାଥ ଟୁଡୁ, ସଲମା ଟୁଡୁ, ବେଲହ ମାରାଣ୍ଡି, ହରିହର ମାରାଣ୍ଡି, ନମିତା ମହାନ୍ତ, ସୁମତୀ ମୁର୍ମୁ, ଲକ୍ଷ୍ମୀ ମହାନ୍ତ, ଫୁଲମଣୀ କିସ୍କୁ, ଜ୍ୱା ମୁର୍ମୁ, ରେଣ୍ଟାସୁକୁଲ ମୁର୍ମୁ ପ୍ରମୁଖ ଧାରଣାରେ ବସିଥିଲେ।



# ଆମେରିକା ସହ ଆଲୋଚନା କରିବାକୁ ଋଷ ପ୍ରସ୍ତୁତ- ପୁଟିନ

ମସ୍କୋ, ୦୧/୩ (ନି.ପ୍ର): ଋଷ ରାଷ୍ଟ୍ରପତି ଭ୍ଲାଦିମର ପୁଟିନ ଆମେରିକା ପ୍ରତି ନରମ ମନୋଭାବ ପୋଷଣ କରିଛନ୍ତି । ସେ କହିଛନ୍ତି ଯେ, ଆମେରିକା ସହିତ ଋଷ ଅସ୍ତ୍ରଶସ୍ତ୍ର-ନିୟନ୍ତ୍ରଣ ଆଲୋଚନା ପୁଣି ଥରେ ଆରମ୍ଭ କରିବାକୁ ପ୍ରସ୍ତୁତ । ପୁଟିନ ଏହି ଘୋଷଣା ନିଜ ବାର୍ଷିକ ରାଷ୍ଟ୍ର ନାମ ବାର୍ତ୍ତାରେ କରିଛନ୍ତି । ପୁଟିନଙ୍କ ଏହି ବାର୍ତ୍ତାକୁ ଦେଶରେ ସିଧା ପ୍ରସାରଣ କରାଯାଇଛି । ଆମେରିକା ସମ୍ବାଦ ତ୍ର ଦ ନ୍ୟୁୟର୍କ ଟାଇମ୍ସ ନିଜ ରିପୋର୍ଟରେ ଏହି ସୂଚନା ଦେଇଛନ୍ତି । ପୁଟିନ କହିଛନ୍ତି ଯେ, ପରମାଣୁ ବିବାଦର ବିଦ ଆଜି ।ଶ୍ଚାତ୍ୟ ଦେଶ ନେଉଛି। ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଛନ୍ତି ଯେ ୟୁକ୍ରେନ ଯୁଦ୍ଧରେ ସିଧାସଳଖ ହସ୍ତକ୍ଷେ କଲେ ପଶ୍ଚିମ ଦେଶ ପରମାଣୁ ପ୍ରତିକ୍ରିୟାର ସମ୍ଭାବନାକୁ ସାମ୍ନା କରିବାକୁ ପଡିବ ।

# ନିଖିଳ ଓଡିଶା ପ୍ୟାକ୍ସ ଓ ଲ୍ୟାମ୍ପସ୍ କର୍ମଚାରୀଙ୍କ ୩ଦଫା ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ



ଜଳେଶ୍ୱର , ୦୧/୩ (ନି.ପ୍ର): ରାଜ୍ୟରେ ୨୭୦୮ ପ୍ୟାକ୍ସ ଓ ଲ୍ୟାମ୍ପସର ୧୦ହଜାରରୁ ଅଧିକ କର୍ମଚାରୀ କାର୍ଯ୍ୟ କରି ଆସୁଛନ୍ତି । ରାଜ୍ୟ ସରକାରଙ୍କ ସମବାୟ ବିଭାଗରେ କାର୍ଯ୍ୟ କରି ବିଶେଷ କରି କୃଷି ଓ କୃଷକକୁ ବିଭିନ୍ନ ଯୋଜନାରେ ଋଣ, ସାର ବିହନ, କୀଟନାସକ ପ୍ରଦାନ, ଚାଷୀ ପଂଜିକରଣ, ବଳକା ଧାନ କ୍ରୟ ଓ ୫ଟି ଆଧାରରେ କମ୍ପୁଟରୀକରଣ ଆଦି କାର୍ଯ୍ୟ କରିଆସୁଛନ୍ତି । କିନ୍ତୁ ସରକାର ବିଭିନ୍ନ ବିଭାଗର କର୍ମଚାରୀଙ୍କ ପ୍ରତି ସଦୟ ହୋଇ ସରକାରୀକରଣ ଓ ବିଭିନ୍ନ ସହାୟତା ଘୋଷଣା କରୁଥିବା ବେଳେ ପ୍ୟାକ୍ସ ଓ ଲ୍ୟାମ୍ପସ କର୍ମଚାରୀଙ୍କ ପ୍ରତି ସେଭଳି ସୁବିଧା, ସୁଯୋଗ ଅଦ୍ୟାବଧି କରାଯାଇନାହିଁ । ଏ ସଂପର୍କରେ କର୍ମଚାରୀଙ୍କ ପକ୍ଷରୁ ବାରମ୍ବାର ବିଭାଗୀୟ ଉଚ୍ଚ ପଦସ୍ଥ କର୍ମକର୍ତ୍ତା ଓ ୫ଟି ସଚିବକୁ ଆବେଦନ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ତେଣୁ ଫେବୃଆରୀ ୧୩ ରାଜ୍ୟ କର୍ମଚାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜିଠାରୁ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ଜଳେଶ୍ୱରସ୍ଥିତ ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଶାଖା ସମ୍ମୁଖରେ କର୍ମଚାରୀମାନେ ଆନ୍ଦୋଳନରେ ବସିଥିଲେ । ସଭାପତି ଉଜ୍ଜଳ କୁମାର ପତି, ବିଧାନଚନ୍ଦ୍ର ଘୋଷ, ଅଜିତ୍ ଜେନା, ସୂର୍ଯ୍ୟକାନ୍ତ ଦାସ, ମୃତ୍ୟୁଞ୍ଜୟ ମହାନ୍ତି, ଜାଦବେନ୍ଦ୍ର ପ୍ରଧାନ, ମନୋଜ ଜେନା, ବାସୁଦେବ କର, ବିଶ୍ୱଜିତ୍ ଦାସ, ଦେବାଶିଷ ଚାଟାର୍ଜି, ପ୍ରଶାନ୍ତ ପଣ୍ଡା, ସୁଜୟ ଗିରି, ବିଶ୍ୱନାଥ ବିନ୍ଧାଣୀ, ଗଂଗାଦର ଅଣ୍ଡିଆ, ରାଜିବ ପ୍ରଧାନ, ଆଶିଷ ଜେନା, ଗୋପାଳ ଚନ୍ଦ୍ର ରାଉଳ, ଅନନ୍ତ ଜେନା, ବିଶିକେଶନ ନାଥ, ଅଭିଜିତ୍ ପତି, ଅଜୟ ସାହୁ ପ୍ରମୁଖ ଏହି ଆନ୍ଦୋଳନରେ ବସିଥିଲେ ।

# ପେଗର ପଡା ସୁରେନ୍ଦ୍ର ନାଥ ସାମଲ ଉପ୍ରା ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ବସ୍ତା , ୦୧/୩ (ନି.ପ୍ର): ବ୍ଲକଜିଲ୍ଲା ଶିକ୍ଷା ଅଧିନରେଥିବା ପେଗର ପଡା ସୁରେନ୍ଦ୍ରନାଥ ସାମଲ ଉପ୍ରା ବିଦ୍ୟାଳୟରେ ଶୁକ୍ରବାର ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁଙ୍କୁ ମାନପତ୍ର ଉତ୍ତରୀୟ ଓ ଉପଢୌକନ ଦେଇ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଧେନୁଖୋଜା ଏମି ସ୍କୁଲର ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମିଶ୍ର । ମୂଖ୍ୟଅତିଥି କୁଡିଆ ପଞ୍ଚାୟତ ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ବେହେରା, ମୂଖ୍ୟ ବକ୍ତା ଜିଲ୍ଲାପରିଷଦ ସଦସ୍ୟା ଦେବୀକା ସରେନ, ସମ୍ମାନୀତ ଅତିଥି କୁଡିଆ ପଞ୍ଚାୟତ ସମିତିସଭ୍ୟ ଜୟପ୍ରକାଶ ନାରାୟଣ ବେହେରା, ସିଆର ସି ପ୍ରଶାନ୍ତ ଦାସ ଯୋଗ ଦେଇ ଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ବିଦ୍ୟାଳୟର ସହକାରୀ ଶିକ୍ଷକ ସମ୍ଭୁନାଥ ବିଶ୍ୱାଳ, ଉପସ୍ଥିତ ଥିଲେ। ଶିକ୍ଷୟତ୍ରୀ ହେମଲତା ପଟନାୟକ, ଶିକ୍ଷୟତ୍ରୀ ନମିତା ନାୟକ, ଶିକ୍ଷୟତ୍ରୀ ସକୁନ୍ତଳା ଦଳାଇ.ଶିକ୍ଷକ ସେକ କଲିମୁଲ୍ଲା। ଏହି ବିଦ୍ୟାଳୟକୁ ଅବସର ଶିକ୍ଷକ ଲକ୍ଷ୍ମୀ ନାରାୟଣସାହୁ ପ୍ରତି ମୂହୁର୍ତ୍ତରେ ଜିବନକୁ ଉର୍ସର୍ଗିକୃତ କରି କୁନିକୁନି ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ଗଠନ କରିବାର ବିନ୍ଧାଣି ସାଜିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ବିଦ୍ୟାଳୟକୁ ଗଢି ତୋଳିବାର ସ୍ୱପ୍ନ ଦେଖିଥିଲେ ଗ୍ରାମର ପ୍ରହଲ୍ଲାଦ ସାମଲ, ନିତ୍ୟାନନ୍ଦ ପାତ୍ର, ଶରତ ଦାସ, ବୌଦ୍ଧନାଥପାତ୍ର , ଗଣେଶ୍ୱର ପାତ୍ର, କୌସିକ ରଣା, ଶିରିସ ଦାସ, ସୁବ୍ରତ ପାତ୍ର, ବାପୁନ ପାତ୍ର, ଦିନବନ୍ଧୁ ମଲ୍ଲୀକ, ଅର୍ନ୍ତଯ୍ୟାମି ଜେନା, ଗଗନ ପ୍ରଧାନ, ଏହି ମାନଙ୍କର ଅବଦାନରେ ୧୯୮୯ମସିହାରେ ଚାଳ ଘରେ ଶୁଭାରମ୍ଭ କରିଥିଲେ। ହେଲେ ଆଜି କିନ୍ତୁ ରାଜ୍ୟ ସରକାରଙ୍କ ଅନୁକମ୍ପାରେ ଗଢି ଉଠିଛି ବିଲଡିଙ୍ଗ ତିଆରି ୨ଟି ଘର । ପିଲା ମାନେ ପଠପଢୁଛନ୍ତି ପୁଣିଏହି ବିଦ୍ୟାଳୟରେ୩୫ଜଣରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଛନ୍ତି। ସ୍କୁଲ କମିଟିର ସଭାପତି ଜନାର୍ଦ୍ଦନ ଦାସ,ନରେନ୍ଦ୍ର ରଣା, ରତିକାନ୍ତ ସାମଲ,ରମାକାନ୍ତ ଦାସ, ପୁରାତନ ଛାତ୍ର ସତ୍ୟଜିତ ଜେନା, ନଗେନ୍ଦ୍ର ଜେନା, ଅରବିନ୍ଦ ପରିଡା, ତ୍ରିଲୋଚନ ଦଳେଇ ଉପସ୍ଥିତଥିଲେ । ଶେଷରେ ଅଷ୍ଟାର ସହ ସମ୍ପାଦକ ଜୟନ୍ତ ଦାସ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମ ଶେଷ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo